

**ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଇସ୍ତଫା** ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 67 ଭାଗ ୩୪ | ସଂଖ୍ୟା ୬୭ | Friday 29 May 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୨୯ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ

# ଦୁଇ ବର୍ଷ ପୂର୍ତ୍ତିରେ ବିକାଶର ନୂଆ ନକ୍ସା



**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କଲେ ମୋଦି**

**ଉପଲବ୍ଧି ସାଙ୍ଗକୁ ନୂଆ ପରିକଳ୍ପନାର ମୂଳଦୁଆ**

**ବରିଷ୍ଠ ଅଧିକାରୀଙ୍କ ସହ ପ୍ରସ୍ତୁତି ନେଇ ଆଲୋଚନା**

ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ः ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟରେ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରୀନ ସିଗନାଲ ମିଳିଛି। ଆଜି ଭୁବନେଶ୍ୱରରେ ଏବିଭିପିର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହି ଅନୁରୋଧ ରକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିଲେ।

ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ୧୨ରୁ ୨୧ ଜୁନ୍ ପର୍ଯ୍ୟନ୍ତ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବ। ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ ଦେବେ ସରକାର। ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରାକ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି। ଦୁଇ ବର୍ଷରେ ବିଭିନ୍ନ ବିଭାଗର ସଫଳତା ଓ ଉପଲବ୍ଧି ନେଇ ବୈଠକରେ ଆଲୋଚନା ହୋଇଥିଲା।

ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ଏକକି ସରକାର ଗଠନ କରିଛି। ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ କିଭଳି କାର୍ଯ୍ୟକାରୀ କରାଯିବ, ସେନେଇ ସରକାର ଗଠନର ପ୍ରଥମ ଦିନରେ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଶିଳାନ୍ୟାସଠାରୁ ଆରମ୍ଭ ⊳ପୃଷ୍ଠା-୬

# ଭିଭିଆଇପିଙ୍କ ଗସ୍ତ ସୂଚନା ଲିକ୍ କଲେ କାର୍ଯ୍ୟାନୁଷ୍ଠାନ



**କେବଳ ଅଧିକୃତ ଅଧିକାରୀଙ୍କୁ ଶେୟାର ହେବ ସୂଚନା**

**ବେସରକାରୀ ମେସେଜିଂ ପ୍ଲାଟଫର୍ମ ବ୍ୟବହାର ନ କରିବାକୁ ପରାମର୍ଶ**

ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ः ଭିଭିଆଇପି ଗସ୍ତ ସୂଚନା ଲିକ୍ ନେଇ କଡ଼ା ସତର୍କତା। ସୋସିଆଲ ମିଡିଆରେ ସୁରକ୍ଷା ସୂଚନା ଶେୟାର୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଗୃହ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଭିଭିଆଇପି ଓ ଭିଆଇପିଙ୍କ ଗସ୍ତ ସମୟରେ ସୁରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ଲିକ୍ ହେଉଥିବା ଘଟଣାକୁ ଗୁରୁତର ସହ ନେଇ ରାଜ୍ୟ ସରକାର ଏହି ସତର୍କତା ଜାରି କରିଛନ୍ତି।

ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି, ଡିଜି ଓ ଆଇଜିଙ୍କ ସହ ଗୁପ୍ତଚର ବିଭାଗକୁ ଏହି ନିର୍ଦ୍ଦେଶ ପଠାଯାଇଛି। ଭିଭିଆଇପିଙ୍କ ମିନିଟ୍-ଟୁ-ମିନିଟ୍ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା ଓ ଅପରେସନାଲ ତଥ୍ୟ ଅନଧିକୃତ ଭାବେ ଶେୟାର୍ ହେଲେ ଗୁରୁତର ସୁରକ୍ଷା ତ୍ରୁଟି ସୃଷ୍ଟି ହେବ ବୋଲି ସରକାର ସଚେତନ କରିଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଏହି ଚିଠିରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ୨୪ ନଭେମ୍ବର ୨୦୨୫ର ଚିଠିକୁ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଗତ କିଛି ବର୍ଷ ଧରି ଭିଆଇପି ଗସ୍ତ ସମ୍ବନ୍ଧୀୟ ସୂଚନା ସୋସିଆଲ ମିଡିଆ ଓ ବ୍ୟକ୍ତିଗତ ମେସେଜିଂ ଆପ୍ ମାଧ୍ୟମରେ ଲିକ୍ ହେବାର ଅନେକ ଘଟଣା ସାମ୍ନାକୁ ଆସିଛି। ଏହା ଫଳରେ ସେହି ସୂଚନା ମିଡିଆ ଓ ଅନଧିକୃତ ବ୍ୟକ୍ତିଙ୍କ ହାତକୁ ପହଞ୍ଚୁଥିବାରୁ ସୁରକ୍ଷା ବିପଦ ବଢ଼ୁଛି।

ନୂତନ ନିର୍ଦ୍ଦେଶାବଳୀ ଅନୁସାରେ, ଭିଭିଆଇପିଙ୍କ ଗସ୍ତ ସମ୍ବନ୍ଧୀୟ ସୂଚନା କେବଳ ଅଧିକୃତ ଅଧିକାରୀଙ୍କ ସହ 'ନିଡ୍-ଟୁ-ନୋ- ଆଧାରରେ ମାତ୍ର ଶେୟାର୍ କରାଯିବ। ମିନିଟ୍-ଟୁ-ମିନିଟ୍ ପ୍ରୋଗ୍ରାମ, ସୁରକ୍ଷା ବ୍ୟବସ୍ଥା, ରୁଟ୍ ଚାର୍ଟ ଓ ଅନ୍ୟାନ୍ୟ ଅପରେସନାଲ ତଥ୍ୟ ସାଧାରଣ ମେସେଜିଂ ପ୍ଲାଟଫର୍ମ କିମ୍ବା ସୋସିଆଲ ମିଡିଆରେ ⊳ପୃଷ୍ଠା-୬

### ଭାରତୀୟ ଗବେଷକଙ୍କ ଦାବି
## ଚନ୍ଦ୍ରରେ ଅଛି ବରଫ

ବେଙ୍ଗାଲୁରୁ,୨୮।୫ः ଚାନ୍ଦ୍ରାୟଣ-୨ ସ୍ପେଶକ୍ରାଫ୍ଟରେ କାମ କରୁଥିବା ଭାରତୀୟ ଅନ୍ତରୀକ୍ଷ ବୈଜ୍ଞାନିକମାନେ ଚନ୍ଦ୍ରରେ ବରଫ ଥିବା ଆବିଷ୍କାର କରିଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁ ମାଟିତଳେ ବରଫ ପୋତି ହୋଇ ରହିଥିବା ଶକ୍ତ ପ୍ରମାଣ ହାତରେ ଲାଗିଛି ବୋଲି 'ଏପିଜେ ସ୍ପେଶ୍ ଏକ୍ସପ୍ଲୋରେସନ୍' ପତ୍ରିକାରେ ସେମାନେ ଦାବି କରିଛନ୍ତି। ଚନ୍ଦ୍ରାୟଣ-୨ ସ୍ପେଶକ୍ରାଫ୍ଟ ପଠାଇଥିବା ଫଟୋଗ୍ରାଫ୍ ବିଶ୍ଳେଷଣ କରିବାବେଳେ ସେମାନେ ଡବଲ-ଛାୟା ବିଶିଷ୍ଟ ସ୍ଥାନକୁ ଚିହ୍ନଟ କରିଛନ୍ତି। ଏହା ମାଟି ତଳେ ବରଫ ଥିବା ସୂଚନା ଦେଉଥିବା ସେମାନେ ଦାବି କରିଛନ୍ତି।

## ଇସ୍ରାଏଲ ଆକ୍ରମଣରେ ୧୪ ନିହତ

ବିରୁଟ୍,୨୮।୫ः ଗୁରୁବାର ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ଲେବାନନର ୧୪ ଜଣଙ୍କ ମୃତ୍ୟୁ ଘଟିଥିଛି। ଲେବାନନ ଓ ଇସ୍ରାଏଲ ଅଧିକାରୀମାନେ ୱାଶିଂଟନରେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକୁ ନେଇ କଥାବାର୍ତ୍ତା କରୁଥିବା ବେଳେ ଇସ୍ରାଏଲ ପକ୍ଷରୁ ଏଭଳି ଆକ୍ରମଣ ଉତ୍ତେଜନା ବୃଦ୍ଧି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଲେବାନନର ସରକାରୀ ଖବର ସଂସ୍ଥାକୁ ସୂଚନା ଦେଇ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଏହି ଆକ୍ରମଣରେ ଅଧିକ ଶିଶୁ ଓ ମହିଳା ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷରେ, ହିଜିବୁଲ୍ଲା ଆକ୍ରମଣରେ ଜଣେ ଇସ୍ରାଏଲ ସୈନିକ ନିହତ ହୋଇଥିବା ଇସ୍ରାଏଲ ପକ୍ଷରୁ ନିଶ୍ଚିତ କରାଯାଇଛି।

## ଇରାନ-ଆମେରିକା ହର୍ମୁଜମୁକ୍ତ ଲାଗି ସହମତ!

ୱାଶିଂଟନ୍,୨୮।୫ः ପାରସ୍ୟ ଉପସାଗରରେ ଇରାନ୍ ଓ ତେହେରାନ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିବା ବେଳେ ଦୁଇଦେଶକୁ ନେଇ ଏକ ଆଶ୍ୱସ୍ତ କରିବା ପରି ଖବର ଆସିଛି। ଖବର ସରବରାହ ସଂସ୍ଥା ଆକ୍ସିଓସ୍‌ର ରିପୋର୍ଟ ଅନୁଯାୟୀ, ଉଭୟ ଆମେରିକା ଓ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ କଟକଣା ଉଠାଇବା ସହିତ ଶୁଳ୍କମୁକ୍ତ ପରିବହନ ଲାଗି ସହମତ ହୋଇଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଆମେରିକାର ଅଧିକାରୀମାନଙ୍କ ସୂତ୍ରକୁ ଉଦ୍ଧାର କରି ଆକ୍ସିଓସ୍ କହିଛି ଯେ, ବିଶ୍ୱର ୨୦ ପ୍ରତିଶତ ତେଲ ଓ ଗ୍ୟାସ୍ ପରିବହନ ହେଉଥିବା ହର୍ମୁଜରୁ ପ୍ରତିବନ୍ଧକ ହଟାଇବା ଉପରେ ମୁଖ୍ୟତଃ ଆଲୋଚନା କେନ୍ଦ୍ରୀଭୂତ ହୋଇଥିଲା। ଏବେ ସେମାନେ କେବଳ ରାଷ୍ଟ୍ରପତିଙ୍କ ମଞ୍ଜୁରୀକୁ ଅପେକ୍ଷା କରିଛନ୍ତି।

### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା

# ପରୀକ୍ଷା ପ୍ରକ୍ରିୟା ତଦାରଖ କରିବ ପିଏମ୍‌ଓ



**ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି**

**ବାୟୁସେନା ବିମାନକୁ ମିଳିବ ପ୍ରଶ୍ନପତ୍ର ପରିବହନ ଦାୟିତ୍ୱ!**

ନୂଆଦିଲ୍ଲୀ,୨୮।୫ः ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ଜନଆକ୍ରୋଶ ସୃଷ୍ଟି ହୋଇଥିବା ବେଳେ ଏହାକୁ କେନ୍ଦ୍ର ସରକାର ଗୁରୁତର ସହ ନେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ସହ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଯୋଡ଼ି ହୋଇ ରହିଥିବାରୁ ସରକାର ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ସହ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପଶ୍ନପତ୍ର ପିଲାଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରାଯିବ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ବାସଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ଜୁନ୍ ୨୧ ତାରିଖରେ ନିଟ୍ ପୁନଃ ପରୀକ୍ଷା ହେବ ବୋଲି ସ୍ଥିର ହୋଇଛି। ଏଥିରେ ପାଖାପାଖି ୨୩ ଲକ୍ଷ ଛାତ୍ରଛାତ୍ରୀ ଭାଗନେବେ। ତେଣୁ ନିଟ୍ ପରୀକ୍ଷାକୁ କେମିତି ତ୍ରୁଟିଶୂନ୍ୟ କରାଯାଇପାରିବ, ସେ ସଂକ୍ରାନ୍ତରେ ସାନି ପଦକ୍ଷେପ ନେବା ଲାଗି ପ୍ରତିରକ୍ଷା ମନ୍ତ୍ରୀଙ୍କ ଘରେ ପ୍ରାୟ ୪୦ ମିନିଟ୍ ଧରି ହୋଇଥିବା ବୈଠକରେ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଛି। ଶୀର୍ଷ ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ପିଏମଓ ⊳ପୃଷ୍ଠା-୬

## ୨ ଆଇପିଏସଙ୍କୁ ବଡ଼ ଦାୟିତ୍ୱ



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ः ଓଡ଼ିଶା ସରକାର ଦୁଇ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅଖିଳେଶ୍ୱର ସିଂହଙ୍କୁ ଦକ୍ଷିଣ ପଶ୍ଚିମ ରେଞ୍ଜର୍ ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସ୍ପେଶାଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ (ଏସଆଇଡବ୍ଲ୍ୟୁ) ଡିଆଇଜି ଭାବେ ନିଯୁକ୍ତ ଶ୍ରୀ ସିଂହଙ୍କୁ ଦକ୍ଷିଣ ପଶ୍ଚିମ ରେଞ୍ଜରେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ୨୦୧୦ ବ୍ୟାଚ୍ ଆଇପିଏସ ଅଧିକାରୀ କନୱର ବିଶାଲ ସିଂହଙ୍କୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ)ର ଡିଆଇଜି ଭାବେ ବଦଳି କରାଯାଇଛି। ସେ ଏବେ ଦକ୍ଷିଣ ପଶ୍ଚିମ ରେଞ୍ଜ୍ ଡିଆଇଜି ଭାବେ କାର୍ଯ୍ୟ କରୁଛନ୍ତି।

### ସିବିଏସଇ ଓଏସ୍‌ଏମ୍ ପ୍ରକ୍ରିୟାରେ ତ୍ରୁଟି ନେଇ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା

# କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ କରାଯିବନି



ନୂଆଦିଲ୍ଲୀ,୨୮।୫ः କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିବିଏସଇର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ମୂଲ୍ୟାଙ୍କନ ପ୍ରକ୍ରିୟାରେ ହୋଇଥିବା ତ୍ରୁଟି ନେଇ ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଅନିୟମିତତା ପାଇଁ ଯଦି କେହି ଜାଣିଶୁଣି ଦାୟୀ ଥାଆନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ପୁନଃମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ସିବିଏସଇ ଅଧିକାରୀଙ୍କ ସହ ଆଜି ଏକ ସମୀକ୍ଷା ବୈଠକ କରି ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ସୂଚନା ଦେଇଛନ୍ତି। ଓଏସଏମ୍ ପ୍ରକ୍ରିୟା ଅଧୀନରେ କରାଯାଉଥିବା ବଡ଼ ଧରଣର ସ୍କାନିଂକୁ ନେଇ ଶିକ୍ଷାବିତ୍ ଚିନ୍ତା ପ୍ରକାଶ କରିଥିଲେ। ଏତେ ବଡ଼ ପରିମାଣର ଉତ୍ତର ପତ୍ର ସ୍କାନ କରିବାର କ୍ଷମତା ସମ୍ପୃକ୍ତ କମ୍ପାନି ପାଖରେ ଅଛି କି ନାହିଁ, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏହି ଚିନ୍ତା ପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସିବିଏସଇ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ। ଡିଜିଟାଲ ମୂଲ୍ୟାୟନ ପ୍ରଣାଳୀର ସମୀକ୍ଷା କରିବା ତଥା ଛାତ୍ର ଓ ଶିକ୍ଷା ବିଶେଷଜ୍ଞମାନେ ଉଠାଇଥିବା ଅଭିଯୋଗଗୁଡ଼ିକର ଯାଞ୍ଚ କରିବା ପାଇଁ ଆଇଆଇଟିର ଦୁଇ ଜଣ ବିଶେଷଜ୍ଞ ମଧ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

ବୈଠକ ପରେ ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଯେହେତୁ ⊳ପୃଷ୍ଠା-୬

# କଟକରେ ନୂଆ ଯୋଗୀ ବନାମ କୁହାଳିଆ ସଂଗଠକ



**ଦଳ ବଦଳାଇବା ପରେ ବିଜେଡି ଉପରେ ବର୍ଷିଲେ**

**ଦଳକୁ ତିନି ନମ୍ବରକୁ ନେଇଥିଲେ ଦେବାଶିଷ: ସୁବାସ**

କଟକ,୨୮।୫(ସଂଚାର ବ୍ୟୁରୋ)ः ବିଜେଡିରେ ଏବେ ମା' ବାପା ବୋଲି କେହି ନାହାନ୍ତି, ବିଜୁ ବାବୁଙ୍କୁ ଜାଣି ନ ଥିବା ଲୋକେ କରିଛନ୍ତି ବିଜୁ ଫାଉଣ୍ଡେସନ୍। ବିଜୁବାବୁଙ୍କୁ ସମ୍ମାନ ଦେବାରେ ବିଜେଡି ଅସମର୍ଥ ବୋଲି ବିଜେପିରେ ଯୋଗଦେବା ପରେ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ପୂର୍ବତନ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ବିଜେଡି ଛାଡ଼ିବା ପରେ ଦଳ ବିରୋଧରେ ବିଷୋଦଗାର କରି ଦେବାଶିଷ କହିଛନ୍ତି ଯେ ବିଜେଡିରେ ଥିବା ବେଳେ ସେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ନବୀନ ନିବାସକୁ ହଠାତ୍ ମୋତେ ଯିବାକୁ ମନା କରାଗଲା। ବିଜୁବାବୁଙ୍କୁ ଜାଣି ନ ଥିବା ଲୋକେ କରିଛନ୍ତି ବିଜୁ ଫାଉଣ୍ଡେସନ୍। ଦେବାଶିଷ ଆକଳନ କରିଛନ୍ତି ଯେ ଭୋଟର୍ ଏବେ ଜାତୀୟ ଦଳମୁହାଁ। ଦେଶରେ ଆଞ୍ଚଳିକ ଦଳ ଧୀରେ ଧୀରେ ଲୋପ ପାଉଛି। ⊳ପୃଷ୍ଠା-୬

# ବିଜେଡି ସଂସଦୀୟ ଦଳରେ ୨୦୦୨ର ସ୍ଥିତି!

## ରାଜ୍ୟସଭାରେ ବିଭାଜନ ଆଶଙ୍କା



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ः ବିଜେଡିରେ ୨୦୦୨ ସ୍ଥିତିର ପୁନରାବୃତ୍ତି ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ରାଜ୍ୟସଭାରେ ଥିବା ବିଜେଡିର ୫ଜଣିଆ ସଂସଦୀୟ ଦଳ ଦୁଇ ଫାଳ ହୋଇଯିବା ବୋଲି ଏବେ ଚର୍ଚ୍ଚା ପୁଣି ଥରେ ଘନେଇଛି। ଏହାକୁ ଭାଗ ଭାଗ କରିବା ପାଇଁ ବିଜେପି ଗୋଟି ଚଳାଉଥିବା ବେଳେ ବିଜେଡିର ଏକ ବଡ ଗୋଷ୍ଠୀ ବି ଏଭଳି ଭାଗ ସପକ୍ଷରେ ଥିବା ନେଇ ଆଲୋଚନା ହେଉଛି।

୨୦୦୨ରେ ଲୋକସଭାରେ ୧୦ଜଣିଆ ବିଜେଡି ସଂସଦୀୟ ଦଳ ମଧ୍ୟରୁ ପ୍ରସନ୍ନ ପାଟ୍ଟଶାଣୀ, ପ୍ରଭାତ ସାମନ୍ତରାୟ, କୁମୁଦିନୀ ପଟ୍ଟନାୟକ, ଜଗନ୍ନାଥ ମଲ୍ଲିକ, ପ୍ରସନ୍ନ ଆଚାର୍ଯ୍ୟ ଓ ଭର୍ତ୍ତୃହରି ମହତାବ ଅଲଗା ହେବାକୁ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ଅର୍ଜୁନ ସେଠୀଙ୍କୁ ସଂସଦୀୟ ଦଳ ନେତା ଓ ବ୍ରଜ ତ୍ରିପାଠୀଙ୍କୁ ମୁଖ୍ୟ ସଚେତକ ଭାବେ ନବୀନଙ୍କ ନିଷ୍ପତ୍ତିକୁ ଏହି ୬ ସାଂସଦ ବିରୋଧ କରିଥିଲେ। ସଂସଦୀୟ ଦଳ ଭାଙ୍ଗିବା ପରେ ଓଡ଼ିଶା ବିଧାନସଭାରେ ୭୦ ବିଧାୟକଙ୍କ ମଧ୍ୟରେ ବିଭାଜନ ପାଇଁ ଯୋଜନା ହୋଇଥିଲା। ହେଲେ ଠିକଣା ସମୟରେ ନବୀନ ଖେଳ ବିଗାଡ଼ି ଦେଇଥିଲେ। ହେଲେ ସେ ସମୟର ସ୍ଥିତି ଭିନ୍ନ ଥିଲା, ଏବେ ରାଜନୈତିକ ପାଣିପାଗ ଅଲଗା।

ଦେବାଶିଷ ଇସ୍ତଫା ଦେଇ ପଦ୍ମ ଧରିବା ପରେ ରାଜ୍ୟସଭାରେ ବିଜେଡିର ୫ ଜଣ ସଦସ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଦଳର ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର, ସୁଲତା ଦେଓ, ଡକ୍ଟର ସନ୍ତୃପ୍ତ ମିଶ୍ର ଓ ଶୁଭାଶିଷ ଖୁଣ୍ଟିଆ। ⊳ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆଳିରେ ମାଟି ଓ ଲଘୁ ଖଣିଜ ମାଫିଆ ସକ୍ରିୟ

## ଚୁପ୍ ବସିଛି ରାଜସ୍ୱ ବିଭାଗ

ଆଳି,୨୮।୫ (ସଂଚାର ବ୍ୟୁରୋ)ଃ ଆଳି ତହସିଲ ଅଧିନରେ ଥିବା ବାଲି ଓ ମାଟି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ମାଟି ମାଫିଆ ମାନେ ଦିନ ରାତି ଏକ କରି ଅନାବାଦି ଗୋଚର ଜମିରୁ ମାଟି ଲୁଟି ନେଉଥିବା ବେଳେ ରାଜସ୍ୱ ବିଭାଗ ନିଷ୍କ୍ରିୟ ହୋଇ ପଡିଛି । ସୂଚନା ଅନୁଯାୟୀ ଆଳି ତହସିଲ ଅଧୀନରେ ଥିବା ୩୪ ପଞ୍ଚାୟତର ରହିଥିବା ଅନାବାଦି ଗୋଚର ଜମିରୁ ମାଟି ମାଫିଆ ମାନେ ଜେସିବି ସାହାଯ୍ୟରେ ମାଟି ଖୋଲି ନେଇ ଟ୍ରାକ୍ଟର ଯୋଗେ ବୋହି ନେଇ ଖୁଲମଖୁଲା ବିକ୍ରି କରି ଲାଲେଲାଲ ହେଉଥିବା ବେଳେ ରାଜସ୍ୱ ବିଭାଗ



ଏଥିରେ ରୋକ ଲଗାଇ ପାରୁନି କିମ୍ବା ମାଟି ମାଫିଆଙ୍କ ଟେର ପାଉନି । ରାଜସ୍ୱ ବିଭାଗ ପକ୍ଷରୁ ମାଟି ଚୋରି ଉପରେ ରୋକ ଲାଗି ପାରୁ ନଥିବାରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି ।

ମାଟି ମାଫିଆ ମାନେ ଅନାବାଦି ଗୋଚର ସହ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀ କୁଳବର୍ତ୍ତୀ ଗ୍ରାମରେ ଥିବା ନଦୀପଠା ଗୁଡିକୁ ମଧ୍ୟ ତାଡ଼ି ନେଇ ଯାଉଛନ୍ତି । ମାଟି ମାଫିଆ ମାନେ ଅଟାଳ, ଜାମୁଦଣ୍ଡା ଓ ବାଳକାଟି ନିକଟରେ ଖୁଲମଖୁଲା ମାଟି ତାଢ଼ି ନେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଆଳି ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି । ଆଳି ତହସିଲ ପକ୍ଷରୁ ବିଭିନ୍ନ ସର୍କଲରେ ରାଜସ୍ୱ ନିରୀକ୍ଷକ ନିୟୋଜିତ କରିଥିବା ବେଳେ ରାଜସ୍ୱ ନିରୀକ୍ଷକ ମାନେ ରାଜସ୍ୱ କାର୍ଯ୍ୟାଳୟରେ ଅଫିସ ସମୟରେ ରହୁ ନଥିବାରୁ ସାଧାରଣ ଲୋକ ମାନେ ଅଭିଯୋଗ କରିବାକୁ ପହଞ୍ଚୁଥିଲେ ମଧ୍ୟ ଅଭିଯୋଗ କରି ପାରୁନାହାଁନ୍ତି ।

ଏ ନେଇ ଆଳି ତହସିଲ ପକ୍ଷରୁ ମାଟି ମାଫିଆଙ୍କ ଉପରେ ରୋକ ଲଗାଇବା ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କ ସ୍ମୃତିରେ ଦହି ସରବତ୍ ବଣ୍ଟନ




କେନ୍ଦ୍ରାପଡ଼ା,୨୮।୫ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରତିଭା ପୂଜା ସଂସଦ, କେନ୍ଦ୍ରାପଡା ପକ୍ଷରୁ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତିରେ ଦହି ସର୍ବତ ଓ ଥଣ୍ଡା ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଛି । ଅତ୍ୟଧିକ ଗରମ ଓ ଅସହ୍ୟ ଗୁଳୁଗୁଳିକୁ ଆଖି ଆଗରେ ରଖି କେନ୍ଦ୍ରାପଡା ସହରର ଜ୍ଞାନପୀଠ ଛକରେ ପଥଚାରୀମାନଙ୍କୁ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ ଦହି ସର୍ବତ ଓ ଥଣ୍ଡା ଗ୍ଲୁକୋଜ ପାଣି ପ୍ରଦାନ କରାଯାଇଥିଲା । ଏହାକୁ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ରାଜୀବଲୋଚନ ପଣ୍ଡା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ସୁଶୀଲ କୁମାର ସାମଲ, ଭାଗିରଥି ଜେନା, ଗୋଲଖ ପଢ଼ିଆରୀ, ଦେବେନ୍ଦ୍ର କୁମାର ଦାସ, ରଶ୍ମୀରଞ୍ଜନ ବେହେରା, ରମାକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ଅସହାୟ ପରିବାରକୁ ସମାଜସେବୀ ଅଜୟଙ୍କ ସହାୟତା ପ୍ରଦାନ



ଡେରାବିଶ,୨୮।୫ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ସ୍ୱର୍ଗତ ଗୌତମ ଜେନାଙ୍କ ପରିବାର ନିକଟରେ ଆଜି ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ଗୌତମ ଗତ ଏକ ବର୍ଷ ହେବ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆର୍ଥିକ ଅନାଟନ ଯୋଗୁଁ ଆବଶ୍ୟକୀୟ ଚିକିତ୍ସା ହୋଇନପାରି ଗତ ପାଞ୍ଚଦିନ ହେବ ତାଙ୍କର ମୃତ୍ୟୁ ଘଟିଛି। ଏକମାତ୍ର ରୋଜଗାରକ୍ଷମ ଗୌତମଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ଓ ଓ ଦୁଇଟି ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ଏହି ଖବର ପାଇ ଆପୂର୍ବାହ୍ନରେ ପ୍ରାଧ୍ୟାପକ ଶ୍ରୀ ରାଉତ ଗୌତମ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ମାହାଙ୍ଗା,୨୮।୫ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ଏବଂ କଂପାନୀ ପକ୍ଷରୁ ବିଦ୍ୟୁତ୍ ବିତରଣ ନିମନ୍ତେ ବିଭିନ୍ନ ଜାଗାରେ ରାସ୍ତାକଡରେ ଟ୍ରାନ୍ସଫରମର ବସାଯାଇଛି। ଏହି ଟ୍ରାନ୍ସଫରମର ଗୁଡିକ ଖୋଲା ମେଲାରେ ଏବଂ ବିପଦଶଙ୍କୁଳ ଅବସ୍ଥାରେ ରହିଅଛି। ଯାହା ଫଳରେ ପଥଚାରୀ, ବୁଲା ଗାଈଗୋରୁ, କୁକୁର ଆଦିଙ୍କ ପ୍ରତି ବିପଦ ରହିଛି।

ସୂଚନା ମୁତାବକ ପଲ୍ଲିସାହି ପଞ୍ଚାୟତ ଧାରୋଶ୍ୟାମସୁନ୍ଦରପୁର ଗ୍ରାମ ଦେବତୀ ନିକଟ ରାସ୍ତା କଡରେ ଟ୍ରାନ୍ସଫରମରଟି ରହିଥିବା ଦେଖିବାକୁ ମିଳିଛି। ଏହି ଟ୍ରାନ୍ସଫରମରଟି ବିପଦଶଙ୍କୁଳ ଅବସ୍ଥାରେ ରହିଅଛି। ଏହାର ଚତୁଃପାର୍ଶ୍ୱରେ ବଣଜଙ୍ଗଲ ରହିଥିବାବେଳେ ସୁରକ୍ଷା ବାଡ ନଥିବା ଦେଖିବାକୁ ମିଳିଛି। ତେଣୁ କେତେବେଳେ ଏହି ସ୍ଥାନମାନଙ୍କରେ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ତେଣୁ ବିଭାଗ ପକ୍ଷରୁ ତୁରନ୍ତ ଏହି ଖୋଲାମେଲାରେ ରହିଥିବା ଟ୍ରାନ୍ସଫରମର ଗୁଡିକର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ ସହ ସଫେଇ କରିବାକୁ ସାଧାରଣରେ ଦାବୀ ହୋଇଛି।

# ଧର୍ମପରାୟଣ ବୃଦ୍ଧଙ୍କ ପରଲୋକ



ଡେରାବିଶ,୨୮।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ଜଂଟିଲୋ ଗ୍ରାମର ଧର୍ମପରାୟଣ ଶୁକଦେବ ବାରିକ (୮୩)ଙ୍କ ଗତକାଲି ନିଜ ବାସଭବନରେ ପରଲୋକ ହୋଇଯାଇଛି। ସାଇବାବାଙ୍କ ପରମଭକ୍ତ ଓ ନିଷ୍ଠାପର ସେବକ ଶୁକଦେବ ସଭକ୍ତି ଗ୍ରାମଦେବତୀଙ୍କର ସେବା କରିଆସୁଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ରହିଥିଲେ। ସାଇବାବାଙ୍କ ଭକ୍ତଙ୍କ ପଟୁଆରରେ ଗ୍ରାମ ଶ୍ମଶାନକୁ ଶୁକଦେବଙ୍କୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଆଦର୍ଶ ଶିକ୍ଷକ ମନୋଜ କୁମାର ବାରିକ ମୁଖାଗ୍ନି ଦେଇଥିଲେ।

## ଆବାସ ଗୃହ ପାଇଁ ଦିବ୍ୟାଙ୍ଗ ମହିଳାଙ୍କୁ ଲାଞ୍ଚ ମାଗିବା ଘଟଣା

# ଜନୈକ ବିଜେପି କାର୍ଯ୍ୟକର୍ତ୍ତା ନିଲମ୍ବିତ



ନିଶ୍ଚିନ୍ତକୋଇଲି,୨୮।୫ (ସଂଚାର ବ୍ୟୁରୋ)ଃ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମ ୧୧ ନମ୍ବର ୱାର୍ଡର ଦିବ୍ୟାଙ୍ଗ ମହିଳା ବବିତା ପୃଷ୍ଟିଙ୍କଠାରୁ ଆବାସଗୃହ ପାଇଁ ହାତଗୁଞ୍ଜା ମାଗି ଜନୈକ ବିଜେପି କାର୍ଯ୍ୟକର୍ତ୍ତା ଦଳରୁ ନିଲମ୍ବିତ ହୋଇଥିବା ଜଣାଯାଇଛି। ଏହି ଲାଞ୍ଚ ମାଗିବା ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ନେମାଳ ବିଜେପି ମଣ୍ଡଳ ପକ୍ଷରୁ ସଭାପତି ମୀନକେତନ ମହାନ୍ତି ତାଙ୍କୁ ଦଳରୁ ନିଲମ୍ବିତ କରିଥିବା ନେଇ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମର ଦିବ୍ୟାଙ୍ଗ ବବିତା ପୃଷ୍ଟି ଏକ ଭଙ୍ଗା କୁଡିଆ ଘରେ ଦୀର୍ଘ ବର୍ଷ ହେବ ଅତ୍ୟନ୍ତ ଦୟନୀୟ ଭାବେ ବସବାସ କରୁଥିଲେ। ବିଜେପି ସରକାର ଆସିବା ପରେ ତାଙ୍କୁ ଅନ୍ତୋଦ୍ୟ ଗୃହ ଯୋଜନାରେ ଏକ ପକ୍କାଘର ଯୋଗାଇ ଦିଆଯାଇ ପ୍ରଥମ କିସ୍ତି ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିଲା। ଉକ୍ତ ଖବର ନେମାଳ ବିଜେପି ମଣ୍ଡଳ କାର୍ଯ୍ୟକର୍ତ୍ତା ଗଗନ ମଲିକ ଜାଣିବା ପରେ ସମ୍ପୃକ୍ତ ଦିବ୍ୟାଙ୍ଗ ମହିଳାଙ୍କ ଘରେ ପହଞ୍ଚି ତାଙ୍କୁ ୧୫ ହଜାର ଟଙ୍କା ହାତଗୁଞ୍ଜା ମାଗିଥିବା ନେଇ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ କାର୍ଯ୍ୟକର୍ତ୍ତାଙ୍କୁ ୧୫ ହଜାର ଟଙ୍କା ନମିଳିଲେ ସେ ବ୍ଲକ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ପାଉଥିବା ସମସ୍ତ ସୁବିଧା ସୁଯୋଗକୁ ବନ୍ଦ୍ କରିଦେବେ ଏବଂ ଆବାସ ଗୃହ ଯୋଜନା କରାଇ ନଦେବା ପାଇଁ ଧମକ ମଧ୍ୟ ଦେଇଥିଲେ। ବିଜେପି କାର୍ଯ୍ୟକର୍ତ୍ତାଙ୍କ ଏଭଳି ଧମକପୂର୍ଣ୍ଣ କଥା ପାଇଁ ବିଜେପି ପକ୍ଷରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।

# ମହୁମାଛି ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଆହତ

ଡେରାବିଶ,୨୮।୫ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଢିଅସାହିରେ ମହୁମାଛି ଆକ୍ରମଣରେ ୧୦ ଜଣ ଆହାତ ହେବା ସହ ୨ ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଚାନ୍ଦୋଳ-ଗୁଲରାହାଟ ପୂର୍ତ୍ତବିଭାଗ ରାସ୍ତା କଡ଼ରେ ପଲେଇ ଠାରେ ଥିବା ଏକ ଚାଖୁଣ୍ଡା ଗଛରେ ଏକ ବାଘୁଆ ମହୁମାଛି ୫ଫୁଟ ଗୋଲେଇର ଏକ ବିରାଟ ମହୁଫେଣା କରି ରହିଛନ୍ତି। ଗତ ତିନିଦିନ ହେବ ଏହି ମହୁମାଛି ଗୁଡ଼ିକ ଉଗ୍ର ହୋଇ ଏହି ରାସ୍ତାରେ ଯାଉଥିବା ଲୋକମାନଙ୍କ ସମେତ ସ୍ଥାନୀୟ ଦୋକାନୀମାନଙ୍କୁ ଆକ୍ରମଣ କରିବାରେ ଲାଗିଛି। ଏହି ମହୁମାଛିମାନଙ୍କ ଆକ୍ରମଣରେ ୧୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହାତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ଯାହା ଫଳରେ ଏହି ରାସ୍ତାରେ ଏକ ପ୍ରକାର ଯାତାୟତ ବନ୍ଦ ହେବା ସହ ସ୍ଥାନୀୟ ବଜାର ମଧ୍ୟ ବନ୍ଦ ହୋଇରହିଛି। ସେଠାରେ ରହିଥିବା ଏକ ମହାପୁରୁଷଙ୍କ ପୀଠକୁ ସକାଳ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜା କରିବାକୁ ଯିବା ବନ୍ଦ କରିଦେଇଛନ୍ତି। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରୁ ନଟବର ଓଝା, ଅରକ୍ଷିତ ଓଝା, ଯଦୁମଣି ଦାସ, ଖଗେଶ୍ୱର ସାହୁ, ଉତମ ଚରଣ ଓଝା, ନାରାୟଣ କୁମାର ଦାସ ପ୍ରମୁଖ ମହୁମାଛିମାନଙ୍କ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବନବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମହୁଫେଣାକୁ ଭାଙ୍ଗିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା



ମହାକାଳପଡା,୨୮।୫(ସଂଚାର ବ୍ୟୁରୋ)ଃ ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତର ଓଳପଦା ଗ୍ରାମରେ ବୁଧବାର ସନ୍ଧ୍ୟାରେ ସପନ ଗିରିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ ଓ ବିଭିନ୍ନ ଆବଶ୍ୟକୀୟ ଘରୋଇ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଗଭୀର ସମବେଦନା ଜଣାଇବା ସହିତ ସାଂସଦଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବଉଳକଣୀ ପଞ୍ଚାୟତର ଯୁବ ନେତା ଶ୍ରୀ ଜଗନ୍ନାଥ ଦଳାଇ, ବିଜେପି ସଭାପତି ବାବୁ ମଣ୍ଡଳ, ରଶ୍ମି ରଞ୍ଜନ ସାମଲ, ଭରତ ମଲ୍ଲିକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍ଏଚ୍୧୯ କାମ ଶୀଘ୍ର ସାରିବା ନେଇ ମୁଖ୍ୟଯନ୍ତ୍ରୀଙ୍କ ପ୍ରତିଶ୍ରୁତି

ନୀଳଗିରି,୨୮।୫ (ସଂଚାର ବ୍ୟୁରୋ)ଃ ଶେରଗଡ଼-ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥ (ଏସ. ଏନ.ଜେ), ଉକ୍ତ ରାସ୍ତାର ବିଭାଗୀୟ ଅଧିକାରୀଙ୍କ ଅପରିଣାମଦର୍ଶୀ କାର୍ଯ୍ୟର ପାଇଁ ଗତ ମଇ ୧୯ ତାରିଖ ନୀଳଗିରିର ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ମହାନ୍ତି ବାଲେଶ୍ୱର ଜିଲ୍ଲା ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧିକ୍ଷଣଯନ୍ତ୍ରୀ ଏବଂ ଉପଖଣ୍ଡ ମୁଖ୍ୟ ସହକାରୀ ଯନ୍ତ୍ରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ , ପୂର୍ତ୍ତମନ୍ତ୍ରୀ ଏବଂ ୱାର୍କ ସେକ୍ରେଟାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗର ୮ଦିନ ବିତିଯାଇଥିଲେ ମଧ୍ୟ ରାସ୍ତାକାର୍ଯ୍ୟର କୌଣସି ପଦକ୍ଷେପ ନିଆଯାଇନଥିବା ବେଳେ ସାମାଜିକ କର୍ମୀ ଶ୍ରୀଯୁକ୍ତ ମହାନ୍ତିଙ୍କୁ ବିଭାଗୀୟ କିମ୍ବା ପ୍ରଶାସନିକ ସ୍ତରରେ କୌଣସି ଉତ୍ତର ମିଳିନଥିଲା । ତେଣୁ ସାଧାରଣଜନତାଙ୍କ ସ୍ୱର ସାଜି ଆଗାମୀ ଜୁନ ୧୨ତାରିଖରେ ନୀଳଗିରି ରାସ୍ତା ଓ ଗୃହନିର୍ମାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ।

ଏନେଇ ଖବର ପ୍ରସାରଣ ପରେ ଆଜି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାଜ୍ୟ ମୁଖ୍ୟ ଯନ୍ତ୍ରୀ ଇଂ ଧ୍ୟାନଚାନ୍ଦ ନାୟକ ନୀଳଗିରି ଗସ୍ତରେ ଆସି ରାସ୍ତା ତଦାରଖ କରିବା ସହିତ ବାକି ଥିବା କାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ମହାନ୍ତିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ସୂଚନା ଥାଉକି କେନ୍ଦ୍ର ସରକାରଙ୍କ ଅବଦାନରେ ବାଲେଶ୍ୱର ଜିଲ୍ଲା ଶେରଗଡ଼ ଠାରୁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦାକୁ ସଂଯୋଗ କରୁଥିବା ୧୯ନଂ ରାଜ୍ୟ ରାଜପଥର ଶେରଗଡ଼ ନୀଳଗିରି ଝରଣଘାଟି (ଏସ. ଏନ. ଜେ) ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନୟନ ପାଇଁ ୧୨୫କୋଟି ଟଙ୍କା ମଂଜୁର ହୋଇ ବାଲେଶ୍ୱର ପୂର୍ତ୍ତବିଭାଗ -୧କୁ କାର୍ଯ୍ୟାଦେଶ ହୋଇଥିଲା। ତେବେ ଶେରଗଡ଼ରୁ ନୀଳଗିରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତାହେବାକୁ ଥିବାବେଳେ ଏହା ଏସ. ଆର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଚାରିଥାକିଆ ହୋଇଛି। ଫଳରେ ପେଟ୍ରୋଲ ପମ୍ପ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ୧୦ବର୍ଷ ମଧ୍ୟରେ ପ୍ରାୟ ୨୦ଜୀବନ ହାନୀ ହୋଇଥିବା ଜଣାଯାଇଛି। ଏଥିପାଇଁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଅପରିହାର୍ଯ୍ୟ ହୋଇପଡିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଶେରଗଡ଼ ଠାରୁ ଏସ ଆର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଏବଂ ନୀଳଗିରି ବସଷ୍ଟାଣ୍ଡ ଠାରୁ ସିମୁଳିଆ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇଥିବାବେଳେ ସିମୁଳିଆ ଛକ ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ୪୦୦ମିଟର ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନନିର୍ମାଣ ନହେବା ଫଳରେ ଚାଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଅନାବଶ୍ୟକ ସ୍ଥାନରେ ଗାର୍ଡୱାଲ ନକରି ଚାଷୀଙ୍କ ହିତରେ ବାକି ୪୦୦ମିଟର ରାସ୍ତାରେ ଡ୍ରେନନିର୍ମାଣ ସହିତ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କରିବାକୁ ଶ୍ରୀଯୁକ୍ତ ମହାନ୍ତି ଅଭିଯୋଗ କରିଥିଲେ।

# ରକ୍ଷଣାବେକ୍ଷଣ ନାହିଁ, ତଳେ ପଡ଼ିଛି 'ଆଇ ଲଭ୍ ବ୍ୟାସନଗର'



ଯାଜପୁର ରୋଡ଼, ୨୮।୫ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା ଛକ ଟାଉନ ହଲ ସମ୍ମୁଖ ଠାରେ ଇଂରାଜୀ ଅକ୍ଷରରେ ଲେଖା ହୋଇଥିବା ଆଇ ଲଭ ବ୍ୟାସନଗର ସେଲଫି ପଂଏଟ ସ୍ଥାନଟିର ଅବସ୍ଥା ଏବେ ଅତି ଶୋଚନୀୟ ହୋଇପଡ଼ିଛି। ଏଠାରେ ଅସ୍ୱଚ୍ଛମୟ ପରିବେଶ ସୃଷ୍ଟି ହୋଇଛି। ବ୍ୟାସନଗର ପୌର ସହରର ପରିଚୟ ଓ ସହରର ନାମକୁ ବୁଝାଉଥିବା ଆଇ ଲଭ ବ୍ୟାସନଗର ଇଂରାଜୀ ଅକ୍ଷରରେ ଲେଖା ଥିବା କିଛି ଅକ୍ଷର ଗୁଡିକ ଏବେ ତଳେ ପଡି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଏହି ଲେଖାର ସୁନ୍ଦରତା ବଢ଼ାଇବା ପାଇଁ ଲାଗିଥିବା ଲାଇଟ ଗୁଡ଼ିକ କୁଆଡେ ଏବେ ଉଭାନ ହୋଇଯାଇଛି। କିନ୍ତୁ ଏହି ସହରର ନାମ ଲେଖାର ସୁନ୍ଦରତା ନଷ୍ଟ ପ୍ରତି ପୌର ପରିଷଦ ପ୍ରଶାସନ କଳର ଦୃଷ୍ଟି କିପରି ପଡୁନଥିବା ତାହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ତେଣୁ ଏହି ଟାଉନ ହଲ ସମ୍ମୁଖ ଠାରେ ଥିବା ବ୍ୟାସନଗର ଲେଖା, ଲାଇଟ ଓ ସ୍ୱଚ୍ଛତା ପ୍ରତି ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ, ନଗରପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କାଟେଣୀଠାରେ 'ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ' ପାଳିତ



ଢେଙ୍କାନାଳ,୨୮।୫ (ସଂଚାର ବ୍ୟୁରୋ)ଃ ସଂପୂର୍ଣ୍ଣା ବିକାଶ ମଞ୍ଚ ଓ ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ହିନ୍ଦୋଳ ଆନୁକୁଲ୍ୟରେ କୁନୁଆ ପଞ୍ଚାୟତର କାଟେଣୀଠାରେ 'ବିଶ୍ୱ ଋତୁସ୍ରାବ ସ୍ୱଛତା ଦିବସ' ପାଳିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣା ବିକାଶ ମଞ୍ଚର ଆବାହିକା ତଥା ଜନତା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଧୀମତୀ ସୋନା ନାଏକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଧୀମତୀ ଉର୍ମିଳା ମିଶ୍ର, ଶିକ୍ଷୟିତ୍ରୀ, ଧୀମତୀ କଳାବତୀ ବୌଦ୍ଧ, ଉପ ସଭାପତି ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ହିନ୍ଦୋଳ, ଗୋଲାପ ନାଏକ, ସମାଜ ସେବୀ, ଧୀମତୀ ପ୍ରଭାତୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ, ଧୀମତୀ ମଧୁସ୍ମିତା ପ୍ରିୟଦର୍ଶିନୀ, ସମାଜ ସେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧୀମୀ ଗୌରୀଲତା ନାଏକ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ପଦ୍ମିନୀ ନାଏକ, ଢେଙ୍କାନାଳ ଯୋଗଦାନ କରି ମହିଳା ମାନଙ୍କ ସାମାଜିକ ଅଧିକାର, ସାମ୍ବିଧାନିକ ଓ ଆଇନଗତ ଅଧିକାର ସଂପର୍କରେ ଆଲୋଚନା କରିଥିଲେ।

ମହିଳାମାନଙ୍କର ଋତୁସ୍ରାବ ଏକ ଜୈବ ପରିବର୍ତ୍ତନ ଓ ଏହାକୁ ଲୋକମାନେ ଏକ କଳଙ୍କ, ଅସ୍ପୃଶ୍ୟତା ଭାବେ ପାଳନ କରୁଛନ୍ତି। ଏ ସମୟରେ ପରିସ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସଚେତନତା ଅବଲମ୍ବନ କରାଯିବା ଉଚିତ୍। ମାତ୍ର ସମୟକ୍ରମେ ଏହା ଏକ ଅନ୍ଧବିଶ୍ୱାସ ପାଖଣ୍ଡବାଦ ଭାବେ ଦଣ୍ଡାୟମାନ। ଋତୁ ସମୟରେ କୁମାରୀ ଝିଅମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିବା, ମହିଳା ମାନଙ୍କୁ ଅଛୁଆଁ ହୀନମନ୍ୟତା ଭାବି ମହିଳା ମାନଙ୍କଠାରୁ ଖାଦ୍ୟ,ପାଣି ଗ୍ରହଣ,ପୂଜା ପାଠ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଦରକାରୀ ଭାବେ ଗ୍ରହଣ କରାଯାଇଛି।ଏହି କଳଙ୍କିତ ଅଧ୍ୟାୟକୁ ବନ୍ଦ୍ କରି ମହିଳା ମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା କରିବା ଆବଶ୍ୟକ। ଏହାକୁ ଲଜ୍ଜା ବା ଅପମାନ ଭାବରେ ଗ୍ରହଣ ନକରି ଏକ ପ୍ରାକୃତିକ ପ୍ରକ୍ରିୟା ଭାବେ ଗ୍ରହଣ କରିବା ଉଚିତ। ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ଆଗକୁ ଆସି ଅନ୍ଧବିଶ୍ୱାସ, କୁସଂସ୍କାରକୁ ବିରୋଧକରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରହଣ କରିବା ଉଚିତ। ବିଶ୍ୱ ଋତୁସ୍ରାବ ସ୍ୱଛତା ଦିବସ ପାଳନକୁ ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମିମାନେ ଯୋଗଦାନ କରି ପ୍ରଶଂସା କରିଥିଲେ।

# ଶ୍ରୀବଳଦେବଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା, ୨୮।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବ ଜୀଉଙ୍କ ଦେବୋର ଟ୍ରଷ୍ଟ ବୋର୍ଡ ଓ ରଥନିର୍ମାଣ କମିଟିର ମିଳିତ ବୈଠକରେ ରଥନିର୍ମାଣ କାର୍ଯ୍ୟର ସମୀକ୍ଷା ଇଛାପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟର ଅଧ୍ୟକ୍ଷ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

ଏହି ବୈଠକରେ ୪ଟି ନୂଆ ଅଖ, ୧୦ଟି ନୂଆ ଚକ ନିର୍ମାଣ ସରିଥିବା ବେଳେ ନୂଆ ଘୋଡା, ପାଶ୍ୱର୍ ଦେବାଦେବୀ, ସିଂହ, ନର୍କୀ, ଓଲଟ ଶୁଆ, ସାରଥୀ ପ୍ରଭୃତି ନୂତନ ଭାବେ ସ୍ୱତନ୍ତ୍ର ମୂର୍ତ୍ତି କାରିଗରଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ସମ୍ପର୍କରେ ଟ୍ରଷ୍ଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ତଥ୍ୟ ଉପସ୍ଥାପନ କରିଥିଲେ । ଆସନ୍ତା ଜ୍ୟେଷ୍ଠପୂର୍ଣ୍ଣିମା ବେଳକୁ ଏହି ନୂଆ ରଥର ଚକ ଅଖରେ ସଂଯୋଗ କରାଯିବ । କାମାକ୍ଷାନଗର ରେଞ୍ଜ ଓ ସୁକିନ୍ଦା ରେଞ୍ଜରୁ ଆସିଥିବା କାଠଗଡ କରତକଳରେ ଚିରା ହେଉଛି। ଆବଶ୍ୟକ ପଡିଲେ ଆଉ ଅଧିକ କାଠ କିଣାଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ଜେନା କହିଛନ୍ତି । ରଥଚକଡାରେ ଥିବା ଡ୍ରେନ ପଛକୁ ହଟାଯାଇ ସେହି ସ୍ଥାନକୁ ସମତଳ କରାଯିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚନ୍ଦନ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁରହିଥିବା କଥା ସୂଚନା ଦିଆଯାଇଛି।

ମନ୍ଦିରରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମନ୍ଦିର ପରିସରରେ ଥିବା ୩୦ହଜାର ଲିଟର ଟାଙ୍କି ପାଇଁ ମାତ୍ର ୧ ଏଚପି ମୋଟରରେ ପାଣି ଉଠାଯାଉଥିବାରୁ ତାହା ମନ୍ଦିରର ଆବଶ୍ୟକତାକୁ ପୁରଣ କରିପାରୁନଥିବା ନିର୍ବାହୀ ଅଧିକାରୀ ଶ୍ରୀ ପତ୍ରୀ କହିଥିଲେ । ଏଥିନିମନ୍ତେ ବଡ ବୋରିଂ ଖୋଳା ଯାଇ ୮ ଇଞ୍ଚିଆ ପାଇପ ବସିବ। ଏଥିସହିତ ଅନ୍ୟୁନ ୧୦ ଏଚପି ମୋଟର ବସିଲେ ପାନୀୟ ଜଳର ସମସ୍ୟା ଦୂର ହୋଇପାରିବ ବୋଲି ଆଲୋଚନା କରାଯାଇ ନିଷ୍ପି ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ନିବେଦନ କରାଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ପଣ୍ଡିତ ହୃଷିକେଶ ରଥ, ପୂର୍ବତନ ପୌରାଧ୍ୟକ୍ଷ ତଥା ଟ୍ରଷ୍ଟି ଧିରେନ କୁମାର ସାହୁ,ରଥ କମିଟି ସଭ୍ୟ ରଞ୍ଜନ କୁମାର ପୃଷ୍ଟି, ରଘୁନାଥ ମହାରଣା,ଅନନ୍ତ ଚରଣ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବରିଷ୍ଠ ସାମ୍ବାଦିକ ଡା ଅବନୀ ମୋହନ ଦାସଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୮।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ଅଂଚଳର ବରିଷ୍ଠ ସାମ୍ବାଦିକ ବର୍ଷିଆନ ହୋମିଓ ପ୍ୟାଥିକ ଚିକିତ୍ସକ ଡା ଅବନୀ ମୋହନ ଦାସଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି ତାଙ୍କୁ ଗତ ୪ ଦିନ ତଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଜି ମଧ୍ୟାହ୍ନରେ ଡା ଶ୍ରୀ ଦାସ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ନିର୍ଭିକ ସାମ୍ବାଦିକ ତଥା ସଫଳ ହୋମିଓପ୍ୟାଥିକ ଚିକିତ୍ସକ ଭାବେ ତାଙ୍କର ସୁନାମ ରହିଛି । ବହୁ ଗରିବ ଶ୍ରେଣୀ ଲୋକଙ୍କୁ ମାଗଣାରେ ଚିକିତ୍ସା କରୁଥିଲେ ।



ବାର୍ଦ୍ଧକ୍ୟଜନିତ ରୋଗରେ ସେ ଦୀର୍ଘ ଦିନ ଧରି ଚିକିତ୍ସାଧୀନ ଥିଲେ ସ୍ୱର୍ଗତ ଡ଼ା ଶ୍ରୀ ଦାସ ରାଜ୍ୟସରକାରଙ୍କ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ଭାବରେ ଦୀର୍ଘ ଦିନ ଧରି କାର୍ଯ୍ୟକରୀ ଆସିଥିବା ବେଳେ ପଟ୍ଟାମୁଣ୍ଡାଇ ପ୍ରେସକ୍ଲବ୍ ର ସଭାପତି, କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ଓ ରାଜ୍ୟ ସାମ୍ବାଦିକ ସଙ୍ଘର ବରିଷ୍ଠ କର୍ମକର୍ତ୍ତା ଭାବେ ସେ କାର୍ଯ୍ୟ କରିଥିଲେ। ସାମ୍ବାଦିକ ମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସ୍ୱର୍ଗତ ଡ଼ା ଶ୍ରୀଦାସ ସର୍ବଦା କାର୍ଯ୍ୟରତ ଥିଲେ। ସ୍ୱର୍ଗତ ଡ଼ା ଶ୍ରୀଦାସ ରାଜ୍ୟ ଓ ଜାତୀୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ସାମ୍ବାଦିକ ସମ୍ମିଳନୀ ଓ ଆଲୋଚନା ଚକ୍ରରେ ଭାଗନେଇ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ପାଇଁ ଅନବରତ ଲଢ଼େଇ କରି ଆସୁଥିବାରୁ ତାଙ୍କୁ ସାମ୍ବାଦିକ ମାନଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ ବୋଲି ମତ ପ୍ରକାଶ ପାଇଛି।

ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ କଟକ ବଡ଼ ଡାକ୍ତରଖାନାରୁ ନିଜ ଗ୍ରାମ ପୋଖରୀୟାପଡ଼ାକୁ ଅଣାଯିବା ପରେ ରାତିରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ଗୋଟିଏ ଦିନ, ଗୋଟିଏ ବ୍ୟାନର, ଦୁଇଟି ର୍‌ୟାଲି

# ପିସିସି ପରେ ଛାତ୍ର କଂଗ୍ରେସରେ ବି ଫାଟ ଜଳଜଳ





ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ହେଲେ କଂଗ୍ରେସ ଏବେ ବି ଗୋଷ୍ଠୀ କନ୍ଦଳରୁ ବାହାରିପାରୁନି। ମୁଖିଆଙ୍କ ହାତରୁ ସଙ୍ଗଠନ ଖସି ଖସି ଯାଉଛି। କର୍ମୀ ଓ ନେତା କଂଗ୍ରେସର ହାତ ଛାଡୁଥିବା ବେଳେ ସଙ୍ଗଠନ ଭାଗ ଭାଗ ଅବସ୍ଥାରେ। ସମାନ୍ତରାଳ ସଙ୍ଗଠନ ଦଳପତିଙ୍କ ଚିନ୍ତା ବଢ଼ାଇଛି। ଏସବୁ ଦଳର ରଣ ସୁଝିବାକୁ ବରିଷ୍ଠଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତା। ପୂର୍ବରୁ ବରିଷ୍ଠ ନେତାଙ୍କ ଭିତରେ ମତଭେଦ ଥିବା ବେଳେ ଏବେ ଛାମୁଆ ସଙ୍ଗଠନରେ ବି ଫାଟ ଜଳଜଳ ହୋଇ ଦିଶିଲାଣି।

ଗୋଟିଏ ଦିନ, ଗୋଟିଏ ଦଳର ବ୍ୟାନର, ଗୋଟିଏ ଦଳର ସଙ୍ଗଠନ। ହେଲେ ଏକା ସମୟରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ଦଳରେ ଥିବା ଫାଟକୁ ପ୍ରମାଣିତ କରିଛି। ନିଟ୍ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ଦୁଇ ଭାଗ ହୋଇଯାଇଛି କଂଗ୍ରେସର ଛାତ୍ର ସଙ୍ଗଠନ। କଂଗ୍ରେସର ଉପର ସ୍ତରରେ ଥିବା ଗୋଷ୍ଠୀକନ୍ଦଳ ସମସ୍ତଙ୍କୁ ଜଣା। ହେଲେ କ୍ୟାନ୍ସର ବ୍ୟାଧି ଭଳି ଏହା ଛାତ୍ର ସଙ୍ଗଠନକୁ ମଧ୍ୟ ଗ୍ରାସ କରିଲାଣି। କଂଗ୍ରେସର ହାତ ବରିଷ୍ଠ ନେତା ଛାଡୁଥିବା ବେଳେ ଛାତ୍ର ଓ ଯୁବବର୍ଗଙ୍କ ପସନ୍ଦ ତାଲିକାରେ କଂଗ୍ରେସ ବହୁତ ପଛରେ। ଏହାସତ୍ତ୍ୱେ ମଧ୍ୟ ସଙ୍ଗଠନ ସଜାଡ଼ିବାକୁ ଯେପରି କାହାର ନିଘା ନାହିଁ। ବଡ଼ଙ୍କଠାରୁ ସାନ ଶିଖିବା ଭଳି, ଛାତ୍ର ଓ ଯୁବ କଂଗ୍ରେସରେ ନେତା ଯେତିକି ନାହାନ୍ତି, ତାହାଠାରୁ ଅଧିକ ଗୋଷ୍ଠୀ ସୃଷ୍ଟି ହେଲାଣି।

କେବଳ ଛାତ୍ର ଓ ଯୁବ ସଙ୍ଗଠନରେ ନୁହେଁ, କଂଗ୍ରେସର ମୂଳ ସଙ୍ଗଠନ ମଧ୍ୟ ଏବେ ଭାଗ ଭାଗ। ପିସିସି ସଭାପତିଙ୍କ କାର୍ଯ୍ୟ କରିବାର ତରିକା କଂଗ୍ରେସରେ ଗୋଷ୍ଠୀ କନ୍ଦଳକୁ ବଳ ଦେଉଛି। ସିଜିମାଳିରେ ଏହାର ଝଲକ ଦେଖିବାକୁ ମିଳିଥିଲା। ଭକ୍ତ ଓ ବରିଷ୍ଠ ନେତାଙ୍କ ବିନା ବିକ୍ଷୋଭ କରିଥିଲା ଯୁବ କଂଗ୍ରେସ। ଏହାବାଦ୍ ଭକ୍ତଙ୍କ ଏକଲା ଚଲୋ ନୀତି ପାଇଁ କଂଗ୍ରେସ ଭବନରେ ବରିଷ୍ଠଙ୍କ ପାଦ ପଡୁନି। ପ୍ରଭାରୀ ଓ ପିସିସି ସଭାପତିଙ୍କ ସମ୍ପର୍କରେ କାହିଁ କେତେ ଦିନ ଆଗରୁ ଭଙ୍ଗା ପଡ଼ିଥିବା ଚର୍ଚ୍ଚା ହେଉଛି। ଅସନ୍ତୁଷ୍ଟ ନେତା ଖୋଲା ବିଦ୍ରୋହ କରି ନ ଥିଲେ ମଧ୍ୟ ଭିତିରିଆ ଚିଠି ମାଧ୍ୟମରେ ଦିଲ୍ଲୀ ମୁଖିଆଙ୍କୁ ଏ ବାବଦରେ ଅବଗତ କରିଛନ୍ତି। ହେଲେ ହାଇକମାଣ୍ଡଙ୍କ ଆଶୀର୍ବାଦ ଥିବାରୁ ଭକ୍ତ ଏବେ ବି ସେଫ୍ ଜୋନ୍‌ରେ। ଏସବୁ ଭିତରେ ବରିଷ୍ଠଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି କିଛି ପୁରୁଖା ନେତା। ଓଡ଼ିଶାରେ ୨୬ ବର୍ଷ ହେବ କଂଗ୍ରେସ କ୍ଷମତା ନାହିଁ। ଗାଁଗାଁରେ କଂଗ୍ରେସ କର୍ମୀ ହନ୍ତସନ୍ତ ହେଉଛନ୍ତି। ବରିଷ୍ଠ ନେତାମାନେ କଂଗ୍ରେସଠାରୁ ବହୁତ କିଛି ପାଇଛନ୍ତି, ଏବେ ସେମାନଙ୍କ ପାଇଁ ଏକାଠି ହୋଇ କଂଗ୍ରେସ ରଣ ଶୁଝିବାର ସମୟ ଆସିଛି। ଯଦି ଏକାଠି ନହେବେ, ତା'ହେଲେ ଲୋକଙ୍କ ପାଖରେ ଋଣୀ ହୋଇ ରହିବେ ବୋଲି କହିଛନ୍ତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା। ସେହିଭଳି ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ବି କହିଛନ୍ତି ଯେ କଂଗ୍ରେସରେ ବରିଷ୍ଠ ନେତାମାନେ ଏକାଠି ହେଉନାହାନ୍ତି ବୋଲି ବାରମ୍ବାର ଦଳ ହାରୁଛି। ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଶରତ ରାଉତ କଂଗ୍ରେସରୁ ବହୁତ ପାଇଛନ୍ତି, ସେମାନେ କାହିଁକି ଏକାଠି ହେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ବାରଙ୍ଗ ଥାନାରେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା

# ଥାନାକୁ ଯିବାକୁ ଡରିଲେଣି ଲୋକେଃ ବିଜେଡି




ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଚରମ ଅଧୋଗତି ହେଉଛି। ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ଅଞ୍ଚଳର ଜଣେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ କରିଛି ପୁଲିସ। ଫଳରେ ଉକ୍ତ ଯୁବକ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ପୁଲିସର ଏହି ଦାୟିତ୍ୱହୀନତାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ସମ୍ପୃକ୍ତ ଯୁବକଙ୍କୁ ନ୍ୟାୟ ଦିଆଯାଉ ବୋଲି ବିଜେଡି ଦାବି କରିଛି। ଶଙ୍ଖ ଭବନଠାରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ ରାଜ୍ୟରେ ଯେବେଠାରୁ ବିଜେପି ସରକାର ଆସିଲାଣି ସେହିଦିନଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି।

କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକ, ନିଜ ସ୍ତ୍ରୀ ନିଖୋଜ ହୋଇଛନ୍ତି ବୋଲି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦୁଇ ଦିନ ପରେ କାଠଯୋଡ଼ି ପଠାରୁ ଏକ ମହିଳାଙ୍କ ଗଳିତ ଶବ ମିଳିଥିଲା। ପୋଲିସ କିଛି ନବୁଝି ରାକେଶଙ୍କୁ ଡକାଇ ଥାର୍ଡ ଡିଗ୍ରୀ ଦେଇଛି। ଲଗାତାର ତିନି ଦିନ ଧରି ଥାର୍ଡ ଡିଗ୍ରୀ ଯୋଗୁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପଟେ ରାକେଶଙ୍କ ସ୍ତ୍ରୀ ଜୀବିତ ଥିବା ଜଣାପଡ଼ିଛି। ଗୋଟିଏ ପଟେ ନିଖୋଜ ମହିଳା ଜୀବିତ ଥିବା ଜଣାପଡ଼ିଥିବା ବେଳେ ଅନ୍ୟପଟେ ଅପରିଚିତ ମହିଳାଙ୍କ ଗଳିତ ଶବ ସଠିକ ଚିହ୍ନଟ ନ କରି ବିନା କାରଣରେ ରାକେଶକୁ ଥାର୍ଡ ଡିଗ୍ରୀ ଦେଇ ଲହୁଲୁହାଣ କରିଛି ପୁଲିସ। କେବଳ ରାକେଶ ବେହେରା କଥା ନୁହେଁ, ସାରା ରାଜ୍ୟରେ ଏଭଳି ଅସଂଖ୍ୟ ଅଘଟଣ ଘଟିଲାଣି, ଏଥିପାଇଁ କେବଳ ଦାୟୀ ରାଜ୍ୟ ସରକାରଙ୍କ ଦିଶାହୀନ ଶାସନ ବ୍ୟବସ୍ଥା। ଏଠାରେ ପ୍ରଶ୍ନ ଉଠୁଛି ମିଳିଥିବା ଗଳିତ ଶବ କାହାର, କେଉଁ ଆଧାରରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଗଲା।

ଓଡ଼ିଶା ଏବେ ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ଯଦି ଏଥିରେ ସୁଧାର ନ ଆସେ, ଆଗାମୀ ଦିନରେ ବିଜେଡି ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବ। ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପସିତା ସାହୁ କହିଛନ୍ତି ଯେ ପୁଲିସ ଜାଣିଶୁଣି ଘଟଣାକୁ ଚପାଇଦେବା ପାଇଁ ରାକେଶଙ୍କ ପରିବାର ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି। ବିଜେଡିର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଚିକିତ୍ସାଧୀନ ରାକେଶଙ୍କୁ ମେଡିକାଲରେ ଭେଟିବ। ରାକେଶଙ୍କ ଜୀବନ ସହ ଯଦି କିଛି ଅଘଟଣ ଘଟେ, ତା'ହେଲେ ପୁଲିସ କମିଶନର, ଡିଜି ଓ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ ରହିବେ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

## କଟକରେ ପାଳିତ ହେଲା 'ବକ୍ରିଦ୍'



କଟକ, ୨୮।୫ (ସଂଚାର ବୁରୋ)ଃ ଗୁରୁବାର ପବିତ୍ର 'ଇଦ୍ ଉଲ୍ ଜୁହା' ବା 'ବକ୍ରିଦ୍' ଅବସରରେ କଟକ ସହରର କଦମ୍ ଏ ରସୁଲ୍, ଛୋଟି ମସଜିଦ ଓ ଇଦଗାହ ଆଦି ସ୍ଥାନରେ 'ଇଦ୍ ଉଲ୍ ଜୁହା' ପାଇଁ ସମୂହ ନମାଜ ପାଠ କରାଯାଇଛି। ତ୍ୟାଗ ଓ ସମର୍ପଣର ଏହି ପର୍ବକୁ ପାଳନ କରିବା ପାଇଁ ଭାଇଚାରାର ସହର କଟକ ସହରରେ ଥିବା ସମସ୍ତ ଛୋଟ ବଡ଼ ମସଜିଦରେ ନମାଜ ପାଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି କଦମ-ଏ-ରସୁଲ ଓ ଇଦଗାହ ପଡ଼ିଆରେ ଇଦ୍‌ର ନମାଜ ପାଠ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ଇଦଗା ପଡ଼ିଆରେ ଶେଷ ନମାଜ ପାଠ ହେଉଥିବାରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସେଠାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ପ୍ରାୟ ୭ ହଜାର ମୁସଲିମ ଭାଇମାନେ ଏଠାରେ ପ୍ରାର୍ଥନା କରିଥିଲେ। ଏପରିକି ଅନେକ ରାସ୍ତାରେ ବସି ମଧ୍ୟ ନମାଜ ପାଠ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି କେବଳ ମୁସଲିମ ନୁହନ୍ତି, ବିଭିନ୍ନ ଧର୍ମର ଲୋକେ ଏହି ପର୍ବରେ ସାମିଲ ହୋଇଥିଲେ। କିଛି ହିନ୍ଦୁ ମସଜିଦ ଆଗରେ ଲସି ସର୍ବତ ଆଦି ବାଣ୍ଟିବା ଦେଖାଯାଇଥିଲା। ଏହି ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଶନେଟ ପୋଲିସ ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଥିଲା। ଟ୍ରାଫିକ ନିୟନ୍ତ୍ରଣ ତଥା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## କଂଗ୍ରେସ କୋର୍ଡିନେସନ କମିଟି ଗଠିତ

କଟକ, ୨୮।୫(ସଂଚାର ବ୍ୟୁରୋ)ଃ ସଦର ନିର୍ବାଚନ ମଣ୍ଡଳୀର ୬ଟି ୱାର୍ଡକୁ ନେଇ ଏକ କୋର୍ଡିନେସନ କମିଟି ଗଠନ କରିଛନ୍ତି କଟକ ନଗର କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର। ଏଥିରେ ୪ଜଣ ମୁଖ୍ୟ ସଂଯୋଜକ ଥିବାବେଳେ ବାକି ୧୫ଜଣ ସଦସ୍ୟ ରହିଛନ୍ତି। ଏହି କମିଟି ୬ଗୋଟି ୱାର୍ଡ ଗସ୍ତକରି କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିବ। ୱାର୍ଡ କମିଟି ଗଠନ, ବ୍ଲକ୍ ଗଠନ ଇତ୍ୟାଦି କାର୍ଯ୍ୟ ପାଇଁ ସୁପାରିସ କରିବ। ନିର୍ମଳ ସ୍ୱାଇଁ, ରାଜେଶ ସ୍ୱାଇଁ, ପ୍ରୀୟଜିତ ରାୟ ଓ ସୌମେନ୍ଦ୍ର ପରିଡ଼ା ମୁଖ୍ୟ ସଂଯୋଜକ ରହିଥିବା ବେଳେ ସଦସ୍ୟ ଭାବେ ରଜନୀକାନ୍ତ ବସ୍ତିଆ, ରାଜଶିଖନ୍ ସ୍ୱାଇଁ, ଶରତ ଜେନା, ତନ୍ମୟ ପରିଜା, କେଶବ ଜେନା, ବୀରେନ ପଶାୟତ, ମନୋଜ ଜଟି, ସାଗର ବସ୍ତିଆ, ପ୍ରଦୀପ ସାହୁ, ସୁବ୍ରତ ସ୍ୱାଇଁ, ଉମେଶ ଛାଟୋଇ, ପ୍ରକାଶ ପାଣି, ରମେଶ ବେହେରା, ଅମରେନ୍ଦ୍ର ସାହୁ ଓ ପ୍ରଶାନ୍ତ ମହାପାତ୍ର ରହିଛନ୍ତି।

## ଓଡ଼ିଆ ନାବାଳିକାଙ୍କୁ ୟୁପିରେ ବିକ୍ରି ଅଭିଯୋଗ

କାମାକ୍ଷାନଗର,୨୮।୪(ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା। ମା'ଙ୍କ ଚିକିତ୍ସା ପାଇଁ ଟଙ୍କା ରୋଜଗାର କରିବାକୁ ଆସି ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ଜନୈକ ନାବାଳିକା। ନାବାଳିକା ଜଣଙ୍କ ଅଞ୍ଚଳର ପରିଚିତ ବ୍ୟକ୍ତିଙ୍କ ପରାମର୍ଶରେ ଭୁବନେଶ୍ୱର ଆସିଥିଲେ। ଟଙ୍କା ରୋଜଗାର କରି ମା'ଙ୍କୁ ଭଲ କରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଭୁବନେଶ୍ୱରରେ ପହଞ୍ଚିବା ପରେ ପରିଚିତ ବ୍ୟକ୍ତି ଜଣଙ୍କ ତାଙ୍କୁ ଲକ୍ଷେ ଟଙ୍କାରେ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ନାବାଳିକାଙ୍କୁ ଧରି ୟୁପିର ଝାନ୍ସି ଯାଇଥିଲେ। ସେଠାରେ କିଣିଥିବା ବ୍ୟକ୍ତି ଜଣଙ୍କ ତିନି ମାସ ଧରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଗର୍ଭନଷ୍ଟ କରାଇ ଆଉ ଜଣକୁ ୫୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ସେଠାରେ ମଧ୍ୟ ନାବାଳିକା ଜଣଙ୍କ ବର୍ଷେ ଧରି ଯୌନ ନିର୍ଯାତନା ଭୋଗିବା ପରେ ବହୁକଷ୍ଟରେ ଖସି ଆସି କାମାକ୍ଷାନଗର ଥାନା ପହଞ୍ଚି ଘଟଣା ନେଇ ଅଭିଯୋଗ କରିଛନ୍ତି। ଏପରିକି କଙ୍କଡାହାଡ଼ ଥାନାଞ୍ଚଳର ଜଣେ ଦଲାଲ ତାଙ୍କୁ ଚାକିରିରେ ରଖାଇଦେବାକୁ କହି ବିକ୍ରି କରି ଦେଇଥିବା ନାବାଳିକା ଅଭିଯୋଗ କରିଛନ୍ତି। ପୁଲିସ୍ ଏନେଇ ୩୫୪/୨୬ରେ ମାମଲା ରୁଜୁ କରିଥିବା ବେଳେ ଖୁବ୍‌ଶୀଘ୍ର ଆସାମୀମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା କହିଛନ୍ତି।

## ଜୁଲାଇ ୨ରେ ମାଟ୍ରିକ ସପ୍ଲିମେଣ୍ଟାରୀ

କଟକ,୨୮।୫ (ସଂଚାର ବ୍ୟୁରୋ)ଃ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୨ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ବୁଧବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରେ ପ୍ରଥମ ଭାଷା ଓଡ଼ିଆ, ୪ରେ ଦ୍ୱିତୀୟ ଭାଷା ଇଂରାଜୀ, ୬ରେ ଗଣିତ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ ଏବଂ ୧୦ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ। କେବଳ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ଅନ୍ୟପକ୍ଷରେ, ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱିତୀୟ) ପରୀକ୍ଷା ପାଇଁ ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରେ ମାତୃଭାଷା, ୩ରେ ପେଣ୍ଟିଂ, ୪ରେ ଇଂରାଜୀ, ୬ରେ ଗଣିତ, ୭ରେ ହୋମ ସାଇନ୍ସ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ, ୧୦ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ବିଷୟରେ ପରୀକ୍ଷା ହେବ। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ଅଗଷ୍ଟ ସୁଦ୍ଧା ଫଳ ପ୍ରକାଶ ପାଇଁ ବୋର୍ଡ ଯୋଜନା କରିଛି।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଏସୟୁସିଆଇସିର ବିକ୍ଷୋଭ




କଟକ,୨୮।୫(ସଂଚାର ବ୍ୟୁରୋ)ଃ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ କେନ୍ଦ୍ର ବିଜେପି ସରକାର ଗତ ୧୦ ଦିନ ମଧ୍ୟରେ ୪ ଥର ପେଟ୍ରୋଲ, ଡିଜେଲ ଓ ସିଏନଜିର ଦର ବୃଦ୍ଧି କରିଛନ୍ତି। ରୁଷ ଓ ଇରାନ ଭାରତୀୟ ଟଙ୍କା ବିନିମୟରେ କମ୍ ଦରରେ ଆବଶ୍ୟକ ପରିମାଣର ଅଶୋଧିତ ତୈଳ ଭାରତକୁ ଯୋଗାଇବ ବୋଲି ଘୋଷଣା କରିବା ସତ୍ତ୍ୱେ କେନ୍ଦ୍ର ସରକାର ଚଢ଼ା ଦରରେ ଆମେରିକାଠାରୁ ଅଶୋଧିତ ତେଲ କିଣୁଛନ୍ତି। ରାଜ୍ୟ ବିଜେପି ସରକାର ମଧ୍ୟ ଭାଟ ହ୍ରାସ କରି ସାଧାରଣ ଗ୍ରାହକଙ୍କୁ ମୂଲ୍ୟ ବୃଦ୍ଧିରୁ ରିହାତି ଦେଉନାହାନ୍ତି। ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଫଳରେ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ହେଉଛି। ଅନ୍ୟ ଦିଗରେ ଉତ୍କଟ ବେକାରୀ, ଛଟେଇ, ବର୍ଷ ବର୍ଷ ଧରି ଦରମା ବୃଦ୍ଧି ନ ହେବା, ଫସଲର ଅଭାବୀ ବିକ୍ରି ଆଦି ଫଳରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଉଛି। ଏଭଳି ସ୍ଥିତିରେ ଦରବୃଦ୍ଧିରେ ସାଧାରଣ ଲୋକ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ପେଟ୍ରୋଲ ଓ ଡିଜେଲର ବର୍ଦ୍ଧିତ ଦର ହ୍ରାସ କରିବା ଓ ଆମେରିକା ପରିବର୍ତ୍ତେ ଅନ୍ୟ ଦେଶରୁ ଅଶୋଧିତ ତେଲ ଖରିଦ କରିବା ଦାବି ନେଇ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇଶା ଧର, ଶିବାନୀ ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋତ୍ସ୍ନା ଦାସ, ସ୍ୱାଧୀନ ବେହେରା, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ଝରଣା ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଦୁଇଦିନିଆ 'ମୋଟାପା ନିବାରଣ ଶିବିର' ଅନୁଷ୍ଠିତ

# ଯୋଗ ମାଧ୍ୟମରେ ମୋଟାପଣକୁ ନିୟନ୍ତ୍ରଣ କରିହେବ




ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ମୋଟାପା ବା ମୋଟାପଣ ଯୋଗୁଁ ବହୁ ଲୋକ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଓ ନିବାରଣ ପାଇଁ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ଶୃଙ୍ଖଳା ସହ ନିୟମିତ ଯୋଗାଭ୍ୟାସ ଓ ସଚେତନତା ଜରୁରୀ ବୋଲି ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତ ଅଧୀନସ୍ଥ ସ୍ଥାନୀୟ ନୟାପଲ୍ଲୀ ଯୋଗ ଜିଲ୍ଲା ଓ ବରମୁଣ୍ଡା ଯୋଗ ଜିଲ୍ଲା ପକ୍ଷରୁ ମିଳିତ ଭାବେ ଗତକାଲିଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ 'ମୋଟାପା ରୋଗ ନିବାରଣ ଶିବିର'ର ଉଦ୍‌ଯାପନୀ ଦିବସରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଭିଆଇପି ପାର୍କରେ ଅନୁଷ୍ଠିତ ଯୋଗ ଶିବିରରେ ଏକ ଶୃଙ୍ଖଳିତ ପରିବେଶ ମଧ୍ୟରେ ଦୁଇ ଯୋଗ ଜିଲ୍ଲାର ପ୍ରତ୍ୟେକ ସଦସ୍ୟସଦସ୍ୟା ଯୋଗ ଦେଇ ଯୋଗ ମାଧ୍ୟମରେ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଜନସମାଜକୁ ଜାଗ୍ରତ କରାଇବାର ଏକ ପ୍ରଚେଷ୍ଟା କରିଥିଲେ।

ପ୍ରଥମ ଦିନ ଯୋଗ ଶିବିର ସ୍ଥାନୀୟ ରେଣ୍ଟାଲ ପାର୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଠାରେ ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା 'ମୋଟାପା' ନିବାରଣ ଉପରେ ଏକ ଯୋଗ ପୁସ୍ତକ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର, ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ପ୍ରଦୀପ୍ତ ମହାନ୍ତି ଓ ନୟାପଲ୍ଲୀ ଯୋଗ ଜିଲ୍ଲା ପ୍ରଧାନ ଜ୍ୟୋତିର୍ମୟ ରଥ ଯୋଗଦେଇ 'ମୋଟାପା' ରୋଗ ନିବାରଣ ଉପରେ ଆଲୋକପାତ କରିଥିଲେ। ଶିବିରରେ ପ୍ରାନ୍ତ ସଦସ୍ୟା ଶ୍ରୀମତୀ ମିଶ୍ରଙ୍କ ସମେତ ଯୋଗ ସଂସ୍ଥାନର ଅଧିକାରୀମାନେ ସମସ୍ତଙ୍କୁ 'ମୋଟାପା' ସମ୍ବନ୍ଧୀୟ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମରେ ଦୁଇ ଯୋଗ ଜିଲ୍ଲାର ଅଧିକାରୀ ଜୟଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ମହାପାତ୍ର ଓ ମମତା ଦାଶଙ୍କ ସମେତ ୧୫୦ ଜଣ କ୍ଷେତ୍ର, କେନ୍ଦ୍ର ଅଧିକାରୀ ଓ ସାଧକସାଧିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶୁଭ୍ରସିମା ମହାନ୍ତି ଓ ଡକ୍ଟର ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ।

## କାଳବୈଶାଖୀ ଉଜାଡ଼ିଦେଲା ଘର

# ଗାଁ ଛାଡ଼ିଲେ ବିଧବା ଆଦିବାସୀ ମହିଳା



କେନ୍ଦୁଝର,୨୮।୫(ସଂଚାର ବ୍ୟୁରୋ)ଃ ଗତ ମାସରେ ଝଡ଼ ତୋଫାନରେ ଘର ଛପର ଉଡ଼ିଗଲା। ବିଧବା ଆଦିବାସୀ ମହିଳା ସାହାଯ୍ୟ ଆଶା କରି ରହିଲା। କେହି ଶୁଣିଲେ ନାହିଁ। ନିଜ ଖର୍ଚ୍ଚରେ ମରାମତି କଲା। ପୁଣି ଏବେ ୫ ଦିନ ତଳେ ଝଡ଼ ବତାସରେ ଉଡ଼ିଗଲା ଚାଳ। ଖୋଲା ଆକାଶ ତଳେ ପରିବାର। ଶୁଣିବାକୁ କେହି ନାହିଁ। ଗାଁ ଛାଡ଼ି ଟିକିଲି ଜୁଆଙ୍ଗ ନିଜ ପିଲାଙ୍କ ସହ ପଳାଇଗଲା ୨୦ କିମି ଦୂରରେ ଥିବା ତା' ବାପ ଘରକୁ। ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁରେ ଆଦିବାସୀ ମହିଳା ଟିକିଲିର ଘର। ୩/୪ ବର୍ଷ ତଳୁ ସ୍ୱାମୀ ଆର ପାରିକି ଚାଲିଯାଇଛି। ଦୁଇ ନାବାଳିକା ଝିଅ ଓ ଶାଶୂକୁ ନେଇ ତା'ର ସଂସାର। ଟିକିଲିର ମୂଳ ରାହା ହେଉଛି ବିଧବା ଭତ୍ତା। କିଛି ସରକାରୀ ଚାଉଳ ବି ପାଏ। କିନ୍ତୁ ପୂରା ମାସ ଚଳିବା ପାଇଁ ତାକୁ ପର ଘରେ ମଜୁରୀ କରିବାକୁ ପଡ଼େ। ଟିକିଲିକୁ ସରକାରୀ ପକ୍କାଘର ମିଳିନାହିଁ। ସିମେଣ୍ଟ ଟାଇଲ୍ ଛପର ଘରେ ରହେ ତା'ର ପରିବାର। ତାହା ଉପରେ ପୁଣି ପାଲ ଘୋଡ଼ା ହୋଇଛି। ଏତିକିବେଳେ ଝଡ଼ ବତାସ ତା' ଉପରେ ଦାଉ ସାଧିଛି। ଦୁଇ ଦୁଇ ଥର ଘର ଭାଙ୍ଗିବାରୁ ତା' ପରିବାରକୁ ପ୍ରବଳ ଖରାରେ ସିଝିବାକୁ ପଡ଼ିଲା।

ସରକାରୀ ସାହାଯ୍ୟ ଆଶାରେ ଥିଲେ ବି ଟିକିଲିକୁ କିଛି ବି ମିଳିଲା ନାହିଁ। ଏନେଇ ସେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ର ସଦସ୍ୟମାନଙ୍କୁ ଭେଟିଲା। 'ଆଶା' ଉଦ୍ୟମରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ କରାଯିବା ସହ ଲୋକଙ୍କ ମୁଖ୍ୟମନ୍ତ୍ରୀ ତଥା ଟିକିଲି ଜିଲ୍ଲାର ବିଧାୟକ ମୋହନ ଚରଣ ମାଝୀଙ୍କ ଦପ୍ତର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ଟିକିଲି ଦୁଃଖ କେହି ବି ବୁଝିନାହାନ୍ତି। ତେବେ ଟିକିଲି ପ୍ରତି ଏପରି ଅବହେଳାକୁ କଡ଼ା ସମାଲୋଚନା କରିବା ସହ ତୁରନ୍ତ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବା ସକାଶେ ଦାବି କରିଛନ୍ତି 'ଆଶା'ର ମୁଖ୍ୟ ସ୍ୱେଚ୍ଛାସେବୀ ଡମ୍ବରୁଧର ଘଣା।

## ଗାଳ୍ପିକା ଇନ୍ଦିରା ଦାଶଙ୍କ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ଜୀବନର ଗଭୀର ଅନୁଭୂତି ଓ ଅନୁଭବର ସୂକ୍ଷ୍ମ ଓ ସ୍ନିଗ୍ଧ ଅଭିବ୍ୟକ୍ତି ହିଁ ସାହିତ୍ୟ। ଜୀବନର ଦ୍ୱନ୍ଦ୍ୱ, ଦୁଃଖ ଓ ଯନ୍ତ୍ରଣାର ସୁନ୍ଦର, ସାବଲୀଳ, ସରଳ ପରିପ୍ରକାଶ ହିଁ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ମୂଳ ଉତ୍ସ ବୋଲି ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ 'ନର୍ତ୍ତକୀ' ଓ 'ଶିଶିର କନ୍ୟା' ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟ କହିଛନ୍ତି।

ଆଜି ସନ୍ଧ୍ୟାରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପ୍ରଖ୍ୟାତ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଗାଳ୍ପିକା ଶ୍ରୀମତୀ ଦାଶଙ୍କ ଉପନ୍ୟାସ ଓ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଛନ୍ତି ଯେ ଇନ୍ଦିରାଙ୍କ କଥା ସାହିତ୍ୟରେ ସୂକ୍ଷ୍ମ ଅନୁଭବ ଓ କଳାଶକ୍ତିର ଅତ୍ୟନ୍ତ ପ୍ରଭାବ ଲେଖାଗୁଡ଼ିକୁ ଜୀବନ୍ତ କରିଥାଏ। ସମାଜର ବିଭିନ୍ନ ଦିଗକୁ ସେ ବିଶ୍ଳେଷଣ କରିଛନ୍ତି ଓ ନାରୀ ମନସ୍ତତ୍ତ୍ୱକୁ ନିପୁଣ ଭାବେ ଫୁଟାଇଛନ୍ତି ତାଙ୍କ ଉପନ୍ୟାସରେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡକ୍ଟର ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ଔପନ୍ୟାସିକା ଇନ୍ଦିରା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶେଷରେ ପୁସ୍ତକର ପ୍ରକାଶକ ବିଦ୍ୟାପୁରୀର ନିର୍ଦ୍ଦେଶକ ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶାରୀରିକ ଭିନ୍ନକ୍ଷମ, ବଦଳି ସମସ୍ୟା ଭୋଗୁଛନ୍ତି



ଭୁବନେଶ୍ୱର,୨୮।୫ଃ ଶାରିରୀକ ଭିନ୍ନକ୍ଷମ ସରକାରୀ କର୍ମଚାରୀମାନଙ୍କୁ ଅନ୍ୟ କର୍ମଚାରୀଙ୍କ ଭଳି ବଦଳି ନକରିବା ଲାଗି ପୂର୍ବରୁ ବ୍ୟବସ୍ଥା ରହିଆସିଛି। ତେବେ ବହୁ କ୍ଷେତ୍ରରେ ଏହାର ଠିକଣା ଅନୁପାଳନ କରାଯାଉନଥିବାରୁ ଅନେକ ଭିନ୍ନକ୍ଷମ କର୍ମଚାରୀ ବଦଳି ଯୋଗୁଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି।

ରାଜ୍ୟ ସରକାରଙ୍କ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଙ୍କଳ୍ପପତ୍ର ମୁତାବକ ଶାରିରୀକ ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ସେମାନଙ୍କ ନିଜ ସ୍ଥାନର ନିକଟରେ ରଖିବା ଏବଂ ନିହାତି ଦରକାର ହେଲେ ନିଜ ଜିଲ୍ଲା ମଧ୍ୟରେ ବଦଳି ହେବା କଥା। ଏମିତିକି ଯେଉଁ ସରକାରୀ କର୍ମଚାରୀଙ୍କର ପରିବାରରେ ଭିନ୍ନକ୍ଷମ ସନ୍ତାନ କିମ୍ବା ପତି/ପତ୍ନୀ ଆଦି ଥିବେ, ସେମାନଙ୍କୁ ବି ସ୍ୱାସ୍ଥ୍ୟ ଓ ଶିକ୍ଷା ଦୃଷ୍ଟିରୁ ଆଖିବୁଜା ବଦଳି କରାଯିବାକଥା ନୁହେଁ। ଯେତେଦୂର ସମ୍ଭବ ଏଭଳି ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ସେମାନଙ୍କ ପସନ୍ଦ ମୁତାବକ ସ୍ଥାନରେ କାର୍ଯ୍ୟ କରିବାପାଇଁ ସୁଯୋଗ ଦିଆଯିବାକଥା।

ପୂର୍ବରୁ ବିଭିନ୍ନ ବର୍ଷରେ ଜାରି କରାଯାଇଥିବା ରାଜ୍ୟ ସରକାରଙ୍କ ବାର୍ଷିକ ବଦଳି ନୀତିରେ ଭିନ୍ନକ୍ଷମ କର୍ମଚାରୀଙ୍କ ପାଇଁ କୋହଳ ବ୍ୟବସ୍ଥା ରଖାଯାଉଥିବା ବେଳେ ଗତ ୨୨ରେ ସରକାରୀ କର୍ମଚାରୀଙ୍କ ବଦଳି ସଂକ୍ରାନ୍ତୀୟ ମାର୍ଗଦର୍ଶିକାରେ କିନ୍ତୁ ଭିନ୍ନକ୍ଷମ କର୍ମଚାରୀଙ୍କ ପ୍ରସଙ୍ଗରେ କିଛି ଉଲ୍ଲେଖ ନାହିଁ। ତେବେ ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ, ପ୍ରଶାସନିକ କାରଣରୁ ଓ ଅତି କଠିନ ଘଟଣାରେ ବଦଳି କରୁଥିବା ଅଧିକାରୀମାନେ ନିର୍ଦ୍ଦିଷ୍ଟ କାରଣ ଉଲ୍ଲେଖ କରି ଏ କ୍ଷେତ୍ରରେ କୋହଳ ବ୍ୟବସ୍ଥା ଅନୁସରଣ କରିପାରିବେ ବୋଲି ଉଲ୍ଲେଖ କରାଯାଇଛି।

ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସରକାରୀ କର୍ମଚାରୀଙ୍କ ବାର୍ଷିକ ବଦଳି କରାଯିବା ଲାଗି ଏହି ନୀତିରେ ଉଲ୍ଲେଖ ରହିଛି। ତେଣୁ ଅନେକ ବିଭାଗ ଓ ଦପ୍ତରରେ ଏବେ ବାରମ୍ବାର ବିଭିନ୍ନ କ୍ୟାଡର ଲାଗି ବଦଳି ଆଦେଶମାନ ବାହାରୁଛି। ସରକାରଙ୍କ ନୂଆ ବଦଳି ନୀତିରେ ନିର୍ଦ୍ଦିଷ୍ଟ ଭାବେ ଭିନ୍ନକ୍ଷମ କର୍ମଚାରୀଙ୍କ କଥା ଉଲ୍ଲେଖ ନ ଥିବାରୁ ଏମାନଙ୍କୁ ବି ଅନ୍ୟ କର୍ମଚାରୀଙ୍କ ଭଳି ବଦଳି କରାଯାଉଛି। ଏଥିଯୋଗେଁ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରୀ କର୍ମଚାରୀମାନେ ସେମାନଙ୍କ ବଦଳି ବାତିଲ ପାଇଁ ଉପରିସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଭାବଶାଳୀ ରାଜନେତାଙ୍କ ପର୍ଯ୍ୟନ୍ତ ବିଭିନ୍ନ ମହଲରେ ଲବି କରୁଛନ୍ତି।

ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଙ୍କଳ୍ପ ଅନୁଯାୟୀ ପ୍ରତ୍ୟେକ ବିଭାଗ ଓ ଦପ୍ତର ସେମାନଙ୍କ ନିୟନ୍ତ୍ରଣରେ ଥିବା ଭିନ୍ନକ୍ଷମ କର୍ମଚାରୀମାନଙ୍କର ସ୍ୱତନ୍ତ୍ର ତାଲିକା ରଖିବାକଥା। କର୍ମଚାରୀଙ୍କ ବଦଳି ବେଳେ ଯେପରି ଏହି ଭିନ୍ନକ୍ଷମ କର୍ମଚାରୀମାନେ ଅସୁବିଧାରେ ନପଡନ୍ତି ତାହାକୁ ସେମାନେ ଅଗ୍ରାଧିକାର ଦେବା ଆବଶ୍ୟକ। କିନ୍ତୁ ବହୁ କ୍ଷେତ୍ରରେ ଏହାର ଖୋଲା ଉଲ୍ଲଙ୍ଘନ ହେଉଛି। ଏମିତିକି କେତେକ କ୍ଷେତ୍ରରେ ଭିନ୍ନକ୍ଷମ କର୍ମଚାରୀମାନେ ବଦଳି ଆଦେଶ ବଦଳାଇବା ଲାଗି ପ୍ରାର୍ଥନା କରି ଆଇନ୍ ଅଦାଲତରେ ମଧ୍ୟ ନ୍ୟାୟଭିକ୍ଷା କରୁଛନ୍ତି। ତେବେ ସରକାର ଏ ପ୍ରସଙ୍ଗରେ ସମ୍ବେଦନଶୀଳ ଅଛନ୍ତି ବୋଲି ବିଭିନ୍ନ ବିଭାଗର କେତେକ ଅଧିକାରୀ ଅନୌପଚାରିକ ଭାବେ କହୁଛନ୍ତି। (ତଥ୍ୟ)

# ବେଦାନ୍ତ ପକ୍ଷରୁ ସପ୍ତମ ରାଜ୍ୟ ଯୋଗାସନ ଚାମ୍ପିଅନସିପ୍ ଅନୁଷ୍ଠିତ




ରାୟଗଡ଼ା,୨୮।୫(ସଂଚାର ବ୍ୟୁରୋ)ଃ ସାମଗ୍ରିକ ସମ୍ପ୍ରଦାୟ କଲ୍ୟାଣ ଓ ଯୁବ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗତ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ରାୟଗଡ଼ାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଯୋଗାସନ ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା (ୱାଇଏସଏଓ) ସହଯୋଗରେ ସପ୍ତମ ରାଜ୍ୟ ଯୋଗାସନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାରୁ ପ୍ରାୟ ୩୫୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଶାରୀରିକ ସୁସ୍ଥତା, ଶୃଙ୍ଖଳା ଓ ସାମଗ୍ରିକ ସୁସ୍ଥତାକୁ ପାଳନ କରିବା ସହ ପ୍ରତିଯୋଗୀମାନଙ୍କୁ ସେମାନଙ୍କର ପ୍ରତିଭା ଓ ସମର୍ପଣ ପ୍ରଦର୍ଶନ ନିମନ୍ତେ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଚାମ୍ପିଅନସିପରେ ମୁଖ୍ୟ ଅତିଥି ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ୍), ରାୟଗଡ଼ା ଓ ବିଶେଷ ଅତିଥି ଆପଲ ସ୍ୱାମୀ କାଡ୍ରାକା, ବିଧାୟକ, ରାୟଗଡ଼ା ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ୟେଲା ଭେଙ୍କଟ ରମଣ, ପିଏଆଇଟିଡିଏ ରାୟଗଡ଼ା; ଭଜନ ଲାଲ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ; ଦିବାକର ହରିଚନ୍ଦନ, ରାଜ୍ୟ ସଭାପତି, ୱାଇଏସଏଓ; ମନୋଜ କୁମାର ମୁଖାର୍ଜୀ, ସାଧାରଣ ସମ୍ପାଦକ, ୱାଇଏସଏଓ; ପ୍ରଫେସର ଡକ୍ଟର ଦୁଷ୍ମନ୍ତ ମହାନ୍ତି; ଡକ୍ଟର ଆଲୋକ ସ୍ୱାଇଁ, ପ୍ରତିଯୋଗିତା ନିର୍ଦ୍ଦେଶକ ଓ ନୃସିଂହ କୁମାର ବାହିନୀପତି, ସଭାପତି, ୱାଇଏସଏଆର ଉପସ୍ଥିତ ଥିଲେ। ଯୋଗାସନ କ୍ରୀଡ଼ା ସଂଘ ଓଡ଼ିଶାର ସାଧାରଣ ସମ୍ପାଦକ ମନୋଜ ମୁଖାର୍ଜୀ କହିଛନ୍ତି, ଓଡ଼ିଶାରେ ସୁସ୍ଥତା, କ୍ରୀଡ଼ା ଓ ସାମୂହିକ ସମ୍ପର୍କକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ପ୍ରତି ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରଶଂସନୀୟ। ଯୋଗ ଭାରତର ସାଂସ୍କୃତିକ ଐତିହ୍ୟ ସହ ଜଡ଼ିତ ଓ ଏପରି ପ୍ଲାଟଫର୍ମ ସୁସ୍ଥ ଜୀବନ ଶୈଳୀକୁ ପ୍ରେରଣା ଦେବା, ଆତ୍ମବିଶ୍ୱାସ ଓ ଯୁବପିଢ଼ିଙ୍କ ମଧ୍ୟରେ ସାମଗ୍ରିକ କଲ୍ୟାଣକୁ ଉତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୨୯ ମେ ୨୦୨୬, ଭୁବନେଶ୍ୱର

Friday 29 May 2026, Bhubaneswar

# ଯୁଦ୍ଧ ଓ ଭାରତର ଶକ୍ତି ନିରାପତ୍ତା



ବିଶ୍ୱର ଅର୍ଥନୀତି ଆଜି ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଛି। ୨୦୨୬ ମସିହାରେ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ, ବିଶେଷ କରି ଇରାନ ସହ ଜଡ଼ିତ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀର ବନ୍ଦ ହେବା ଫଳରେ ବିଶ୍ୱବ୍ୟାପୀ ତେଲ ଯୋଗାଣରେ ଏକ ଐତିହାସିକ ବ୍ୟାଘାତ ପଡ଼ିଛି। ଏହି ସଙ୍କଟ କେବଳ ଭାରତ ନୁହେଁ, ବରଂ ୟୁରୋପ, ଏସିଆ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ସ୍ଥିରତାକୁ ବିପନ୍ନ କରିଛି।

ହର୍ମୁଜ ପ୍ରଣାଳୀ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ଏବଂ ଏଲଏନ୍ଜି ଯୋଗାଣ କରେ। ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଫଳରେ ଏହା ବନ୍ଦ ହୋଇଯିବା ପରେ ବ୍ରେଣ୍ଟ କ୍ରୁଡ଼ ତେଲର ମୂଲ୍ୟ ୧୨୦ ଡଲାର ଉପରେ ପହଞ୍ଚିଛି। ଆନ୍ତର୍ଜାତିକ ଶକ୍ତି ଏଜେନ୍ସି (ଆଇଇଏ) ଅନୁଯାୟୀ, ଏହା ଇତିହାସର ସର୍ବବୃହତ୍ତମ ଯୋଗାଣ ବ୍ୟାଘାତ। ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଏହି ନୂତନ ସଙ୍କଟ ବିଶ୍ୱ ଅର୍ଥନୀତିକୁ ଆହତ କରୁଛି। ତେଲ ରପ୍ତାନିକାରୀ ଦେଶଗୁଡ଼ିକର ଉତ୍ପାଦନ ହ୍ରାସ ଏବଂ ଜାହାଜ ପରିବହନର ବ୍ୟାଘାତ ଯୋଗୁଁ ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱବ୍ୟାଙ୍କ ଅନୁମାନ କରିଛି ଯେ ୨୦୨୬ରେ ଶକ୍ତି ମୂଲ୍ୟ ୨୪ ପ୍ରତିଶତ ବୃଦ୍ଧି ପାଇପାରେ।

ଭାରତ ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତେଲ ଆମଦାନିକାରୀ ଦେଶ ଏବଂ ତାହାର ୮୫ ପ୍ରତିଶତ ତେଲ ଆମଦାନି ଉପରେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରୁ ଆସୁଥିବା ଯୋଗାଣ ହ୍ରାସ ପାଇବା ଫଳରେ ମାର୍ଚ୍ଚ ୨୦୨୬ରେ ଆମଦାନି ୧୩ ପ୍ରତିଶତ ହ୍ରାସ ପାଇଛି। ରୁଷିଆ ଏବେ ଭାରତର ପ୍ରଧାନ ଯୋଗାଣକାରୀ ହୋଇଉଠିଛି, କିନ୍ତୁ ଏହା ଦୀର୍ଘକାଳୀନ ସମାଧାନ ନୁହେଁ। ଉଚ୍ଚ ତେଲ ମୂଲ୍ୟ ଯୋଗୁଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି, ମୂଲ୍ୟବୃଦ୍ଧି ଏବଂ ଅର୍ଥନୈତିକ ଚାପ ବଢ଼ୁଛି। କୃଷି, ପରିବହନ ଏବଂ ଶିଳ୍ପ କ୍ଷେତ୍ର ପ୍ରଭାବିତ ହେଉଛି। ସରକାର ସବସିଡି ଏବଂ କର କମାଣ ମାଧ୍ୟମରେ ମୂଲ୍ୟ ସ୍ଥିର ରଖିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଏହା ରାଜକୋଷର ଉପରେ ଚାପ ସୃଷ୍ଟି କରୁଛି।

ଯୁଦ୍ଧର ପ୍ରଭାବ କେବଳ ଭାରତରେ ସୀମିତ ନୁହେଁ। ୟୁରୋପରେ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି ଏବଂ ଏସିଆର ଅନ୍ୟାନ୍ୟ ଦେଶ ଯେପରିକି ଚୀନ, ଜାପାନ ଏବଂ ଦକ୍ଷିଣ କୋରିଆ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବିକଶିତ ଦେଶଗୁଡ଼ିକରେ ମୂଲ୍ୟବୃଦ୍ଧି ଆଶଙ୍କା ବଢ଼ୁଛି। ଉନ୍ନୟନଶୀଳ ଦେଶଗୁଡ଼ିକରେ ଦରିଦ୍ର ଜନସାଧାରଣ ଉପରେ ଏହାର ପ୍ରଭାବ ଅଧିକ ପଡ଼ୁଛି। ଖାଦ୍ୟ ଉତ୍ପାଦନ ଏବଂ ସାର ମୂଲ୍ୟ ବୃଦ୍ଧି ଯୋଗୁଁ ଖାଦ୍ୟ ସୁରକ୍ଷା ବିପନ୍ନ ହେଉଛି। ଭବିଷ୍ୟତର ଦୃଷ୍ଟିରୁ ଏହି ସଙ୍କଟ ଏକ ଚେତାବନୀ ସ୍ୱରୂପ। ଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ଭୂ-ରାଜନୈତିକ ଅସ୍ଥିରତା ଶକ୍ତି ସୁରକ୍ଷାକୁ ବିପଦରେ ପକାଉଛି। ଭାରତ ପାଇଁ ଏହା ଏକ ସୁଯୋଗ ମଧ୍ୟ। ନବୀକରଣଯୋଗ୍ୟ ଶକ୍ତି ଉତ୍ସ (ସୌର, ପବନ) ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ। ଭାରତ ଇତିମଧ୍ୟରେ ସବୁଜ ହାଇଡ୍ରୋଜେନ ଏବଂ ଇଲେକ୍ଟ୍ରିକ ଯାନ ପ୍ରତି ପଦକ୍ଷେପ ନେଉଛି, କିନ୍ତୁ ଗତି ବଢ଼ାଇବା ଦରକାର। ବିବିଧ ଯୋଗାଣ ଉତ୍ସ ଏବଂ କୌଶଳିକ ସଞ୍ଚୟ ବଢ଼ାଇବା ମଧ୍ୟ ଜରୁରୀ।

ଯୁଦ୍ଧ ଶେଷ ହେଲେ ମଧ୍ୟ ତେଲ ମୂଲ୍ୟର ଅସ୍ଥିରତା ରହିବ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷା ସହ ଶକ୍ତି ସ୍ୱାଧୀନତା ହାସଲ କରିବା ଆମର ପ୍ରଧାନ ଲକ୍ଷ୍ୟ ହେବା ଉଚିତ୍। ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ଶାନ୍ତି ସ୍ଥାପନ ଏବଂ ଶକ୍ତି ବଜାରର ସ୍ଥିରତା ପାଇଁ ପ୍ରୟାସ କରିବା ଦରକାର। ତେଲ ଅଭାବ କେବଳ ଏକ ଅର୍ଥନୈତିକ ସମସ୍ୟା ନୁହେଁ, ଏହା ଜାତୀୟ ସୁରକ୍ଷା ଏବଂ ଉନ୍ନୟନର ପ୍ରଶ୍ନ। ଭାରତ ଏବଂ ବିଶ୍ୱ ଏହି ସଙ୍କଟରୁ ଶିଖି ଏକ ଟେକନୋଲୋଜି-ଚାଳିତ, ସବୁଜ ଶକ୍ତି ଭବିଷ୍ୟତ ନିର୍ମାଣ କରିପାରିବେ କି ନାହିଁ, ତାହା ଆମର ନେତୃତ୍ୱ ଉପରେ ନିର୍ଭର କରିବ। ଏହି ମୁହୂର୍ତ୍ତ ପରିବର୍ତ୍ତନର ସୁଯୋଗ ହେବା ଉଚିତ୍।

# ସ୍ମୃତିରୁ ଖିଏ

**ଦାଶରଥି ଶତପଥୀ**



ଦିନେ ଘରେ ବସିଥିବାବେଳେ ପୁରୁଣା କାଗଜପତ୍ର ପୃଷ୍ଠା ଲେଉଟାଇଲାବେଳେ ଗୋଟିଏ ସମ୍ବାଦ ମୋ ଆଖି ସାମ୍ନାରେ ପଡ଼ିଲା। ସମ୍ବାଦଟିକୁ ତନ୍ନ ତନ୍ନ କରି ପଢ଼ିଲି ଓ ପଢ଼ିଲା ପରେ ମନରେ ଉତ୍କଣ୍ଠା ଜାତହେଲା। କିଛି କଥା ଛାତ୍ରଛାତ୍ରୀ, ଅବିଭାବକ, ଅବିଭାବୀକା,ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ବିଶେଷକରି ଯେଉଁମାନେ ଦୈନିକ ଖବର କାଗଜ ପଢ଼ୁଛନ୍ତି ସେମାନଙ୍କ ପାଇଁ ଲେଖିବି। ଆଶା ଏହା ସମସ୍ତଙ୍କ ମନରେ ଆମ ଶିକ୍ଷା ବ୍ୟବସ୍ଥା ଏବଂ ପ୍ରଶାସନିକ ଦକ୍ଷତା ଉପରେ ଗଭୀର ଭାବରେ ରେଖାପାତ କରିବ।

ତା ୨।୩।୧୯୮୭ ମସିହାଠାରୁ ତା. ୩୧।୧।୨୦୨୨ ବର୍ଷ ସୁଦୀର୍ଘ ଯାତ୍ରା ଓଡ଼ିଶା ପ୍ରଶାସନିକ ସେବାଠାରୁ ଆରମ୍ଭକରି ଭାରତୀୟ ପ୍ରଶାସନିକ ସେବା ପର୍ଯ୍ୟନ୍ତ। ସେହି ସମୟରେ ଓଡ଼ିଶାର ବିଭିନ୍ନ ଯାଗାରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଥାଏ। କେତେବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ (B.D.O.), ତହସିଲଦାର, କେତେବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅନୁସଚିବ, ଉପସଚିବ, ଯୁଗ୍ମସଚିବ, ଓ ନିର୍ଦ୍ଦେଶକ, ଓବିସି ହିସବରେ ଅବସ୍ଥାପିତ। ସେହିଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ନିର୍ଦ୍ଦେଶକ, SCERT। ତେଣୁ ମତେ ଲାଗେ ଶିକ୍ଷା ବିଭାଗ ସହିତ ମୋର ଏକ ଭାବଗତ ସମ୍ପର୍କ ଯୋଡ଼ିହୋଇ ରହିଛି। ଆହୁରି ମଧ୍ୟ ମୋର ବଡ଼ଭାଇ ସ୍ୱର୍ଗାରହଣ କଲେଣି ସେ ମଧ୍ୟ ଆମ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଥିଲେ। ଏନେକ ବନ୍ଧୁ ପରିଜନ ସାଙ୍ଗସାଥୀ ଆତ୍ମୀୟଜନ ଶିକ୍ଷା ବିଭାଗରେ କାର୍ଯ୍ୟ କରିଛନ୍ତି ଏବଂ ଏସବୁ ମୂଳରେ ଏମାନେ ମୋର ପ୍ରେରଣାର ଉତ୍ସ ଥିଲେ। ବଡ଼ମାମୁଁ ସ୍ୱର୍ଗତ ଡ଼କ୍ଟର ଶ୍ରୀରାମ ଚନ୍ଦ୍ର ଦାସ, ଯିଏ ଜଣେ ପ୍ରବୀଣ ଶିକ୍ଷାବୀତ, ରାଜନୈତିକ ବିଷାରଦ ଓ ସମଗ୍ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ଏବଂ ପିଲାମାନଙ୍କୁ ଭଲପାଉଥିବା ଜଣେ ବରିଷ୍ଠ ଶିକ୍ଷାବୀତ।

ଚାକିରୀ ସମୟରେ ଯେବେ ଯେଉଁଠି ଥାଏ, ସେଥିରୁ ଟିକେ ସମୟ କାଢ଼ି ସେ ଅଞ୍ଚଳରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସେବାଶ୍ରମ ହେଉ ବା ଆଶ୍ରମ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହିଭଳି ସବୁ ବିଦ୍ୟାଳୟର ଓ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ ମହାବିଦ୍ୟାଳୟ ମାନଙ୍କୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ସମୟପାଇଁ ଭାବର ଆଦାନ ପ୍ରଦାନ କରେ। ମୋର ନିଜସ୍ୱ ମତ, ଶିକ୍ଷା, ଶିକ୍ଷକ, ଓ ଶିକ୍ଷାଳୟରେ କିଛି ସମୟ ଅତିବାହିତ କଲେ, ଏହା ଆମ ସମସ୍ତଙ୍କ ସମୟର ସଦୁପଯୋଗ ହେବ ଏବଂ ଏହାଦ୍ୱାରା ସେ ଅନୁଷ୍ଠାନ ନିଜକୁ ଗୌରବାନ୍ୱିତ ମନେକରିବା ସଙ୍ଗେ ସଙ୍ଗେ ସେହି ଅନୁଷ୍ଠାନରେ ଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ପ୍ରେରଣା ପାଇଥାନ୍ତି ଏବଂ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ନିଜକୁ ସେହି ମାର୍ଗରେ ଗଢ଼ିବାପାଇଁ ନିଜର ଲକ୍ଷସାଧନ କରନ୍ତି। ତେଣୁ ଚାକିରି ଜୀବନରେ ଅନେକ ଶିକ୍ଷାନୁଷ୍ଠାନ ସହିତ ବ୍ୟକ୍ତିଗତ ଭାବରେ ପହଞ୍ଚିଛି ଏବଂ ଅନୁଷ୍ଠାନରେ ଥିବା ମୌଳିକ ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ଯଥୋଚିତ ଚେଷ୍ଟା କରିଛି। ଲେଖିବସିଲେ ବହୁତ କଥା ହେବ, ଯାହାକୁ ପର୍ଯ୍ୟାୟକ୍ରେମେ ପାଠକମାନଙ୍କ ପାଇଁ ଲେଖିବି। ଏହି ଛୋଟିଆ ଘଟଣାଟିଏ ମନର ସ୍ମୃତିକୁ ଉଜ୍ଜିବିତ କଲା ତେଣୁ ଭାବଲି ଲେଖିଦେବି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ ଓ ତହସିଲ ଥିବାରୁ ୧୯୯୫ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଏକାଧିକ୍ରମେ ପାଞ୍ଚବର୍ଷ ପାଇଁ ତହସିଲଦାର, କୋଷାଅଧିକାରୀ ଓ ଉପନିର୍ଦ୍ଦେଶକ ହିସାବରେ କାର୍ଯ୍ୟକରିଛି ଓ ସେହି ସମୟରେ ପ୍ରାୟ ସମୟକାଢ଼ି ଛାତ୍ରଛାତ୍ରୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରେ। ପରେ ପରେ କେନ୍ଦ୍ରାପଡ଼ାର ଶିଦ୍ଧ ବଳଦେବଜୀଉଙ୍କ କୃପାରୁ ୨୦୧୮ ରୁ ୨୦୧୯ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ହିସାବରେ କାର୍ଯ୍ୟକରିବାର ସୌଭାଗ୍ୟ ମିଳିଥିଲା। ସେହି ସମୟରେ ପ୍ରତି ସୋମବାର ଦିନ ଜନସୁଣାଣି, ୨୦୧୯ର ସାଧାରଣ ନିର୍ବାଚନ ଏବଂ ସବୁସମୟରେ ବନ୍ୟା ବାତ୍ୟାର ଭୟ ମଧ୍ୟରେ ସମୟ କାଢ଼ି ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କୁ ଯାଉଥିଲି ଯାହାର ଏକ ଝଲକ ଖବର କାଗଜ ପୃଷ୍ଠାରେ ବାହାରିଥିବା ସମ୍ବାଦ ମାଧ୍ୟମରେ ମନମଧ୍ୟରେ ଉଙ୍କିମାରୁଥିବା ସ୍ମୃତିକୁ ଲେଖିଲି।

ଏହି ପ୍ରସଙ୍ଗରେ ମୋର ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ମତଯେ, ଆମେ ସମସ୍ତେ କାୟୋମନ ବାକ୍ୟରେ ଚେଷ୍ଟାକରି ଯେଉଁ ଅନୁଷ୍ଠାନ ଆମକୁ ସମାଜ ଆଗରେ ପ୍ରତିଷ୍ଠିତ କରିଛି ସେହି ଅନୁଷ୍ଠାନମାନଙ୍କ ପାଇଁ ଆମର ମଧ୍ୟ କିଛି ଭୂମିକା ରହିବା ଆବଶ୍ୟକ। ଛାତ୍ର ଛାତ୍ରୀମାନଙ୍କୁ ଦୁଇପଦ ଉପଦେଶ ମୂଳକ କଥା କହିଦେଲେ ଏବଂ ସେମାନଙ୍କୁ ଟିକିଏ ପ୍ରରଣା ଦେଲେ ସେମାନେ ନିଶ୍ଚିତ ଭାବରେ ଏ ରାଜ୍ୟ, ଏ ଦେଶ ଓ ଜାତିପାଇଁ ଜଣେ ଜଣେ ଦାୟିତ୍ୱବାନ ସୁନାଗରିକ ହୋଇ ବାହାରିବେ। ସେମାନଙ୍କର ତ୍ୟାଗ ଓ ତପସ୍ୟା ବଳରେ ଆମ ରାଜ୍ୟ ଓ ଦେଶର ସମୃଦ୍ଧି ନିଶ୍ଚିତ ଘଟିବ ସେ ଗଭୀର ଆତ୍ମବିଶ୍ୱାସ ମୋର ଅଛି ଏବଂ ଆସନ୍ତୁ ଆମେ ସମସ୍ତେ ଶପଥନେବା ଯେ, ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାପାଇଁ ସମସ୍ତଙ୍କର ସହଯୋଗ ଓ ସହଭାଗୀତା ଏକାନ୍ତକାମ୍ୟ।

**ଭା.ପ୍ର.ସେ. (ଅବସରପ୍ରାପ୍ତ)**
**ପ୍ରାକ୍ତନ ଆୟୁକ୍ତ ଓ ସଚିବ**
**ଓଡ଼ିଶା ବିଧାନସଭା**
**ମୋବାଇଲ୍‌:୯୩୩୭୪୪୯୩୭୩**

# ସାମ୍ପ୍ରତିକ ସ୍ଥିତିରେ ଦକ୍ଷିଣ ଭାରତର ରାଜନୀତି ଓ ପେରିୟାର

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**



ପେରିୟାର ସର୍ବଦା ଯୁବପିଢ଼ିଙ୍କ ଉପରେ ଗଭୀର ବିଶ୍ୱାସ ରଖୁଥିଲେ। ସେ ବିଶ୍ୱାସ କରୁଥିଲେ ଯେ, ଆଗାମୀ ବିଶ୍ୱର ସଂରକ୍ଷକ ହେଉଛନ୍ତି ଯୁବପିଢ଼ୀ ଏବଂ ସେମାନେ ହିଁ ସମାଜରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିପାରିବେ। ୨୧ ଫେବୃଆରୀ ୧୯୪୩ରେ ତିରୁଚିରାପଲ୍ଲୀଠାରେ ଏକ ଯୁବ ସଂଗଠନର ବାର୍ଷିକୋତ୍ସବରେ ସେ ଯୁବକମାନଙ୍କୁ ସମ୍ବୋଧିତ କରି ଏହି ବାର୍ତ୍ତା ଦେଇଥିଲେ ଯେ, ସେମାନେ ଦ୍ରୁତ ଗତିରେ କାର୍ଯ୍ୟ କରନ୍ତୁ, କିନ୍ତୁ ସବୁ ସମୟରେ ବିବେକ ଏବଂ ବୁଦ୍ଧିମତ୍ତାର ସହ କାର୍ଯ୍ୟ କରନ୍ତୁ। ତାଙ୍କ ଭାଷଣର ସାରାଂଶ ଏହିପରି ଥିଲା:

***ମୋର ପ୍ରିୟ ଯୁବକମାନେ,***

ମୁଁ ଆପଣ ସମସ୍ତଙ୍କୁ ସମ୍ବୋଧିତ କରି ଅତ୍ୟନ୍ତ ଆନନ୍ଦିତ, କାରଣ ଆପଣ ସମସ୍ତେ ନିର୍ଭୀକ, ସାହସୀ ଏବଂ ଅଦମ୍ୟ ଉତ୍ସାହରେ ପରିପୂର୍ଣ୍ଣ। ଆପଣମାନେ ଆଗାମୀ ପୃଥିବୀର ସ୍ରଷ୍ଟା। ଆମ ଭଳି ବୃଦ୍ଧମାନେ ଏବେ କ୍ଲାନ୍ତ ହୋଇପଡ଼ିଛୁ। ତେଣୁ ଆମେ ଆମର ଆଗାମୀ କାଲିକୁ ଆପଣଙ୍କୁ ହସ୍ତାନ୍ତର କରୁଛୁ। ଆପଣ ସମାଜକୁ ଜାତି-ବିହୀନ, ମାନବୀୟ ଏବଂ ନ୍ୟାୟପୂର୍ଣ୍ଣ ସମାଜରେ ପରିବର୍ତ୍ତନ କରନ୍ତୁ। ଆତ୍ମସମ୍ମାନ, ସମାନତା ଏବଂ ଯୁକ୍ତିଯୁକ୍ତତା (ତର୍କଶୀଳତା) ଉପରେ ଆଧାରିତ ଏକ ସମାଜ ଗଠନ କରନ୍ତୁ। କିନ୍ତୁ ମନେରଖନ୍ତୁ, କେବଳ ତରବରିଆ ଭାବେ କରାଯାଇଥିବା କାର୍ଯ୍ୟ ନିରର୍ଥକ ଏବଂ ନିଷ୍ଫଳ ହୋଇଯାଏ। ବୁଦ୍ଧି ଏବଂ ବିବେକ ବିନା କରାଯାଇଥିବା ପ୍ରୟାସ ସବୁବେଳେ ବ୍ୟର୍ଥ ଅଟେ।

**ବୃଦ୍ଧମାନଙ୍କ ଅପେକ୍ଷା ଶ୍ରେଷ୍ଠ**

ଅଧିକାଂଶ ବୃଦ୍ଧ ବ୍ୟକ୍ତି ପାରିବାରିକ ଦାୟିତ୍ୱରେ ବନ୍ଧା ହୋଇ ରହନ୍ତି। ପରିବାର ଏବଂ ବ୍ୟକ୍ତିଗତ ସୁରକ୍ଷାର ଚିନ୍ତା ସେମାନଙ୍କୁ ସାହସିକ ପଦକ୍ଷେପ ନେବାରୁ ରୋକିଥାଏ। ଘରୋଇ କର୍ତ୍ତବ୍ୟ ବିବାହିତ ପୁରୁଷମାନଙ୍କୁ ବନ୍ଧନରେ ବାନ୍ଧିଦିଏ। କିନ୍ତୁ ଅବିବାହିତ ଯୁବକମାନେ ମୁକ୍ତ ପକ୍ଷୀ ସଦୃଶ ଅଟନ୍ତି। ସେମାନେ ଜୀବନର ଯେ କୌଣସି ଆହ୍ୱାନକୁ ସାହସର ସହ ସାମ୍ନା କରିପାରିବେ। ସେଥିପାଇଁ ଆମେ ବୃଦ୍ଧମାନେ ଆମର ଆଶା ଆପଣମାନଙ୍କ ଭଳି ଯୁବପିଢ଼ିଙ୍କ ଉପରେ ରଖିଥାଉ। କିନ୍ତୁ ଏହା ସହିତ ଆମକୁ ମଧ୍ୟ ଚିନ୍ତା ଥାଏ ଯେ, କାଳେ ଆପଣଙ୍କର ଅସ୍ଥିରତା ଏବଂ ତରବରିଆ ପଣ ଆପଣଙ୍କ ପାଇଁ ସଙ୍କଟ ସାଜିବ। ତେଣୁ ମୁଁ ଆପଣଙ୍କୁ ପରାମର୍ଶ ଦେଉଛି ଯେ, ବ୍ୟଗ୍ରତା ବା ତରବରିଆ ପଣ ମଧ୍ୟରେ ବି ସାବଧାନତା ଏବଂ ବିବେକ ବଜାୟ ରଖନ୍ତୁ। ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ତାହାର ପରିଣାମ ବିଷୟରେ ବିଚାର କରନ୍ତୁ। ସତର୍କତା ହିଁ ପ୍ରକୃତ ବୁଦ୍ଧିମତ୍ତା।

**ସମାଜର ସମସ୍ୟା**

ସମାଜରେ ଅନେକ ଲୋକ ଏବେ ବି ସ୍ୱର୍ଗ, ନର୍କ, ପୁନର୍ଜନ୍ମ ଏବଂ ମୋକ୍ଷ ଭଳି ଅନ୍ଧବିଶ୍ୱାସୀ ଧାରଣାରେ ବୁଡ଼ି ରହିଛନ୍ତି। ଯୁବକମାନଙ୍କର କର୍ତ୍ତବ୍ୟ ହେଉଛି ସେମାନଙ୍କୁ ଅଜ୍ଞାନତାର ଅନ୍ଧକାରରୁ ବାହାରକୁ ଆଣିବା। ପୁରୁଣା ତଥା ଅପ୍ରାସଙ୍ଗିକ ପରମ୍ପରା, ରୀତିନୀତି ଏବଂ ସାମାଜିକ ବନ୍ଧନ ସେତେବେଳେ ଶେଷ ହେବ, ଯେତେବେଳେ ଯୁବପିଢ଼ି ଆଗକୁ ଆସି ବିଜ୍ଞାନସମ୍ମତ ପରିବର୍ତ୍ତନ କରିବେ। ସଂସ୍କାରର ଆରମ୍ଭ ପ୍ରଥମେ ନିଜ ଘରୁ କରନ୍ତୁ। ନିଜର ପିତାମାତା ଏବଂ ପରିବାରର ବୟସ୍କମାନଙ୍କୁ ସଚେତନ କରନ୍ତୁ। ପରିବାରରେ ବିବାହ ସମୟରେ ହେଉଥିବା ଅନାବଶ୍ୟକ ଏବଂ ଅତ୍ୟଧିକ ଖର୍ଚ୍ଚକୁ ବିରୋଧ କରନ୍ତୁ। ନିଜ ପିତାମାତାଙ୍କୁ ବୁଝାନ୍ତୁ ଯେ ସେମାନେ ଅର୍ଥର ସଦୁପଯୋଗ କରନ୍ତୁ ଏବଂ ପିଲାମାନଙ୍କ ଭବିଷ୍ୟତ ପାଇଁ ତାହାକୁ ସଞ୍ଚୟ କରନ୍ତୁ।

**ଲିଙ୍ଗଗତ ସମାନତା**

ଆମ ସମାଜରେ ଆଜି ବି ସ୍ତ୍ରୀ-ପୁରୁଷ ଅସମାନତା ରହିଛି। ପୁରୁଷଙ୍କୁ ଶ୍ରେଷ୍ଠ ଏବଂ ମହିଳାମାନଙ୍କୁ ଅଧୀନ ବୋଲି ମାନିନିଆଯାଏ। ମହିଳାମାନଙ୍କୁ ଆଜି ବି ଗୋଟି ଶ୍ରମିକଙ୍କ ଭଳି ଦେଖାଯାଏ। ଯେ ପର୍ଯ୍ୟନ୍ତ ଯୁବପିଢ଼ି ଚୁପ୍ ରହିବେ, ସେପର୍ଯ୍ୟନ୍ତ ମହିଳାମାନଙ୍କୁ ସଶକ୍ତ କିପରି କରାଯାଇପାରିବ? ମନେରଖନ୍ତୁ, ସମାଜର ତୁମ ପିତାମାତା ଅଲଗା ରୁହନ୍ତି। କ'ଣ ଆପଣ ସେମାନଙ୍କ ଦୁଃଖ କଷ୍ଟକୁ ସହ୍ୟ କରିପାରିବେ? ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ସ୍ତ୍ରୀ-ପୁରୁଷ ସମାନତା ପାଇଁ ସଂଗ୍ରାମ କରନ୍ତୁ ଏବଂ ମହିଳାମାନଙ୍କୁ ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ପ୍ରାପ୍ତ କରିବାରେ ସାହାଯ୍ୟ କରନ୍ତୁ।

**ମାନବୀକତା ମାରି ନ ଯାଉ**

ଜାତିଗତ ଅହଙ୍କାର ଏବେ ବି ଶେଷ ହୋଇନାହିଁ। ଉଚ୍ଚ ଜାତିର ହୀନବାଦୀ (ଅନ୍ଧଭକ୍ତ) ଲୋକମାନେ ଆଜି ବି ଅନୁସୂଚିତ ଜାତିର ଲୋକଙ୍କୁ ନିଜ ପାଖରେ ବସିବାକୁ ଦିଅନ୍ତି ନାହିଁ। ଆମେ ବୃଦ୍ଧମାନେ ଜନ୍ମ ଆଧାରରେ ହେଉଥିବା ଭେଦଭାବକୁ ଶେଷ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛୁ, କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣ ସଫଳତା ମିଳିନାହିଁ। ଏବେ ଏହି କାର୍ଯ୍ୟ ଆପଣଙ୍କ ହାତରେ। ଜାତିପ୍ରଥାର ସମ୍ପୂର୍ଣ୍ଣ ବିନାଶ କରନ୍ତୁ ଏବଂ ଜାତି ବିହୀନ ସମାଜ ଗଠନ କରନ୍ତୁ। ନିଜ ପରିବାରରେ ହିଁ ଅନ୍ତର୍ଜାତି ବିବାହ ଏବଂ ଆତ୍ମସମ୍ମାନ ବିବାହକୁ ପ୍ରୋତ୍ସାହିତ କରନ୍ତୁ। ଧୀରେ ଧୀରେ ଅନ୍ୟ ପରିବାର ମଧ୍ୟ ଏହାର ଅନୁସରଣ କରିବେ।

**ଧାର୍ମିକ କଠୋରତା**

ଧାର୍ମିକ କଠୋରତାକୁ ସେତିକିବେଳେ ରୋକାଯାଇପାରିବ ଯେତେବେଳେ ଯୁବପିଢ଼ି ଆଗକୁ ଆସିବେ। ଛାତ୍ରମାନଙ୍କୁ ଧର୍ମର ବାହ୍ୟ ପ୍ରତୀକ ପ୍ରଦର୍ଶନରୁ ରୋକନ୍ତୁ। ଛୋଟ ପିଲାଙ୍କ ମନକୁ ଧାର୍ମିକ ଉନ୍ମାଦ ଦ୍ୱାରା ଦୂଷିତ ହେବାରୁ ରକ୍ଷା କରନ୍ତୁ। କଟ୍ଟର ମାନସିକତା ଥିବା ଲୋକଙ୍କୁ ଚିହ୍ନଟ କରନ୍ତୁ ଏବଂ ସେମାନଙ୍କୁ ମାନବବାଦୀ ଚିନ୍ତାଧାରା ଆଡ଼କୁ ନେଇଯାଆନ୍ତୁ। ସମାଜର ଦୁର୍ବଳ ଏବଂ ବଞ୍ଚିତ ବର୍ଗଙ୍କ ସହ ହେଉଥିବା ଅମାନବୀୟ ବ୍ୟବହାର ଶେଷ କରିବା ପାଇଁ ଚେଷ୍ଟା କରନ୍ତୁ।

**ଗ୍ରାମଗୁଡ଼ିକର ବିକାଶ**

ମୁଁ ଗାଁ ଓ ସହର ମଧ୍ୟରେ ଥିବା ତାରତମ୍ୟକୁ ବିରୋଧ କରେ। ଗ୍ରାମଗୁଡ଼ିକୁ ମଧ୍ୟ ସହର ଭଳି ସୁବିଧା ସୁଯୋଗ ମିଳିବା ଉଚିତ। ଯୁବକମାନେ ନିଜ ଗ୍ରାମଗୁଡ଼ିକୁ ଆଧୁନିକ କରିବା ଆବଶ୍ୟକ। ଦୁର୍ନୀତିଗ୍ରସ୍ତ ରାଜନେତାମାନଙ୍କୁ ଗ୍ରାମର ସରଳ ଲୋକଙ୍କୁ ଶୋଷଣ କରିବାରୁ ରୋକନ୍ତୁ। ଗ୍ରାମରେ ରାସ୍ତାଘାଟ, ପରିବହନ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ପାଇଁ ପ୍ରୟାସ କରନ୍ତୁ। ପ୍ରତ୍ୟେକ ଗ୍ରାମରେ ପିଲାମାନଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନ କରିବାରେ ସାହାଯ୍ୟ କରନ୍ତୁ।

**ସରକାରଙ୍କ ସହ ଆଲୋଚନା:**

ଗ୍ରାମର ସମସ୍ୟାଗୁଡ଼ିକୁ ନେଇ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ଲୋକଙ୍କ ଅସୁବିଧାଗୁଡ଼ିକୁ ତାଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ। ଗ୍ରାମଗୁଡ଼ିକରେ ଆଜି ବି ପିଇବା ପାଣି ଏବଂ ବିଜୁଳି ଭଳି ମୌଳିକ ସୁବିଧାର ଅଭାବ ରହିଛି। ଯୁବକମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟି ଜନହିତକର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଉଚିତ।

**ପୁସ୍ତକ ଚୟନ**

ମୁଁ ଯୁବକମାନଙ୍କୁ ଅନୁରୋଧ କରୁଛି ଯେ, ସେମାନେ ପୁରୁଣା ଆଧ୍ୟାତ୍ମିକ ଏବଂ ପୌରାଣିକ ପୁସ୍ତକରେ ଥିବା ଅବାନ୍ତର କଥାରୁ ଦୂରେଇ ରୁହନ୍ତୁ, ଯାହା ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରିଥାଏ। ଏପରି ପୁସ୍ତକ ପଢ଼ନ୍ତୁ ଯାହା ତର୍କ, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ସ୍ୱାଧୀନ ଚିନ୍ତାଧାରାକୁ ଉତ୍ସାହିତ କରେ। ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧୀୟ ଲେଖା ଏବଂ ପତ୍ରିକାଗୁଡ଼ିକରୁ ଦୂରେଇ ରୁହନ୍ତୁ।

**ତଥାକଥିତ ଧାର୍ମିକ ଗ୍ରନ୍ଥ**

ରାମାୟଣ, ସ୍କନ୍ଦପୁରାଣ ଏବଂ ମହାଭାରତ ଭଳି କାହାଣୀଗୁଡ଼ିକ କାଳ୍ପନିକ। ଏହାକୁ ଭିନ୍ନଭାବେ ବିଭିନ୍ନ ଭାଷାରେ ଲେଖା ଯାଇଛି। ଯୁବକମାନେ ନିଜର ମୂଲ୍ୟବାନ ସମୟ ଏଗୁଡ଼ିକ ଉପରେ ଚର୍ଚ୍ଚା କରି ନଷ୍ଟ କରିବା ଉଚିତ ନୁହେଁ। ଏହା ବଦଳରେ ମହାନଚିନ୍ତକ/ଦାର୍ଶନିକମାନଙ୍କ ପୁସ୍ତକ ପଢ଼ନ୍ତୁ, ଯାହା ଜ୍ଞାନ ଏବଂ ବିବେକର ଭଣ୍ଡାର ଅଟେ।

**ଭଣ୍ଡ ବାବା ଏବଂ ପାଖଣ୍ଡୀ**

ଆଜିକାଲି ସବୁଠାରେ ନକଲି ସାଧୁ ଏବଂ ଭଣ୍ଡମାନେ ଦେଖାଯାଉଛନ୍ତି। ସେମାନଙ୍କ କଥା ଉପରେ କେବେବି ବିଶ୍ୱାସ କରନ୍ତୁ ନାହିଁ। ନିଜ ପରିବାରର ଲୋକଙ୍କୁ ମଧ୍ୟ ଏଭଳି ଠକମାନଙ୍କଠାରୁ ସାବଧାନ ରହିବାକୁ ପରାମର୍ଶ ଦିଅନ୍ତୁ। ନିଜର ମାନସିକ ବଳ ଉପରେ ବିଶ୍ୱାସ ରଖନ୍ତୁ। ଶୁଭ-ଅଶୁଭ ସମୟ ଭଳି ଧାରଣା ଉପରେ ବିଶ୍ୱାସ କରନ୍ତୁ ନାହିଁ। ପ୍ରତ୍ୟେକ ମୁହୂର୍ତ୍ତ ପ୍ରତ୍ୟେକ କାର୍ଯ୍ୟ ପାଇଁ ଉପଯୁକ୍ତ।

**ଅନ୍ଧବିଶ୍ୱାସରୁ ମୁକ୍ତି**

ଆପଣଙ୍କ ଭାଗ୍ୟ ଆପଣଙ୍କ ନିଜ ହାତରେ ଅଛି। ହାତ ଏ ଥିବା ଲୋକର ମଧ୍ୟ ଭାଗ୍ୟ ରହିଛି। ତେଣୁ ଜ୍ୟୋତିଷମାନଙ୍କ ପାଖକୁ ଯାଇ ନିରର୍ଥକ ଭବିଷ୍ୟବାଣୀ ଶୁଣିବା ଅଭ୍ୟାସ ଛାଡ଼ିଦିଅନ୍ତୁ। ପ୍ରତ୍ୟେକ କଥାରେ ପ୍ରଶ୍ନ ପଚାରନ୍ତୁ - କ'ଣ? କିପରି? କାହିଁକି? ଏହା ହିଁ ବୈଜ୍ଞାନିକ ଏବଂ ତର୍କଶୀଳ ଚିନ୍ତାଧାରାର ଆଧାର।

**ପର୍ବପର୍ବାଣି ଏବଂ ଅନାବଶ୍ୟକ ଖର୍ଚ୍ଚ**

ବର୍ଷସାରା ଅନେକ ଧାର୍ମିକ ପର୍ବ ଏବଂ ସମାରୋହ ହୋଇଥାଏ ଯେଉଁଥିରେ ସମୟ, ଅର୍ଥ ଏବଂ ଶକ୍ତିର ଅପବ୍ୟୟ ହୁଏ। ଯୁବକମାନେ ନିଜ ପିତାମାତାଙ୍କୁ ବୁଝାଇବା ଉଚିତ ଏବଂ ଏଭଳି ଅନାବଶ୍ୟକ ଖର୍ଚ୍ଚରୁ ରକ୍ଷା କରିବା ଉଚିତ। କେବଳ କୃଷିଭିତ୍ତିକ ପର୍ବ (ଯେପରିକି ଅକ୍ଷୟ ତୃତୀୟା) ଏବଂ ମହାନ ଚିନ୍ତକ/ମହାପୁରୁଷମାନଙ୍କ ଜୟନ୍ତୀ ଭଳି କାର୍ଯ୍ୟକ୍ରମ ହିଁ ଉପଯୋଗୀ। ବାକି ଅଧିକାଂଶ ସମାରୋହ କେବଳ ଅର୍ଥର ଅପଚୟ।

**ମନ୍ଦିରରେ ଦାନ**

ମନ୍ଦିରରେ ଦିଆଯାଉଥିବା ଅର୍ଥ ପ୍ରାୟତଃ ଜନକଲ୍ୟାଣ ପାଇଁ ବ୍ୟବହାର ହୁଏ ନାହିଁ। ତେଣୁ ଯୁବକମାନେ ନିଜ ପରିବାରର ଲୋକଙ୍କୁ ମନ୍ଦିରମାନଙ୍କରେ ଦାନ ନ ଦେବାପାଇଁ ସଚେତନ କରିବା ଉଚିତ।

**ନିରର୍ଥକ କର୍ମକାଣ୍ଡ**

ଘରେ ହେଉଥିବା ଅନାବଶ୍ୟକ ଏବଂ ନିରର୍ଥକ କର୍ମକାଣ୍ଡ ବନ୍ଦ ହେବା ଆବଶ୍ୟକ। ବିବାହରେ ଅତ୍ୟଧିକ ଖର୍ଚ୍ଚ କରିବା ଏବଂ ସଂସ୍କୃତ ମନ୍ତ୍ର ପଢ଼ୁଥିବା ପୁରୋହିତଙ୍କୁ ବହୁ ପରିମାଣର ଅର୍ଥ ଦେବା ବ୍ୟର୍ଥ ଅଟେ। ଯେପର୍ଯ୍ୟନ୍ତ ଯୁବପିଢ଼ି ଏହି କୁ-ସଂସ୍କାର ପରମ୍ପରାକୁ ସମାପ୍ତ ନ କରିଛନ୍ତି, ସେପର୍ଯ୍ୟନ୍ତ ସମାଜ ସଂସ୍କାର ସମ୍ଭବ ନୁହେଁ।

**ଜନଜାଗରଣର ଆବଶ୍ୟକତା**

ଯୁବକମାନେ ସମଗ୍ର ରାଜ୍ୟ ଭ୍ରମଣ କରି ଲୋକଙ୍କୁ ଭେଟିବା ଉଚିତ ଏବଂ ସେମାନଙ୍କୁ ତର୍କଶୀଳତା, ଆତ୍ମସମ୍ମାନ, ସାମାଜିକ ନ୍ୟାୟ, ସମାନତା ଏବଂ ମାନବବାଦର ଗୁରୁତ୍ୱ ବିଷୟରେ ସଚେତନ କରାଇବା ଉଚିତ। ପ୍ରତି ଜିଲ୍ଲା ଓ ସହରର ଛକ ମାନଙ୍କରେ ସଭାର ଆୟୋଜନ କରି ଜନଜାଗରଣ ସୃଷ୍ଟି କରନ୍ତୁ।

**ଯୁବ ସଂଗଠନ**

ଯୁବ ପୁରୁଷ ଏବଂ ମହିଳାମାନେ ସଂଗଠନମାନ ଗଢ଼ି ସମାଜରେ ପରିବର୍ତ୍ତନ ଆଣିପାରିବେ। ଆମେ ବୃଦ୍ଧମାନେ ଆମର ଗତକାଲିକୁ ଆପଣଙ୍କ ଭବିଷ୍ୟତ ପାଇଁ ଉତ୍ସର୍ଗ କରିଛୁ। ମୁଁ ମଧ୍ୟ ଦିନେ ଆପଣଙ୍କ ଭଳି ଯୁବକ ଥିଲି, କିନ୍ତୁ ମୁଁ ମୋର ଜୀବନ ସମାଜସେବାରେ ଲଗାଇଲି। ମୁଁ ଚାହେଁ ଯେ ଆପଣମାନେ ମଧ୍ୟ ଏକ ସାର୍ଥକ ଏବଂ ରଚନାତ୍ମକ ଜୀବନ ବିତାନ୍ତୁ।

**ଅନ୍ତିମ ସନ୍ଦେଶ**

ଆଗାମୀ ବିଶ୍ୱ ଯୁବପିଢ଼ିଙ୍କ ଉପରେ ଗର୍ବ କରିବା ଉଚିତ। ଆପଣମାନେ ନିଜର ଶ୍ରେଷ୍ଠତା ଦ୍ୱାରା ଆମକୁ ସମ୍ମାନ ଏବଂ ଗୌରବ ପ୍ରଦାନ କରନ୍ତୁ। ମୋର ପ୍ରିୟ ଯୁବକମାନେ, ନୂତନ ଶକ୍ତି ଏବଂ ଉତ୍ସାହର ସହିତ ଆଗକୁ ବଢ଼ନ୍ତୁ ଏବଂ ନିଜର ସମସ୍ତ ଲକ୍ଷ୍ୟ ହାସଲ କରନ୍ତୁ। ମୋର ବିଶ୍ୱାସ ଅଛି ଯେ ଆପଣ ଆମର ସ୍ୱପ୍ନକୁ ନିଶ୍ଚିତ ଭାବରେ ସାକାର କରିପାରିବେ।

**ବିଧାୟକ, ଆଠଗଡ଼**

# ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'

**ମନୋରମା ନନ୍ଦ (ମିଶ୍ର)**



ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି । ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ହେଲେ ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। କହିବାକୁ ଗଲେ, ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ। ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍‌ଭାସିତ ହୋଇଥିଲେ। ଆଉ ସେହିଠାରୁ ହିଁ ବାନରସେନା ଗଢ଼ିବା ଲାଗି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ଆଉ ସେହି 'ବାନରସେନା'ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗତିଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ ଶାସକ ନିଃଶେଷ କରି ଦେଇଥାଏ ଭାରତୀୟ ଜନଜୀବନକୁ। ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ସୀମା ଲଂଘିଥାଏ। କହିବାକୁ ଗଲେ, ନିର୍ବାଣ ଦୀପଶିଖା ଜଳି ଉଠୁଥାଏ। ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବା ସହ ସୁସ୍ଥ, ସୁନ୍ଦର, ବୃହତ୍ତର ସ୍ୱାଧୀନ ଜୀବନର ଶିଳାନ୍ୟାସ କରିବାକୁ ଅଗ୍ରସର ହେଉଥାନ୍ତି ସଂଗ୍ରାମୀଗଣ। ନବପ୍ରଭାତ ସହ ନୂତନ ଭାଷାର ଅରୁଣିମାକୁ ଅପେକ୍ଷା କରିଥାନ୍ତି ସଭିଏଁ। ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଚଳାଇବାକୁ ହେବ ଏ ଅସହଯୋଗ ଆନ୍ଦୋଳନ। ତା'ପରେ ଜଣାପଡ଼ିବ, କେତେ ଦିନ ତିଷ୍ଠି ରହିବ ଏ ସାତଦରିଆ ତେର ନଈ ପାରି ହୋଇ ଆସିଥିବା ବେପାରୀ ଶାସକଦଳ।

ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ । ଦିନକର କଥା। ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ସେହି ନିଃସଙ୍ଗ ବାନର ସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନେ। ଲକ୍ଷ୍ୟ ଥିଲା ପିକେଟିଂ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୋଲିସ ଏବଂ ବାନରସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୋଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀ ମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଂଗ୍ରାମୀମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବାବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିଶ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା । ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୋଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣା କ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ । ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ । ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ।

ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି। ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ସେହିପରି ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ଼.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ସେହିପରି ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣ କ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବାବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ।

ଅନ୍ୟପକ୍ଷରେ ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇଥିଲା। ଏହାର ଫଳସ୍ୱରୁପ ୧୯୬୧ରେ ପଣ୍ଡିତ ମିଶ୍ର 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ସାମୟିକୀ' ଓ 'ଦଶଦିଗ' ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ। ୧୯୬୭ରେ ପାଟଣା ମହାରାଜା ତଥା ନୂତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସମ୍ପର୍କରେ ଲିଖିତ 'ପୁଣ୍ୟଶ୍ଳୋକ' ଆତ୍ମପ୍ରକାଶ କରିଥିଲା। ତେବେ ସେ ଯାହହେଉ, ୮୬ ବର୍ଷ ବୟସରେ ପହଞ୍ଚିଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି।

**ଟ୍ରଷ୍ଟି, ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ, ବାଜପୁର**
**ମୋବାଇଲ୍‌:୯୭୭୮୫-୨୨୮୨**

# ଇରାନ୍ ସେନାଘାଟି ଉପରେ ଦ୍ୱିତୀୟ ଆକ୍ରମଣ




ୱାଶିଂଟନ୍, ୨୮ ।୫ଃ ବୁଧବାର ଆମେରିକୀୟ ସେନା ଇରାନର ଏକ ଗୁରୁତ୍ୱପୂର୍ଣ୍ଣ ସୈନ୍ୟଘାଟି ଉପରେ ମିଶାଇଲ୍ ମାଡ଼ କରି ଏହାକୁ ଧ୍ୱଂସ କରିଦେଇଛି। ରଏଟର୍ସକୁ ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ଆମେରିକା ସେନା ପକ୍ଷରୁ ଏହି ନୂତନ ଏୟାରଷ୍ଟ୍ରାଇକ କରାଯାଇଛି। ହୋର୍ମୁଜ ପ୍ରଣାଳୀ ଅଞ୍ଚଳରେ ମୁତୟନ ଥିବା ଆମେରିକୀୟ ସୈନ୍ୟ ଏବଂ ସେହି ବାଟ ଦେଇ ଯାତାୟାତ କରୁଥିବା ଅନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ଏହି ଇରାନୀ ସେନ୍ୟଘାଟି ଅନ୍ତରାୟ ସୃଷ୍ଟି କରୁଥିଲା। ଏହି ସୂଚନା ମିଳିବା ପରେ ଆମେରିକା ପ୍ରତିରକ୍ଷାତ୍ମକ ଭାବେ ଏହି ଆକ୍ରମଣ କରିଥିବା ଦାବି କରିଛି।

ପ୍ରାପ୍ତ ବିବରଣୀ ଅନୁଯାୟୀ, କେବଳ ସୈନ୍ୟ ଘାଟି ଉପରେ ନୁହେଁ, ଇରାନ ପକ୍ଷରୁ ଆସୁଥିବା ଅନେକ ଡ୍ରୋନ୍‌କୁ ମଧ୍ୟ ଆମେରିକା ସେନା ମଝି ଆକାଶରେ ନଷ୍ଟ କରିଦେଇଛି। ଏହି ଡ୍ରୋନ୍‌ଗୁଡ଼ିକ ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା। ଆମେରିକାର ଦୁଇଜଣ ପ୍ରତିରକ୍ଷା ଅଧିକାରୀଙ୍କ କହିବା ଅନୁଯାୟୀ, ସେନା ପ୍ରଥମେ ଆକାଶମାର୍ଗରେ ଇରାନର ୪ଟି ଡ୍ରୋନ୍‌କୁ ମାରି ଖସାଇଥିଲା। ଏହାପରେ ୫ମ ଡ୍ରୋନ୍‌ଟି ଯେଉଁ ସେନ୍ୟ ଘାଟିରୁ ଲଞ୍ଚ ହେବାକୁ ପ୍ରସ୍ତୁତ ହେଉଥିଲା, ସେହି ବେସ୍‌କୁ ହିଁ ଆମେରିକା ମିଶାଇଲ୍ ମାଡ଼ କରି ସମ୍ପୂର୍ଣ୍ଣ ଭାବେ ଉଡ଼ାଇ ଦେଇଛି।

ପେଣ୍ଟାଗନ୍ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ, ବୁଧବାର ଇରାନ ଉପରେ ହୋଇଥିବା ଆକ୍ରମଣ ହେଉଛି ଆମେରିକା ସେନାର ଦ୍ୱିତୀୟ ପ୍ରତିରକ୍ଷାତ୍ମକ ଆକ୍ରମଣ। ଇରାନ ସେନା ପକ୍ଷରୁ କିଛି ଗତିବିଧି ବଢୁଥିବା ଆମର ରାଡାର୍ ଏବଂ ସାଟେଲାଇଟ୍‌ରେ ରେକର୍ଡ କରାଯାଇଥିଲା। ସେମାନେ ହର୍ମୁଜ ପ୍ରଣାଳୀରେ ଆମ ସେନା ଉପରେ ବଡ଼ ହମଲା କରିବା ପାଇଁ ଯୋଜନା କରୁଥିଲେ। ଯଦି ଆମେ ଠିକ୍ ସମୟରେ ପଦକ୍ଷେପ ନେଇନଥାନ୍ତୁ, ତେବେ ଆମର ବଡ଼ କ୍ଷତି ହୋଇଥାନ୍ତା ବୋଲି ପେଣ୍ଟାଗନର ଜଣେ ଅଧିକାରୀ କହିଛନ୍ତି।

## ଆମେରିକୀୟ ଘାଟିକୁ ଟାର୍ଗେଟ୍ କଲା ଇରାନ୍

ତେହେରାନ୍, ୨୮ ।୫ଃ ବୁଧବାର ରାତିରେ ଇରାନୀ ମିଲିଟାରି ବେସ୍ ଉପରେ ଜୋରଦାର ଆକ୍ରମଣ ପରେ ଏହାର ଜବାବ ଦେଇଛି ତେହେରାନ୍। ଦକ୍ଷିଣ ଇରାନ ଅଞ୍ଚଳରେ ଥିବା ଏକ ଆମେରିକୀୟ ବାୟୁସେନା ଘାଟିକୁ ଏହା ଟାର୍ଗେଟ୍ କରିଛି ବୋଲି ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦାବି କରିଛି। ତେବେ କେଉଁ ଘାଟିକୁ ଏହା ଟାର୍ଗେଟ୍ କରିଛି ସେକଥା ଆଇଆରଜିସି କହିନାହିଁ। ମାତ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକୀୟ ଘାଟିକୁ ଆଶ୍ରୟ ଦେଉଥିବା କୁୱେତ କହିଛି ଯେ ବୁଧବାର ରାତିରେ ଆମେରିକା ଆକ୍ରମଣର ଜବାବୀ ଆକ୍ରମଣ କରାଯାଇଛି। ସେମାନେ କାଉଣ୍ଟର ଆଟାକ୍ କରିଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍‌କୁ ପ୍ରତିହତ କରିଛନ୍ତି। ତେବେ ସେଗୁଡ଼ିକ କେଉଁଠାରୁ ଆସୁଥିଲା ତାହା ସ୍ପଷ୍ଟ ହୋଇନାହିଁ।

## ଦୁର୍ବଳ ହେଉଛି ଯୁଦ୍ଧବିରତି

ଦୋହା, ୨୮ ।୫ଃ ଇରାନ୍ ଓ ଆମେରିକା ମଧ୍ୟରେ ଯୁଦ୍ଧବିରତି ଜାରି ରହିଥିବା ବେଳେ ଦୁଇଦେଶ ମଧ୍ୟରେ ଏଭଳି ଆକ୍ରମଣ ପ୍ରତିଆକ୍ରମଣ ବିଶ୍ୱର ବୁଦ୍ଧିଜୀବୀଙ୍କୁ ଚିନ୍ତାଗ୍ରସ୍ତ କରିଛି। ବିଶେଷକରି, ତିନିଦିନ ମଧ୍ୟରେ ଇରାନ ଉପରେ ଆମେରିକାର ଦ୍ୱିତୀୟଥର ଆକ୍ରମଣ ଯୁଦ୍ଧବିରତିକୁ ଦୁର୍ବଳ କରିବା ଆଶଙ୍କା ସୃଷ୍ଟି ହୋଇଛି। ଆକ୍ରମଣ ପରେ ଆମେରିକା ବାରମ୍ବାର 'ଏହା ଆତ୍ମରକ୍ଷାତ୍ମକ ଆକ୍ରମଣ' ବୋଲି ସଫେଇ ଦେଉଥିଲେ ମଧ୍ୟ ଏହା ଯେ ମଧ୍ୟପ୍ରାଚ୍ୟ ଶାନ୍ତି ପାଇଁ ମାର୍ଗ ପ୍ରସ୍ତୁତ କରିବନାହିଁ ତାହା ସ୍ପଷ୍ଟ ହୋଇଯାଇଛି। ବିଶେଷକରି, ନୂଆକରି ଏଇ ସପ୍ତାହରେ ଆରମ୍ଭ ହୋଇଥିବା ଶତ୍ରୁତା ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧବିରତିକୁ ବିପଦରେ ପକାଇଛି ବୋଲି ସମସ୍ତେ ବୁଝିବା ଆରମ୍ଭ କଲେଣି। କତରଠାରେ ଦୁଇଦେଶ ମଧ୍ୟ ଶାନ୍ତି ପାଇଁ ଚାଲିଥିବା ପ୍ରୟାସ ଦିନକୁଦିନ ଆସ୍ଥା ହରାଉଛି।

## ଆର୍ଥିକ ମହାସଂକଟ ମୁହାଁ ହେଉଛି ବିଶ୍ୱ

ଆମେରିକାର ବୁଧବାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ତିକ୍ତତା ଯଥେଷ୍ଟ ବଢ଼ିଯାଇଛି। ଶାନ୍ତି ବାର୍ତ୍ତା ଚାଲିଥିବା ବେଳେ ଆମେରିକାର ଏହି ବଡ଼ ପ୍ରହାର ଯୋଗୁଁ ଇରାନ ଏବେ ପ୍ରତିଶୋଧ ମୁହାଁ ହୋଇଛି। ଇରାନ୍ ଏଯାଏ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇନାହିଁ। ଯଦି ଇରାନ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ପାଲଟା ଆକ୍ରମଣ ହୁଏ, ତା'ହେଲେ ହର୍ମୁଜ ପ୍ରଣାଳୀ ଦେଇ ଏବେ ହେଉଥିବା ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ। ଏହାର ସିଧାସଳଖ ପ୍ରଭାବ ଭାରତ ସେମିତ ଅନେକ ବିକାଶଶୀଳ ଦେଶର ଅର୍ଥନୀତି ଉପରେ ପଡ଼ିବାର ଆଶଙ୍କା ରହିଛି। ଦୁଇଦେଶ ମଧ୍ୟରେ ଯୁଦ୍ଧଶେଷ କରିବାକୁ କୂଟନୈତିକ ସ୍ତରରେ ଆଲୋଚନା ହେଉଥିବା ବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ଧୈର୍ଯ୍ୟଚ୍ୟୁତି ବିଶ୍ୱକୁ ଏକ ଆର୍ଥିକ ମହାସଂକଟ ଆଡ଼କୁ ଟାଣିନେବାର ଆଶଙ୍କା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଏହି ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଆକାଶଛୁଆଁ ହୋଇଛି।

## ଚଳନ୍ତା ସ୍କର୍ପିଓରେ ନିଆଁ

### ୨ ପୂର୍ବ ସରପଞ୍ଚ ସମେତ ୪ ଜୀବନ୍ତଦଗ୍ଧ



ନୂଆଦିଲ୍ଲୀ ୨୮ ।୫ଃ ରାଜସ୍ଥାନର ଆଜମେର୍ ଜିଲ୍ଲାରେ ଗୁରୁବାର ସକାଳେ ଏକ ଦୁଃଖଦ ଘଟଣାରେ ଗୋଟିଏ ପରିବାରର ୪ ସଦସ୍ୟ ଜୀବନ୍ତ ଜଳି ଯାଇଥିବା ଜଣାପଡ଼ିଛି। ବୋରାଡା ଥାନା ଅନ୍ତର୍ଗତ ଶ୍ରୀରାମପୁରା ଗାଁ ନିକଟରେ ଭୋର ୫ଟା ୩୦ ମିନିଟରେ ସମୟରେ ଏହି ଘଟଣା ଘଟିଛି। ଦୁଇଜଣ ପୂର୍ବତନ ସରପଞ୍ଚ ଓ ତାଙ୍କ ପରିବାର ଏକ ସ୍କର୍ପିଓ ଗାଡ଼ିରେ ଯାଉଥିବାବେଳେ ଗାଡ଼ିରେ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଜୋରରେ ବ୍ୟାପି ଯାଇଥିଲା ଯେ, ପରିବାର ଲୋକ ଗାଡ଼ିରୁ ବାହାରି ପାରିନଥିଲେ।

ପୋଲିସ ଅଧୀକ୍ଷକ ହର୍ଷବର୍ଦ୍ଧନ ଅଗ୍ରୱାଲ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ରାମସିଂହ ଚୌଧୁରୀ, ତାଙ୍କ ମା' ତଥା ପୂର୍ବତନ ସରପଞ୍ଚ ପୁସି ଦେବୀ, ପତ୍ନୀ ତଥା ଜିଲ୍ଲା ପରିଷଦ ସଦସ୍ୟ ସୁରଜ୍ଞାନୀ ଦେବୀ ଓ ଭାଣିଜୀ ମହିମାଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ପୁସି ଦେବୀଙ୍କ ଛାତିରେ ଯନ୍ତ୍ରଣା ଯୋଗୁଁ ପୁଅ ରାମସିଂହ ତାଙ୍କୁ ହସ୍ପିଟାଲ ନେଇ ଯାଉଥିଲେ। ଏହି ସମୟରେ ସ୍କର୍ପିଓ ଗାଡ଼ିରେ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଜୋରରେ ଲାଗିଥିଲା ଯେ ରାମସିଂହ, ତାଙ୍କ ପତ୍ନୀ ଓ ଭାଣିଜୀ ଗାଡ଼ିରୁ ବାହାରି ନ ପାରି ଜିଅନ୍ତା ଜଳି ଯାଇଥିଲେ। ସ୍ଥାନୀୟ ଲୋକମାନେ ଗାଡ଼ି ଡୋର୍ ଭାଙ୍ଗି ପୁସି ଦେବୀଙ୍କୁ ବାହାରକୁ ବାହାର କରିଥିଲେ ମଧ୍ୟ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ଗଙ୍ଗାରେ ଓଲଟିଲା ଡଙ୍ଗାଃ ୨ମୃତ, ୫ ନିଖୋଜ



ନୂଆଦିଲ୍ଲୀ ୨୮ ।୫ଃ ବିହାର ରାଜଧାନୀ ପାଟନାରେ ବଡ ଅଘଟଣ। ଉମାନାଥ ଗଙ୍ଗା ଘାଟରେ ଡଙ୍ଗା ଦୁର୍ଘଟଣାର ରିପୋର୍ଟ ସାମ୍ନାକୁ ଆସୁଛି। ଏହି ଘଟଣା ଘଟିଥିଲା ଯେତେବେଳେ ଏକ ଛୋଟ ଡଙ୍ଗାଟି ଲୋକଙ୍କୁ ନେଇ ଯାଉଥିଲା। ଯେଉଁଥିରେ ୧୪ ରୁ ୧୫ ଜଣ ଲୋକ ପନିପରିବା ଅମଳ କରିବାକୁ ଯାଉଥିଲେ। କିନ୍ତୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ସମସ୍ତ ଲୋକ ଗଙ୍ଗାରେ ବୁଡ଼ି ଯାଇଥିଲେ। ରିପୋର୍ଟ ଅନୁଯାୟୀ, ସାତ ଜଣ ଲୋକ ବୁଡ଼ି ଯାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଜଣେ ମହିଳା ଏବଂ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଯେତେବେଳେ ବାକି ପାଞ୍ଚ ଜଣଙ୍କ ସନ୍ଧାନ ଏପର୍ଯ୍ୟନ୍ତ ଜାରି ରହିଛି। ଉମାନାଥ ଗଙ୍ଗା ଘାଟରେ ପୋଲିସ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରିଛି। ଏହା ସହିତ ଏସଡିଆରଏଫର ଏକ ଦଳକୁ ଘଟଣାସ୍ଥଳକୁ ଡକାଯାଇଛି ଏବଂ ପ୍ରଶାସନିକ ଦଳ ଏହି ଦୁର୍ଘଟଣା ସହିତ ଜଡିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିରନ୍ତର ନିୟୋଜିତ ଅଛନ୍ତି।

### ଦ୍ୱିଶା ମୃତ୍ୟୁ ମାମଲା

## ଶାଶୂ ତଥା ପୂର୍ବତନ ଜଜ୍ ଗିରିବାଳା ସିଂ ଗିରଫ



ଭୋପାଳ, ୨୮ ।୫ଃ ମଡେଲ୍ ତଥା ଅଭିନେତ୍ରୀ ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସିବିଆଇ ଗୁରୁବାର ତାଙ୍କର ଶାଶୂ ତଥା ପୂର୍ବତନ ଜଜ୍ ଗିରଫ କରିଛି। ସ୍ୱାମୀ ସମର୍ଥ ସିଂହଙ୍କୁ ପଚରାଉଚରା ଜାରି ରହିଛି। ପୂର୍ବତନ ବିଚାରପତି ତଥା ତାଙ୍କ ଶାଶୂ ଗିରିବାଳା ସିଂଙ୍କୁ ହେପାଜତରେ ଜେରା କରିବାର ଆବଶ୍ୟକତା ଦର୍ଶାଇ ସିବିଆଇ କୋର୍ଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲା। ଫଳରେ ଗିରିବାଳାଙ୍କ ଉପରେ ଆରେଷ୍ଟ ଖଣ୍ଡା ଝୁଲୁଥିଲା। ମଧ୍ୟପ୍ରଦେଶ ହାଇକୋର୍ଟ ମଧ୍ୟ ତାଙ୍କ ଆଗୁଆ ଜାମିନ ଖାରଜ କରିଦେଇଥିଲେ। ହାଇକୋର୍ଟ ଆଗୁଆ ଜାମିନ ଆବେଦନ କରିବା ପରେ ମାମଲା ଏକ ନୂଆ ମୋଡ଼ ନେଇଛି। ଯେକୌଣସି ମୂହୁର୍ତ୍ତରେ ଗିରଫ ହୋଇପାରନ୍ତି ଦ୍ୱିଶାଙ୍କ ଶାଶୂ ଗିରିବାଳା ସିଂ। 'ଶରୀରରେ ଚିହ୍ନ ଥିଲା, ଗିରିବାଳା ଏବଂ ସମର୍ଥ ଏ ବିଷୟରେ ନୀରବ'- ଏପରି ପରିସ୍ଥିତିରେ, ପ୍ରାରମ୍ଭିକ ତଦନ୍ତ ପରେ, ସିବିଆଇ କୋର୍ଟରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲା ଏବଂ ସିଧାସଳଖ ପଚରାଉଚରା ପାଇଁ ଗିରିବାଳା ସିଂହଙ୍କୁ ହେପାଜତକୁ ନେବାକୁ ଦାବି କରିଥିଲା। ସିବିଆଇ ପ୍ରଶ୍ନ ଉଠାଇଥିଲା ଯେ ଦ୍ୱିଶାଙ୍କ ଶରୀରରେ ଅନେକ ଆଘାତ ଚିହ୍ନ ଥିଲା, କିନ୍ତୁ ତାଙ୍କ ସ୍ୱାମୀ ଏବଂ ଶାଶୂ କୌଣସି ସ୍ପଷ୍ଟୀକରଣ ଦାଖଲ କରିନଥିଲେ କାହିଁକି? ଏହା ବ୍ୟତୀତ, ହ୍ୱାଟ୍ସଆପ୍ ଚାଟ୍ ସ୍ପଷ୍ଟ ଭାବରେ ସୂଚାଉଛି ଯେ, ଗିରିବାଳା ଏବଂ ସମର୍ଥ ଦ୍ୱିଶାଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ।

## ୪ ରାଜ୍ୟରେ ବଦଳିଲେ ବିଜେପି ସଭାପତି

ନୂଆଦିଲ୍ଲୀ, ୨୮ ।୫ଃ ବିଜେପି ଗରୁବାର ତିନି ରାଜ୍ୟ- ତ୍ରିପୁରା, ହରିୟାଣା ଏବଂ ପଞ୍ଜାବ ସହ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ପାଇଁ ନୂଆ ରାଜ୍ୟ ସଭାପତିଙ୍କ ନିଯୁକ୍ତି ଘୋଷଣା କରିଛି। ଏହି ନିଯୁକ୍ତି ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ରାଜ୍ୟମାନଙ୍କ ସହ ଜାତୀୟ ସ୍ତରରେ ମଧ୍ୟ ପଦାଧିକାରୀଙ୍କ ଏକ ନୂଆ ଟିମ୍ ବାଛିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସାଂସଦ ଏବଂ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀରେ ଦଳର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିଭଳି ହରିୟାଣାରେ ଅର୍ଚ୍ଚନା ଗୁପ୍ତାଙ୍କୁ ରାଜ୍ୟ ସଭାପତି ଘୋଷଣା କରାଯାଇଛି। ତ୍ରିପୁରାରେ ଅଭିଷେକ ଦେବରାୟ ଏବଂ ପଞ୍ଜାବରେ କେବଳ ସିଂହ ଢିଲ୍ଲୋଙ୍କୁ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରାଯାଇଛି।



### ଦିଲ୍ଲୀ ଦାୟିତ୍ୱରେ ହର୍ଷ ମାଲ୍‌ହୋତ୍ରା

ହର୍ଷ ମାଲହୋତ୍ରା ଏବେ କେନ୍ଦ୍ର ସରକାରରେ କର୍ପୋରେଟ ବ୍ୟାପାର ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ପଦରେ ଅଛନ୍ତି। ସେ ବିରେନ୍ଦ୍ର ସଚଦେବାଙ୍କ ସ୍ଥାନ ନେବେ। ହରିୟାଣାରେ ଦଳ ବଡ଼ ସାଂଗଠନିକ ପରିବର୍ତ୍ତନ କରିବା ସହ ମୋହନ ଲାଲ ବଡୌଲୀଙ୍କୁ ହଟାଇ ଡା. ଅର୍ଚ୍ଚନା ଗୁପ୍ତାଙ୍କୁ ନୂଆ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରିଛନ୍ତି।

ପଞ୍ଜାବରେ ସୁନୀଲ ଜାଖଡ଼ଙ୍କ ତିନିବର୍ଷର କାର୍ଯ୍ୟକାଳ ସମାପ୍ତ ହେବା ପରେ ପୂର୍ବତନ ବିଧାୟକ କେବଳ ସିଂହ ଢିଲ୍ଲୋଙ୍କୁ ରାଜ୍ୟର ନୂଆ ସଭାପତି ନିଯୁକ୍ତ କରାଯାଇଛି। ୭୫ ବର୍ଷୀୟ ଢିଲ୍ଲୋ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ବରନାଲାରୁ ବିଧାୟକ ହୋଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂହଙ୍କ ଖୁବ୍ ଘନିଷ୍ଠ। ପୂର୍ବୋତ୍ତର ରାଜ୍ୟ ତ୍ରିପୁରାରେ ରାଜୀବ ଭଟ୍ଟାଚାର୍ଯ୍ୟଙ୍କ ସ୍ଥାନରେ ଯୁବ ବିଧାୟକ ଅଭିଷେକ ଦେବରାୟଙ୍କୁ ରାଜ୍ୟ ସଭାପତି ଦାୟିତ୍ୱ ଦିଆଯାଇଛି। ୪୦ ବର୍ଷୀୟ ଦେବରାୟ ଗୋମତୀ ଜିଲ୍ଲାର ମାତାବଡ଼ୀ ବିଧାନସଭା କ୍ଷେତ୍ରରୁ ବର୍ତ୍ତମାନ ବିଧାୟକ ଅଛନ୍ତି।

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିଦ୍ଧରାମାୟା

ବେଙ୍ଗାଲୁରୁ, ୨୮ ।୫ଃ କର୍ନାଟକର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ସିଦ୍ଧରାମାୟା। ବେଙ୍ଗାଲୁରୁ ରାଜଭବନ ଯାଇ ସେ ଇସ୍ତଫା ଦେଇଛନ୍ତି। ଏନେଇ ସିଦ୍ଧରାମାୟା ଏକ ପ୍ରେସ୍‌ମିଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟପାଳଙ୍କ ଅନୁପସ୍ଥିତିରେ ତାଙ୍କ ସଚିବଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛି। ରାଜ୍ୟପାଳ ଫେରିଲେ ମୋର ଇସ୍ତଫାପତ୍ର ଗ୍ରହଣ କରିବେ। କଂଗ୍ରେସ ହାଇକମାଣ୍ଡ ମୋତେ ଇସ୍ତଫା ପାଇଁ କହିଥିଲେ। ସିଦ୍ଧରାମାୟା ଗୁରୁବାର ମନ୍ତ୍ରୀମାନଙ୍କ ସହିତ ଏକ ବୈଠକରେ ଇସ୍ତଫା ଘୋଷଣା କରିଥିଲେ। ସେ



କହିଥିଲେ, ମୋତେ ଏକ ନୂଆ ମୁହଁ ପାଇଁ ରାସ୍ତା ଛାଡ଼ିବାକୁ କୁହାଯାଇଛି। ମୁଁ ଦଳର ହାଇକମାଣ୍ଡଙ୍କ ଅନୁରୋଧରେ ସହମତ ହେଉଛି ଏବଂ ଇସ୍ତଫା ଦେଉଛି। ଯାହାକି ଡିକେ ଶିବକୁମାରଙ୍କ ମୁଖ୍ୟମନ୍ତ୍ରୀ ହେବା ପାଇଁ ରାସ୍ତା ଫିଟିଛି। ଉଲ୍ଲେଖନୀୟ ଯେ, ମୁଖ୍ୟମନ୍ତ୍ରୀ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଆଲୋଚନା ସମୟରେ ଯେତେବେଳେ ରୋଟେସନ ଚୁକ୍ତିନାମା ଅନୁଯାୟୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରାଯିବ କି ଅନ୍ୟ କାହାକୁ ବିଚାର କରାଯିବ ତାହା ସ୍ଥିର କରାଯାଇଥିଲା, ପ୍ରିୟଙ୍କା ଗାନ୍ଧୀ ତାଙ୍କର ମତ ସ୍ପଷ୍ଟ କରିଥିଲେ ଏବଂ ନେତୃତ୍ୱକୁ କେବଳ ଡିକେ ଶିବକୁମାରଙ୍କୁ ବାଛିବାକୁ ପରାମର୍ଶ ଦେଇଥିଲେ, ଅନ୍ୟ କାହାକୁ ନୁହେଁ। ପ୍ରିୟଙ୍କା ସ୍ପଷ୍ଟ ଭାବରେ କହିଛନ୍ତି, ଯେଉଁମାନେ ସବୁଠାରୁ କଷ୍ଟକର ସମୟରେ ମଧ୍ୟ ଦଳ ସହିତ ଠିଆ ହୋଇଛନ୍ତି ସେମାନଙ୍କୁ ସମର୍ଥନ କରିବା ଉଚିତ୍।

## ମମତା ଓ ଅଭିଷେକଙ୍କ ବିରୋଧରେ ମାମଲା



କୋଲକାତା, ୨୮ ।୫ଃ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଅସୁବିଧା ବଢ଼ିବାରେ ଲାଗିଛି। ଉଭୟ ନେତାଙ୍କ ବିପକ୍ଷରେ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଥିବା ଅଭିଯୋଗରେ ମାମଲା ଦାୟର ହୋଇଛି। ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ବିରୋଧରେ କୋଲକାତାର ଭବାନୀପୁର ପୁଲିସ ଷ୍ଟେସନରେ ଏକ ନୂତନ ମାମଲା ରୁଜୁ କରାଯାଇଛି। ଭବାନୀପୁରର ବାସିନ୍ଦା ଅର୍ଣ୍ଣବକାନ୍ତି ଦାସ ନାମକ ଜଣେ ବ୍ୟକ୍ତିଙ୍କ ଏଫ୍‌ଆଇଆର୍ ଆଧାରରେ ଏହି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅଭିଷେକ ବାନାର୍ଜୀ ନିଜ କ୍ଷମତାର ଅପବ୍ୟବହାର କରିବା ସହ ସୋସିଆଲ ମିଡିଆରେ ଉତ୍ତେଜନପୂର୍ଣ୍ଣ ଭାଷଣ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅର୍ଣ୍ଣବକାନ୍ତି ଏଫ୍‌ଆଇଆର୍ ସହିତ ସେହି ବିବାଦୀୟ ପୋଷ୍ଟ ମଧ୍ୟ ସଂଲଗ୍ନ କରିଛନ୍ତି।

ଅଭିଷେକ ବାନାର୍ଜୀଙ୍କ ଉପରେ ଏହା ପ୍ରଥମ ମାମଲା ନୁହେଁ, ନିର୍ବାଚନ ପ୍ରଚାର ସମୟରେ ମଧ୍ୟ ତାଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଥିଲା। କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅମିତ ଶାହଙ୍କୁ ଧମକ ଦେଇଥିବା ଅଭିଯୋଗରେ ବିଧାନନଗର ସାଇବର କ୍ରାଇମ ପୁଲିସ ଷ୍ଟେସନରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ରାଜୀବ ସରକାର ନାମକ ଜଣେ ସାମାଜିକ କର୍ମୀଙ୍କ ଅଭିଯୋଗ ଆଧାରରେ ବିଏନଏସ୍ ବଂ ଜନପ୍ରତିନିଧି ଅଧିନିୟମର ପ୍ରାୟ ୬ଟି ଗୁରୁତ୍ୱପୂର୍ଣ୍ଣ ଧାରା ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

ଅନ୍ୟପଟେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କ ନାମରେ ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ଆଡଭୋକେଟ୍ ରିଙ୍କି ସିଂ ଚାଟାର୍ଜୀ ସିଲିଗୁଡ଼ି ସାଇବର କ୍ରାଇମ ପୁଲିସ ଷ୍ଟେସନରେ ମମତାଙ୍କ ବିରୋଧରେ ଏଫଆଇଆର ଦେଇଛନ୍ତି। ୨୦୨୫ ମସିହାରେ ମମତା ବାନାର୍ଜୀ ଏକ ନିର୍ଦ୍ଦିଷ୍ଟ ସମୁଦାୟ ଓ ଧର୍ମକୁ ନେଇ ଆପତ୍ତିଜନକ ଟିପ୍ପଣୀ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଧର୍ମକୁ 'ଅଳିଆ ଆବର୍ଜନା' ବୋଲି କହିଥିଲେ। ଏହି କାରଣରୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ବକ୍ରିଦ୍ ପାଇଁ ଦିଲ୍ଲୀରେ ଫ୍ଲାଗ୍‌ମାର୍ଚ୍ଚ



ନୂଆଦିଲ୍ଲୀ, ୨୭/୫ଃ ଈଦ୍-ଉଲ୍-ଜୁହା (ବକ୍ରିଦ୍) ପୂର୍ବରୁ ସାରା ଦେଶରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଫଳରେ କୌଣସି ଅପ୍ରୀତିକର ଘଟଣା ରୋକାଯାଇପାରିବ। ଦିଲ୍ଲୀର ହୌଜ୍ କାଜି ଛକଠାରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିଛି। ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ବି ନଜର ରଖାଯାଇଛି। ସମଗ୍ର ସହରକୁ ହାଇ ଆଲର୍ଟରେ ରଖାଯାଇଛି। ସେହିଭଳି ପଶ୍ଚିମବଙ୍ଗରେ ଏଥର କିଛି ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ମୁର୍ଶିଦାବାଦରେ, ଇଦ୍ ନମାଜକୁ ରେଡ୍ ରୋଡ଼ ବଦଳରେ ବ୍ରିଗେଡ୍ ଗ୍ରାଉଣ୍ଡକୁ ସ୍ଥାନାନ୍ତର କରାଯାଇଛି। ଯାହାକୁ ନେଇ ସ୍ଥାନୀୟ ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଜେୟୁପି ପ୍ରମୁଖ ହୁମାୟୁ କବୀର ପ୍ରଶ୍ନ ଉଠାଇଛନ୍ତି କି ଯଦି ଉଭୟ ସ୍ଥାନ କେନ୍ଦ୍ର ସରକାରଙ୍କ ଅଧୀନରେ ତେବେ ରେଡ୍ ରୋଡରେ ଅନୁମତି କାହିଁକି ମନା କରାଗଲା ଉତ୍ତର ପ୍ରଦେଶରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିରୀକ୍ଷଣ ପାଇଁ ଡ୍ରୋନ୍ ଏବଂ ସିସି ଟିଭି କ୍ୟାମେରା ବ୍ୟବହାର କରାଯାଉଛି। ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି ଏବଂ ସ୍ୱତନ୍ତ୍ର ଭିଡ଼ ପରିଚାଳନା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାସ୍ତାରେ ପ୍ରାର୍ଥନା କରିବାକୁ ଅନୁମତି ଦିଆଯିବ ନାହିଁ ଏବଂ ଆବଶ୍ୟକ ହେଲେ ପାଳିରେ ନମାଜ ପଢାଯାଉ। ଲକ୍ଷ୍ମୌ, ବାରାଣସୀ, ସମ୍ଭଲ ଏବଂ ଆଗ୍ରା ଭଳି ସହରରେ, ଅଞ୍ଚଳକୁ ଜୋନ୍ ଏବଂ ସେକ୍ଟରରେ ବିଭକ୍ତ କରି ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରାଯାଇଛି। ଏହା ସହିତ ଗୁଜରାଟରେ ପୋଲିସ ହାଇ ଆଲର୍ଟରେ ଅଛି।

## ଗୁଜରାଟ ଛାତ୍ରୀଙ୍କୁ କାନାଡ଼ାରେ ଛୁରୀ ଭୁସି ହତ୍ୟା

ନୂଆଦିଲ୍ଲୀ, ୨୮ ।୫ଃ କାନାଡାରେ ଭାରତୀୟ ଛାତ୍ରୀଙ୍କୁ ଛୁରୀ ଭୁସି ହତ୍ୟା ଅଭିଯୋଗ। ମୃତକ ହେଉଛନ୍ତି ଗୁଜରାଟ ଆନନ୍ଦ ଜିଲ୍ଲା ବୋରସାଦର ବିଧି ମେଘା। ଗତ ମେ ୧୫ ତାରିଖରୁ ବିଧି ନିଖୋଜ ଥିବା ବେଳେ, ଗତକାଲି କାନାଡ଼ା ଆମେରିକା ସୀମା ନାଏଗାରା ଅଞ୍ଚଳରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ବିଧି କାନାଡାରେ ରହି ଲ' ପଢୁଥିଲେ ଏହା ସହ ସେଠାରେ କାମ ମଧ୍ୟ କରୁଥିଲେ। ସେ କାନାଡାର ସ୍ଥାୟୀ ବାସିନ୍ଦା ପାଇଁ ଆବେଦନ କରିବାକୁ ପ୍ରସ୍ତୁତି ମଧ୍ୟ କରୁଥିଲେ। ତେବେ ଗତ ମେ ୧୫ ତାରିଖରୁ ତାଙ୍କର ନିଖୋଜ ହୋଇଯାଇଥିବା ନେଇ ଖବର ଆସିଥିଲା। ଆଉ ତଦନ୍ତକ୍ରମେ ପୋଲିସ ୨୨ ବର୍ଷୀୟ ଛାତ୍ରୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି। ତାଙ୍କ ଶରୀରରେ ଗଭୀର କ୍ଷତ ଥିବାରୁ ତାଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିବା ଜଣାପଡ଼ିଛି। ସେପଟେ କାନାଡ଼ା ଅଧିକାରୀ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରେ ସଂପୃକ୍ତ ଅଭିଯୁକ୍ତର ଖୋଜ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବା



ନେଇ କହିଛନ୍ତି ପୋଲିସ ଅଧିକାରୀ। ବିଧିଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ଦିଆଯାଇଛି। ତେବେ ବିଧିଙ୍କ ହତ୍ୟା ଖବର ପୁଣି ଥରେ ବିଦେଶରେ ରହୁଥିବା ଭାରତୀୟ ଛାତ୍ରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। କାରଣ ଗତ କିଛି ବର୍ଷ ମଧ୍ୟରେ, ବିଭିନ୍ନ ଦେଶରେ ଭାରତୀୟ ବଂଶୋଦ୍ଭବ ଏବଂ ଛାତ୍ରମାନଙ୍କ ଉପରେ ଆକ୍ରମଣ, ଡକାୟତି ଏବଂ ହିଂସାତ୍ମକ ଅପରାଧ ସହିତ ଜଡିତ ଅନେକ ମାମଲା ସାମ୍ନାକୁ ଆସିଛି।

# ବଙ୍ଗ ଓ ବିହାର ଦେଶର ପ୍ରଦୂଷଣ ହଟସ୍ପଟ୍

ନୂଆଦିଲ୍ଲୀ, ୨୮ ।୫ଃ ଭାରତ ସହିତ ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇ ଦେଲେ 'ନାସା' ରିସର୍ଚ୍ଚ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ଗତ ୨୫ ବର୍ଷର ସାଟେଲାଇଟ୍ ତଥ୍ୟରୁ ବିଶ୍ଳେଷଣ କରି ଯେଉଁ ରିପୋର୍ଟ ପ୍ରଦାନ କରିଛି ତାହା ଅତ୍ୟନ୍ତ ଚିନ୍ତାଜନକ। ବିହାର ସମେତ ପୂରା ଦେଶରେ ଥିବା ସମତଳ ରାଜ୍ୟ ଗୁଡ଼ିକ ଦ୍ୱାରା ବ୍ୟାପୁଥିବା ଭୟଙ୍କର ପ୍ରଦୂଷଣ ବିସ୍ତୀର୍ଣ୍ଣ ହିମାଳୟ ପର୍ବତମାଳାକୁ ଭିତରୁ ଖୋଳ କରୁଛି। ସମତଳ ଅଞ୍ଚଳରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ସିଧା ହିମାଳୟର ଶେଷ ସ୍ତର ପର୍ଯ୍ୟନ୍ତ ପହଞ୍ଚୁଛି। ଯେଉଁଥି ପାଇଁ ବର୍ଷ ବର୍ଷ ଧରି ବରଫ ଚାଦର ଘୋଡେଇ ହୋଇରହିଥିବା ଗ୍ଲେସିୟର ଦ୍ରୁତଗତିରେ ତରଳିବାରେ ଲାଗିଛି। ଫଳରେ ହିମାଳୟ ଭୟଙ୍କର ଭାବେ କଳା ପଡ଼ି ଯାଉଛି।




ମହାକାଶ ଗବେଷଣା ସଂସ୍ଥା 'ନାସା'ର ୨୫ ବର୍ଷର ସାଟେଲାଇଟ୍ ତଥ୍ୟ ଅଧ୍ୟୟନରେ ପ୍ରକାଶ ପାଇଛି ଯେ ୨୦୦୦ରୁ ୨୦୨୪ ମଧ୍ୟରେ ସିନ୍ଧୁ-ଗଙ୍ଗା ସମତଳ ଅଞ୍ଚଳ, ହିମାଳୟ କ୍ଷେତ୍ର ଏବଂ ଉତ୍ତର-ପୂର୍ବ ଭାରତରେ 'ପିଏମ୍' ବା ପାର୍ଟିକ୍ୟୁଲେଟ୍ ମ୍ୟାଟର କଣିକା ପ୍ରଦୂଷଣରେ ୨୦ ପ୍ରତିଶତରୁ ଅଧିକ ଭୟଙ୍କର ଭାବେ ବୃଦ୍ଧି ପାଉଥିବା ଦେଖାଯାଇଛି। ସେହିପରି ଗାଡ଼ି ଧୂଆଁ ଏବଂ ବାୟୋମାସ୍ ଜଳନର କାରଣରୁ ବାୟୁରେ ଅର୍ଗାନିକ୍ କାର୍ବନ ଏବଂ ସଲଫେଟ୍ ପରିମାଣ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି। ଯେତେବେଳେ ଏହି କାର୍ବନ ପବନରେ ଉଡ଼ି ଗ୍ଲେସିୟର ପାହାଡ଼ ଉପରେ ପଡୁଛିସ, ବରଫର ପୃଷ୍ଠ ଭାଗ କଳା ଏବଂ ଅନ୍ଧାରିଆ ହୋଇଯାଉଛି। ବାୟୁ ପ୍ରଦୂଷଣ ସୂଚକାଙ୍କରେ ବିହାର ଏବଂ ପଶ୍ଚିମବଙ୍ଗ ସବୁଠାରୁ ଉପରେ ରହିଛି। ବୋସ୍ ଇନଷ୍ଟିଚ୍ୟୁଟ କୋଲକାତାରୁ ପ୍ରକାଶିତ ରିପୋର୍ଟରେ ମପାଯାଇଛି, ଯାହା ବାୟୁରେ ଥିବା ପ୍ରଦୂଷଣ ଏବଂ ଧୂଆଁ କଣିକାକୁ ଦର୍ଶାଏ। ଏହି ସୂଚକାଙ୍କରେ ବିହାର ଏବଂ ପଶ୍ଚିମବଙ୍ଗର ବାୟୁ ପ୍ରଦୂଷଣ ସବୁଠୁ ଅଧିକ ଏବଂ ହାନିକାରକ କଣିକା ୦.୭୧ ଏବଂ ୦.୭୦ରେ ରେକର୍ଡ କରାଯାଇଛି, ଯାହା ଦେଶରେ ସର୍ବାଧିକ। ଏହା ତୁଳନାରେ, ଦିଲ୍ଲୀ, ପଞ୍ଜାବ ଏବଂ ହରିୟାଣାର ମୋଟ୍ ସ୍କୋର ୦.୫୧ ଥିଲା। ଏହି ସମୟରେ ଉତ୍ତର ପୂରବ ଭାରତରେ ସୂଚକାଙ୍କ ସ୍କୋର ୦.୪୦ ରହିଛି।

ବିହାର ଏବଂ ବଙ୍ଗ ଏବେ ଦେଶର ସବୁଠାରୁ ବଡ଼ 'ପ୍ରଦୂଷଣ ହଟସ୍ପଟ୍' ହୋଇଯାଇଛି। ଗବେଷକଙ୍କ ମତାନୁସାରେ, ଏହି ପ୍ରଦୂଷଣ କଣିକାଗୁଡ଼ିକ ଗ୍ଲେସିୟର 'ଅଲ୍‌ବେଡୋ ଇଫେକ୍ଟ' ଉପରେ ଖରାପ ପ୍ରଭାବ ପକାଉଛି। ସ୍ୱଚ୍ଛ ଏବଂ ଧଳା ବରଫ ସୂର୍ଯ୍ୟ କିରଣକୁ ପୁନଃ ପ୍ରତିଫଳିତ କରିଥାଏ, ମାତ୍ର କଳା କାର୍ବନ ଜମିଲେ ବରଫ ପ୍ରତିଫଳିତ ନକରି ଉତ୍ତାପକୁ ଶୋଷଣ କରିଥାଏ। ଯାହା ଫଳରେ ଗ୍ଲେସିୟର ଦ୍ରୁତ କ୍ଷୟ ହେବାରେ ଲାଗିଛି। ଏହା ଆଗକୁ ଭୟଙ୍କର ରୂପ ଧାରଣ କରିଛି। ଭାରତରେ ପ୍ରଦୂଷଣ ମାତ୍ର ବଢ଼ିବା ସହିତ ତାପମାତ୍ରା ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ନାସା ଗବେଷଣାରେ କୁହାଯାଇଛି।

ଭୁବନେଶ୍ୱର ଶୁକ୍ରବାର ୨୯ ମେ ୨୦୨୬ ସଂଚାର SANCHAR

### ଏଆଇ ପାଠ୍ୟକ୍ରମର ପୁନର୍ଗଠନ ନେଇ ଅଶ୍ୱିନୀ ବୈଷ୍ଣବଙ୍କ ବୈଠକ

## ବାସ୍ତବିକ ଅଭିଜ୍ଞତା, ଶିଳ୍ପ ସମନ୍ୱିତ ପ୍ରଶିକ୍ଷଣକୁ ଗୁରୁତ୍ୱ



ନୂଆଦିଲ୍ଲୀ,୨୮।୫ଃ ନୂଆ ବୈଷୟିକ ଟ୍ରେଣ୍ଡ୍ ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରିବା ନିମନ୍ତେ ଏଆଇ ପାଠ୍ୟକ୍ରମର ଏକ ବ୍ୟାପକ ପୁନର୍ଗଠନ ଲାଗି କେନ୍ଦ୍ର ସରକାର ଶିଳ୍ପଜଗତ ସହ ସହଭାଗିତା କରୁଛନ୍ତି। ଏ ବାବଦରେ କେନ୍ଦ୍ର ଆଇଟି ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଆଇ ପାଠ୍ୟକ୍ରମ ଟାସ୍କଫୋର୍ସ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି।

ଏହି ଟାସ୍କଫୋର୍ସ ଇତିମଧ୍ୟରେ ଭାରତୀୟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ବ୍ୟାଚଲର୍ ଅଫ ଟେକ୍ନୋଲୋଜି (ବି.ଟେକ୍) କମ୍ପ୍ୟୁଟର ସାଇନ୍ସ ଓ ତତ୍ସମ୍ପର୍କିତ ପାଠ୍ୟକ୍ରମଗୁଡ଼ିକର ଏକ ମୌଳିକ ଅଧ୍ୟୟନ କରିସାରିଛି। ଏହି ଅଧ୍ୟୟନ ଶିଳ୍ପ ବିଶେଷଜ୍ଞ ଓ ଜାତୀୟ ସଫ୍ଟୱାର ଓ ସର୍ଭିସ୍ କମ୍ପାନି ସଂଘ (ନାସ୍କମ୍) ସହଯୋଗିତାରେ କରାଯାଇଛି। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତୀୟ ପାଠ୍ୟକ୍ରମରେ ଏଆଇ ସମ୍ପର୍କିତ ଶିକ୍ଷା ବୃଦ୍ଧି ପାଇଥିଲେ ବି କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ଏସବୁ ବ୍ୟବଧାନ ଶିକ୍ଷଣ କୌଶଳ, ଭିତ୍ତିଭୂମି ଓ ଜେନେରେଟିଭ୍ ଏଆଇ, ମେସିନ ଲର୍ଣ୍ଣିଂ ଅପରେସନ୍ସ (ଏମ୍ଏଲଓପି) ଓ ମୌଳିକ ମଡେଲ ବିକାଶ ଆଦିରେ ରହିଛି। ଟାସ୍କ ଫୋର୍ସ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱଆରୋପ କରିଥିଲେ। ସେସବୁ ମଧ୍ୟରେ ପ୍ରୟୋଗଭିତ୍ତିକ ଶିକ୍ଷାଦାନ, କ୍ରେଡିଟ୍-ଲିଙ୍କଡ୍ ପାଠ୍ୟକ୍ରମ ସମନ୍ୱୟ, ଉନ୍ନତ ବ୍ୟାବହାରିକ ଏକ୍ସପୋଜର, ଶିଳ୍ପ-ସମ୍ମିଳିତ ଶିକ୍ଷାଦାନ, ବହୁବିଧ ପ୍ରବେଶ-ପ୍ରସ୍ଥାନ ବିକଳ୍ପ ଓ ଦାୟିତ୍ୱବାନ ଏଆଇ ଅର୍ଥାତ୍ ସମସ୍ତ ସେମିଷ୍ଟରରେ ଦାୟିତ୍ୱବାନ ଏଆଇ ଓ ଏଆଇ ପ୍ରଶାସନ ଆଦି ପ୍ରମୁଖ।

ପାଠ୍ୟକ୍ରମରେ ଉନ୍ନତି ଆଣିବାକୁ ହେଲେ ଅଧ୍ୟାପକମାନେ ବି ଉପଯୁକ୍ତ ଭାବେ ପ୍ରସ୍ତୁତ ରହିବା ଉଚିତ। ଏହାକୁ ସ୍ୱୀକାର କରି ଏହି ଆଲୋଚନା ବେଳେ ପ୍ରସ୍ତାବିତ ରୋଡ୍ମ୍ୟାପର କେନ୍ଦ୍ରରେ ଅଧ୍ୟାପକଙ୍କ କ୍ଷମତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସୁପାରିସ୍ ମଧ୍ୟରେ ରହିଛି ବ୍ୟବସ୍ଥିତ ପ୍ରଶିକ୍ଷକ ତାଲିମ କାର୍ଯ୍ୟକ୍ରମ, କ୍ୟୁରେଟେଡ୍ ପାଠ୍ୟକ୍ରମ ବିଷୟବସ୍ତୁ, ମାନକୀକରଣ ମୂଲ୍ୟାଙ୍କନ ଢାଞ୍ଚା ଓ ବର୍ତ୍ତମାନର ଶିଳ୍ପ ଉପକରଣ ଓ ପ୍ଲାଟଫର୍ମ ସହ ସମନ୍ୱିତ ଆଧୁନିକ ପ୍ରୟୋଗଶାଳା। ଦେଶର ପ୍ରମୁଖ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ପଦ୍ଧତି ଅନୁସରଣରେ ଅତିରିକ୍ତ ଅଧ୍ୟାପକ ଭାବେ ଅଭିଜ୍ଞ ଶିଳ୍ପ ପେସାଦାରମାନଙ୍କୁ ନିଯୋଜିତ କରିବା ପାଇଁ ମଧ୍ୟ ସୁପାରିସ୍ କରାଯାଇଥିଲା।

ସେହିପରି ଅଂଶଗ୍ରହଣକାରୀମାନେ ଏକ ଜାତୀୟ ସ୍ତରୀୟ ମିଳିତ ଏଆଇ ଭିତ୍ତିଭୂମି ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଟ୍ରିପଲ୍ ହେଲିକ୍ସ ମଡେଲ୍ ଶିଳ୍ପ, ସରକାର ଏବଂ ଶିକ୍ଷାଗତ ପ୍ରତିଷ୍ଠାନ ଦ୍ୱାରା ମିଳିତ ଭାବରେ ଗଠନ ହେବ। ଏହା କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ (ଜିପିୟୁ) କମ୍ପ୍ୟୁଟ୍, ଏଜ୍ ଡିଭାଇସ୍, ସଫ୍ଟୱେର୍ ଷ୍ଟାକ୍ ଏବଂ ସବସ୍କ୍ରିପସନ୍-ଆଧାରିତ ପ୍ଲାଟଫର୍ମରେ ସମାନ ଉପଯୋଗକୁ ସୁନିଶ୍ଚିତ କରିବ।

## 'ଓଡ଼ିଶା ବିଭବ'ର ପ୍ରଥମ ସଂସ୍କରଣ ଲୋକାର୍ପିତ



ଭୁବନେଶ୍ୱର,୨୮।୫ (ସଂଚାର ବ୍ୟୁରୋ)ଃ ଭାଷାଭିତ୍ତିକ ପତ୍ରିକା 'ଓଡ଼ିଶା ବିଭବ'ର ପ୍ରଥମ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ଓଡ଼ିଆ ଭାଷାର ବାସ୍ତବିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରତ୍ୟେକ ଓଡ଼ିଆଙ୍କ ପାଟିରେ ମାତୃଭାଷାର ବ୍ୟବହାର ବଢ଼ିବା ଜରୁରୀ। ଅନ୍ୟ ଭାଷାର ବ୍ୟବହାର କିଛି ଖରାପ କଥା ନୁହେଁ କିନ୍ତୁ ମାତୃଭାଷାର ନିୟମିତ ବ୍ୟବହାର ହେବା ଜରୁରୀ। ଆମ ମାତୃଭାଷା ଆମ ଲାଗି ଅସ୍ମିତା ଓ ଏହି ଅସ୍ମିତା ସଶକ୍ତ ହେଲେ ଆମ ଐତିହ୍ୟ ଆହୁରି ଗୌରବାନ୍ୱିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଭାଷାବିତ୍ ଡକ୍ଟର ବସନ୍ତ ପଣ୍ଡା, ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ବରିଷ୍ଠ ସାମ୍ବାଦିକ ତଥା ସମ୍ପକାର ଧୀରେନ୍ଦ୍ର ନାଥ ଦାସ ଓ ପ୍ରଭୁ କଲ୍ୟାଣ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଶାୟର ବଶୀର ବଦରଙ୍କ ଦେହାନ୍ତ



ଭୋପାଳ,୨୮।୫ଃ ପ୍ରସିଦ୍ଧ ଉର୍ଦ୍ଦୁ ଶାୟର ଡକ୍ଟର ବଶୀର ବଦ୍ରଙ୍କ ଗୁରୁବାର ମଧ୍ୟାହ୍ନରେ ଭୋପାଳଠାରେ ନିଧନ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଡକ୍ଟର ବଶୀର ବଦ୍ର ଦୀର୍ଘ ଦିନ ଧରି 'ଡିମେନ୍ସିଆ'ରେ ପୀଡ଼ିତ ଥିଲେ। ସେ ସ୍ମରଣ ଶକ୍ତି ହରାଇଥିଲେ। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କର ଦେହାନ୍ତ ହୋଇଛି। ଡକ୍ଟର ବଶୀର ବଦ୍ର ଉର୍ଦ୍ଦୁ ଶାୟରୀ ଦୁନିଆର ଏକ ଅତି ପରିଚିତ ଓ ବଡ଼ ନାଁ ଥିଲେ। ତାଙ୍କର ଗଜଲ୍ ଏବଂ ଶାୟରୀ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଥିଲା। ତାଙ୍କ ଲେଖାର ଅନେକ ପଂକ୍ତିଗୁଡ଼ିକ ଆଜି ବି ଲୋକଙ୍କ ମନରେ ଜୀବନ୍ତ ରହିଛି।

## କଲ୍ୟାଣଙ୍କ ଆଚରଣକୁ ନେଇ କାକଳିଙ୍କ ଅଭିଯୋଗ

କୋଲକାତା,୨୮।୫(ସଂଚାର ବ୍ୟୁରୋ)ଃ ତୃଣମୂଳ ସାଂସଦ କାକଳି ଘୋଷ ଦସ୍ତିଦାର ତାଙ୍କ ସହଯୋଗୀ କଲ୍ୟାଣ ବାନାର୍ଜୀଙ୍କ ଅପମାନଜନକ ଆଚରଣ ଅଭିଯୋଗ କରି ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ସମ୍ପ୍ରତି, ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ କାକଳିଙ୍କୁ ଲୋକସଭାରେ ଦଳର ମୁଖ୍ୟ ସଚେତକ ପଦରୁ ହଟାଇ କଲ୍ୟାଣଙ୍କୁ ଏହି ପଦବୀରେ ନିଯୁକ୍ତ କରିଛନ୍ତି। ସଂଯୋଗବଶତଃ, କାକଳି ସେବେଠାରୁ ଦଳ ସହିତ ସ୍ପଷ୍ଟ ଭାବରେ ମତଭେଦରେ ଅଛନ୍ତି। ଏହି ପୃଷ୍ଠଭୂମି ମଧ୍ୟରେ, ତାଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରଶାସନିକ ବୈଠକରେ ଯୋଗଦେବାର ମଧ୍ୟ ଦେଖାଯାଇଥିଲା। ଯାହା ବିଭିନ୍ନ କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଛି। ଏଥର କାକଳି କଲ୍ୟାଣଙ୍କ ବିରୁଦ୍ଧରେ ଲୋକସଭା ବାଚସ୍ପତିଙ୍କ ନିକଟରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଛନ୍ତି।

## ଫ୍ଲାଏଓଭର ଦୁର୍ଘଟଣା, ଜଣେ ମୃତ

କୋଲକାତା,୨୮।୫(ସଂଚାର ବ୍ୟୁରୋ)ଃ ନାଗେରବଜାର ଫ୍ଲାଏଓଭରରେ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଜଣେ ମୋଟରସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୧୧ଟାରେ ନାଗେରବଜାର କ୍ରସିଂ ପାଖରେ ଏହି ଘଟଣା ଘଟିଛି। ମୋଟରସାଇକେଲଟି ଏକ ଚାରିଚକିଆ ଯାନ ସହିତ ଧକ୍କା ହୋଇଥିଲା। ଆରୋହୀ ଜଣଙ୍କ ସେତୁରୁ ଛିଟିକି ପଡ଼ି ତଳେ ରାସ୍ତା ଉପରେ ଥିବା ଏକ ବିଲବୋର୍ଡ ଉପରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଦମ୍ଦମ୍ ମ୍ୟୁନିସିପାଲ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାରିଚକିଆ ଯାନର ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି ଏବଂ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ମୋଟରସାଇକେଲ ଚାଳକଙ୍କ ନାମ ବିଶାଲ କୁମାର ଢାଲିଆ (୫୦) ବୋଲି ଚିହ୍ନଟ କରାଯାଇଛି। ଧକ୍କାରେ ଜଡ଼ିତ ଉଭୟ ଗାଡ଼ିକୁ ଜବତ କରି ନାଗେରବଜାର ଥାନାକୁ ନିଆଯାଇଛି। ନାଗେରବଜାର ପୁଲିସ ବର୍ତ୍ତମାନ ଘଟଣାର ତଦନ୍ତ କରୁଛି।

## ବ୍ରିଗେଡ ପରେଡରେ ନମାଜ ପାଠ



କୋଲକାତା,୨୮।୫(ସଂଚାର ବ୍ୟୁରୋ)ଃ ଗୁରୁବାର ପ୍ରଥମଥର ରେଡ୍ ରୋଡ ବଦଳରେ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ନମାଜ ପାଠର ଆୟୋଜନ କରାଯାଇଥିଲା। ୧୯୭୭ ରୁ ୨୦୨୬ ମସିହା ପର୍ଯ୍ୟନ୍ତ ବାମ ମୋର୍ଚ୍ଚା ସରକାରର ସମୟଠାରୁ ତୃଣମୂଳ କଂଗ୍ରେସ ପ୍ରଶାସନ ପର୍ଯ୍ୟନ୍ତ ପାରମ୍ପରିକ ଭାବରେ ରେଡ୍ ରୋଡରେ ବର୍ଷକୁ ଦୁଇଥର ଇଦ୍-ଉଲ୍-ଫିତର ଏବଂ ବକରି ଇଦ୍ ନମାଜ ଅନୁଷ୍ଠିତ ହେଉଥିଲା। ବକରୀ ଇଦ ଅବସରରେ, କୋଲକାତା ପୁଲିସ ସମଗ୍ର ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲା। ବ୍ରିଗେଡ ପରେଡ୍ ଗ୍ରାଉଣ୍ଡ ଏବଂ ଆଖପାଖ ଅଞ୍ଚଳରେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ମସଜିଦ ପାଖରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ ବୃଦ୍ଧି କରାଯାଇଥିଲା ଏବଂ ନଜର ରଖିବା ପାଇଁ ଡ୍ରୋନ ବ୍ୟବହାର କରାଯାଇଥିଲା।

### ବିଜେପି ଫାଶରେ ଫସିଲେ ଦେବାଶିଷଃ ବିଜେଡି

## ଦେଶରେ ପ୍ରଲୋଭନ ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ୍ ଚାଲିଛି



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ବିଜେଡି ଦଳରୁ ୫ ଥର ବିଧାୟକ ଟିକେଟ ପାଇ ତିନି ତିନି ଥର ବିଧାୟକ ହୋଇଥିଲେ ଦେବାଶିଷ ସାମନ୍ତରାୟ। ଦଳର ବିଭିନ୍ନ ପଦପଦବୀରେ ରହିଥିବା ଦେବାଶିଷଙ୍କୁ ରାଜ୍ୟସଭାକୁ ପଠାଇଥିଲେ ଦଳର ସଭାପତି ନବୀନ ପଟ୍ଟନାୟକ। ଏତେସବୁ ସୁବିଧା ପାଇ ମଧ୍ୟ ଦଳକୁ ନିନ୍ଦା କରୁଥିବା ଦେବାଶିଷଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଥିଲେ ଯେ ବିଗତ କିଛି ବର୍ଷ ହେଲାଣି ଦେଶରେ ପ୍ରଲୋଭନ କରିବା ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ୍ ଚାଲିଛି। ସେହି କ୍ରମରେ ଦେବାଶିଷ ସାମନ୍ତରାୟ ଗତ ୨ ଦିନ ତଳେ ବିଜେପିର ପ୍ରଲୋଭନରେ ପ୍ରଭାବିତ ହୋଇ ନିଜ ସ୍ୱାର୍ଥ ହାସଲ ପାଇଁ ବିଜେପିରେ ଯୋଗଦେଲେ। ବିଜେଡି ସରକାରର ଶାସନ କାଳରେ ସେ ସମସ୍ତ ପ୍ରକାର ଫାଇଦା ନେଇ ନିଜର ପାରିବାରିକ ବ୍ୟାବସାୟିକ ସାମ୍ରାଜ୍ୟକୁ ଆଗକୁ ବଢ଼ାଇଥିଲେ। ସେତେବେଳେ ଦଳର ଗୁଣଗାନ କରିବାକୁ ପଛାଉ ନ ଥିବା ଦେବାଶିଷ, ଏବେ ବିରୋଧୀ ଦଳ ଆସନରେ ବସିଥିବା ବିଜେଡିକୁ ନିନ୍ଦା କରିବାକୁ ପଛାଉନାହାନ୍ତି। ବିଜେପିରେ ସାମିଲ ହୋଇ ନିଜକୁ ଗର୍ବିତ ମନେ କରୁଥିବା ଦେବାଶିଷ ସାମନ୍ତରାୟ ଥରେ ମନେ ରଖିବା ଉଚିତ୍ ଯେ ତାଙ୍କର ଆଜି ଯେଉଁ ପରିଚୟ ସୃଷ୍ଟି ହୋଇଛି ତାହା ବିଜେଡି ଓ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଦୟାରୁ ହିଁ ମିଳିଛି। ବିଜେପିକୁ ଫେରି ନିଜ ଘରକୁ ଫେରିଥିବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ବିଜେପିରେ କମରକଷା ଚାଲିଛି ବୋଲି ଲେଲିନ କହିଛନ୍ତି।

ଯେତେବେଳେ ନିର୍ବାଚନରେ ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେତେବେଳେ ନବୀନ ପଟ୍ଟନାୟକ ତାଙ୍କୁ ଓଟିଡିସି ଅଧ୍ୟକ୍ଷ କରିବା ସହ ଦଳର ବିଭିନ୍ନ ଉଚ୍ଚ ପଦପଦବୀରେ ବସାଇ ତାଙ୍କ ରାଜନୈତିକ ସମ୍ମାନକୁ ଅକ୍ଷୁଣ୍ଣ ରଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲେ ନବୀନ। ଦଳରୁ ଏତେ ସୁବିଧା ପାଇଲା ପରେ ମଧ୍ୟ ତାଙ୍କର ଭୋକ ମେଣ୍ଟିଲା ନାହିଁ। ନିଜର ସ୍ୱାର୍ଥ ହାସଲ ପାଇଁ ବିଜେପି ଦଳରେ ସାମିଲ ହେଲେ। ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା କଥା କହୁଥିବା ଦେବାଶିଷ ଅନ୍ୟପଟେ ବିଜେଡିର ମା' ଓ ବାପା ନାହିଁ କହି ହୀନମନ୍ୟତାର ପରିଚୟ ଦେଉଛନ୍ତି।

## ଓଡ଼ିଶାରେ ଚାଲିବ ଇଭି ବୋଟ୍

### ପ୍ରଥମ ପର୍ଯ୍ୟାୟରେ ୫ ସ୍ଥାନରେ ହେବ ବ୍ୟବସ୍ଥା



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଚାଲିବ ଇଭି ବୋଟ୍। ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାନରେ ଏହାକୁ ପରୀକ୍ଷାମୂଳକ ଭାବେ ଚଳାଇବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ପାରମ୍ପରିକ ଓ ଡିଜେଲ ବୋଟ୍ ବଦଳରେ ଚାଲିବ ପରିବେଶ ଅନୁକୂଳ ବୈଦ୍ୟୁତିକ ବୋଟ୍। କୋଲାବ, ହୀରାକୁଦ, ଭିତରକନିକା ଓ ବରକୁଲ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ। ଏଣିକି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଚାଲିବ ପରିବେଶ ଅନୁକୂଳ ଇଭି ବୋଟ୍ ବା ବୈଦ୍ୟୁତିକ ଡଙ୍ଗା। ବର୍ତ୍ତମାନର ତେଲ ସଙ୍କଟ ଓ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ସ୍ଥାନରେ ଥିବା ପାରମ୍ପରିକ କିମ୍ବା ଡିଜେଲ୍ ବୋଟ୍କୁ ବଦଳାଇ ଇଭି ବୋଟ୍ରେ ପରିଣତ କରାଯିବ। କୋରାପୁଟର କୋଲାବ ପାଇଁ ୩୦ ଆସନ ବିଶିଷ୍ଟ ବୋଟ୍ ଆସିବ। ସମ୍ବଲପୁରର ହୀରାକୁଦ ପାଇଁ ୨ଟି ସ୍ଥାନରେ ଯଥାକ୍ରମେ ୨୦ ଓ ୧୦ ଆସନ ବିଶିଷ୍ଟ ବୋଟ୍ ଚାଲିବ। ସେହିପରି କେନ୍ଦ୍ରାପଡ଼ାର ଭିତରକନିକା ପାଇଁ ୨୦ ଆସନ ଓ ଖୋର୍ଦ୍ଧା ଚିଲିକାର ବରକୁଲ ପାଇଁ ୮ ଆସନ ବିଶିଷ୍ଟ ବିଳାସପୂର୍ଣ୍ଣ ବୋଟ୍ ଚଳାଇବାକୁ ଯୋଜନା ହୋଇଛି। ସବୁଠାରୁ ବଡ଼ କଥା ହେଲା, ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବୋଟ୍ଗୁଡ଼ିକରେ ଇଭି ସହ ସୋଲାର ଓ ସିଏନଜି ବ୍ୟବହାରର ସୁବିଧା ମଧ୍ୟ ରହିବ।

## ତୁରନ୍ତ ଦେଶକୁ ଫେରିଯିବାକୁ ବାଂଲାଦେଶୀଙ୍କୁ ଚେତାବନୀ

ନୂଆଦିଲ୍ଲୀ,୨୮।୫ଃ ଭାରତ-ବାଂଲାଦେଶ ସୀମାରେ ପୋଷ୍ଟ ନିର୍ମାଣ ଏବଂ କଣ୍ଟା ତାରବାଡ଼ ସ୍ଥାପନ ପାଇଁ ପଶ୍ଚିମବଙ୍ଗ ସରକାର ସୀମା ସୁରକ୍ଷା ବଳ (ବିଏସଏଫ)କୁ ଜମି ହସ୍ତାନ୍ତର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବାଂଲାଦେଶ ସୀମାରେ ତାରବାଡ଼ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ସାତଦିନ ମଧ୍ୟରେ ବିଏସଏଫକୁ ୬୦୦ ହେକ୍ଟର ଜମି ହସ୍ତାନ୍ତର କରିଛି।

ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଛି। ସେ କହିଛନ୍ତି ଯେ, ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି, ମାତ୍ର ସାତଦିନ ମଧ୍ୟରେ ୬୦୦ ହେକ୍ଟର ଜମି ବିଏସଏଫ୍କୁ ହସ୍ତାନ୍ତର କରିବା ପାଇଁ ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପଦକ୍ଷେପକୁ ବିଜେପିର ବ୍ୟାପକ ଜାତୀୟ ସୁରକ୍ଷା ଏଜେଣ୍ଡା ସହିତ ଯୋଡ଼ିଛନ୍ତି ଏବଂ ଦାବି କରିଛନ୍ତି ଯେ ବଙ୍ଗଳାରେ ସରକାର ପରିବର୍ତ୍ତନ ପରେ ବାଂଲାଦେଶ ସୀମା ଦେଇ ଅନୁପ୍ରବେଶ ହ୍ରାସ ପାଇଛି। ପୂର୍ବରୁ ମମତା ବାନାର୍ଜୀଙ୍କ ଶାସନ ସମୟରେ ପ୍ରତିଦିନ ଅନୁପ୍ରବେଶ ହେଉଥିଲା, କିନ୍ତୁ ବର୍ତ୍ତମାନ ଅନୁପ୍ରବେଶକାରୀମାନେ ନିଜେ ଫେରିବା ଆରମ୍ଭ କରିଛନ୍ତି। ମୁଁ ଅନୁପ୍ରବେଶକାରୀମାନଙ୍କୁ କହିବାକୁ ଚାହୁଁଛି ସମୟ ଥାଉ ଥାଉ ନିଜ ଦେଶକୁ ଫେରି ଯାଅ। ଶାହ କହିଛନ୍ତି ଯେ, ଆଜି ବିଜେପି ଦେଶର ଭୌଗୋଳିକ କ୍ଷେତ୍ରର ୮୦ ପ୍ରତିଶତ ଉପରେ ଶାସନ କରୁଛି। ନିକଟରେ ବଙ୍ଗଳାରେ ନିର୍ବାଚନ ହୋଇଥିଲା, ଯେଉଁଠାରେ ଦିଦିଙ୍କ ସରକାର ସମ୍ପୂର୍ଣ୍ଣ ମୂଳପୋଛ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ ଏହା ମଧ୍ୟ କହିଥିଲେ ଯେ ବିଜେପିର ଗେରୁଆ ପତାକା ଏବେ ଉତ୍ତରାଖଣ୍ଡରୁ ଗଙ୍ଗାସାଗର ପର୍ଯ୍ୟନ୍ତ ସମଗ୍ର ଗଙ୍ଗା ଅଞ୍ଚଳରେ ଉଡୁଛି। ଗାନ୍ଧୀନଗର ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ ଏହା କହିଛନ୍ତି।

### ଆମ୍ବରସ ପିଇ ଭଗବାନ ଅସୁସ୍ଥ

ନୂଆଦିଲ୍ଲୀ ୨୮।୫ଃ ରାଜସ୍ଥାନର କୋଟାର ଥିବା ଜଗଦୀଶ ମନ୍ଦିରରେ ଅନନ୍ୟ ପରମ୍ପରା ଦେଖିବାକୁ ମିଳିଛି। ଏହି ମନ୍ଦିରରେ, ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଦେବତାଙ୍କୁ ଏକ ସ୍ୱତନ୍ତ୍ର ୧୪ ଦିନର 'ବୀମାରି ଅବକାଶ' ପ୍ରଦାନ କରାଯାଏ। ବିଶ୍ୱାସ କରାଯାଏ ପ୍ରଚଣ୍ଡ ଗରମରେ ଥଣ୍ଡା ପାଣିରେ ସ୍ନାନ କରିବା ଏବଂ ଆମ୍ବ ରସ ପିଇବା ପରେ ଦେବତା ଅସୁସ୍ଥ ହୋଇଯାଆନ୍ତି। ତେଣୁ ୧୪ ଦିନ ପାଇଁ ମନ୍ଦିର ଦ୍ୱାରା ବନ୍ଦ ରହେ। ଏହା ସହ ଭଗବାନଙ୍କ ଚିକିତ୍ସା ଚାଲେ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ଏକ ସତ୍ୟ ଏବଂ ୩୦୦ ବର୍ଷର ପୁରୁଣା ପରମ୍ପରା।

## ସହରାଞ୍ଚଳ ଜଳାଶୟ - ଛାଡୁନାହାନ୍ତି ଜବରଦଖଲକାରୀ

ଭୁବନେଶ୍ୱର,୨୮।୫ଃ ଜମି ଜବରଦଖଲକାରୀମାନେ ପୋଖରୀକୁ ଦଖଲକୁ ନେଇ ଯାଉଛନ୍ତି। ସରକାରୀ କଳର କୋହଳ ମନୋଭାବ ଦେଖି ଖୋଦ୍ ରାଜଧାନୀରେ ଏକାଧିକ ପୋଖରୀକୁ ଏମାନେ କବଜାକୁ ନେଇଥିବା ଜଣାଯାଇଛି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଥିବା ଜଳାଶୟ ମଧ୍ୟରୁ କେତୋଟି ଜବରଦଖଲ ହୋଇଛି ସେ ସଂକ୍ରାନ୍ତରେ ମିଳିଥିବା ସୂଚନା ଜଣାଯାଇଛି ଯେ ଏହି ତାଲିକାରେ ଭୁବନେଶ୍ୱର ମହାନଗର ନିଗମର ତିନିଟି ପୋଖରୀ ରହିଛି। ଏଗୁଡିକ ହେଲା ଜଳେଶ୍ୱର ପୋଖରୀ, ନନ୍ଦ କିଶୋର ପୋଖରୀ ଓ ଚନ୍ଦନ ପୋଖରୀ। ଏହିସବୁ ପୋଖରୀ ଜମିକୁ ଜବରଦଖଲକାରୀମାନେ ମାଡି ବସିଥିବାବେଳେ ତାହାକୁ ମୁକୁଳାଇବାକୁ ଏବେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। କେବଳ ପୋଖରୀ ନୁହେଁ ସହରରେ ଥିବା ମୁଖ୍ୟ ନାଳକୁ ବି ଏମାନେ କବଜାକୁ ନେଇ ସେଠାରେ ନିର୍ମାଣ କାର୍ଯ୍ୟ କରିଛନ୍ତି। ଏହି ଜବରଦଖଲ ମୁକ୍ତ ହେଲାପରେ ମୁଖ୍ୟ ନାଳର କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି। ତେବେ କଟକ ମହାନଗର ନିଗମ ହାତରେ ୯ଟି ପୋଖରୀର ପରିଚାଳନା ଦାୟିତ୍ୱ ଥିବାବେଳେ ଏଠାରେ ଜବରଦଖଲ ହୋଇନାହିଁ। ସେହିଭଳି କଟକର ୨୩୧ଟି ପୋଖରୀ ଘରୋଇ ମାଲିକାନାରେ ରହିଛି। ଏହିସବୁ ଜଳାଶୟକୁ ଜବରଦଖଲ ମୁକ୍ତ କରିବାପାଇଁ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ନିୟମିତ ଭାବେ ଅଭିଯାନ ଚଳାଯାଉଛି। ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଥିବା ଜଳାଶୟ ମଧ୍ୟରୁ ୮ଟିର ଜବରଦଖଲ ହୋଇଛି। ଏଗୁଡିକୁ ମିଳିତ ଅଭିଯାନ ଜରିଆରେ ଜବରଦଖଲମୁକ୍ତ କରାଯାଇଛି। ଏହି ମହାନଗର ନିଗମ ଅଞ୍ଚଳରେ ଥିବା ନାଳଗୁଡିକୁ ସଫା କରିବାପାଇଁ ନିୟମିତ ପଦକ୍ଷେପ ନିଆଯାଉଥିବାବେଳେ ଏଗୁଡିକ କିଭଳି ଜବରଦଖଲ ନହେବ ତାହା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛନ୍ତି। ଏହିସବୁ ମହାନଗର ନିଗମ ବ୍ୟତିତ କୋଟପାଡ, ଜି. ଉଦୟଗିରି ପୌରପାଳିକା, ଜୟପୁରର ଜଗନ୍ନାଥ ସାଗର ଜବରଦଖଲ ହୋଇଥିବାବେଳେ ଭବାନୀପାଟଣାରେ ୪ଟି ଜଳାଶୟକୁ ମଧ୍ୟ ଜବରଦଖଲକାରୀମାନେ କବଜା କରିଛନ୍ତି। ସେହଭଳି ଜଗତ୍ସିଂହପୁର ପୌରାଞ୍ଚଳରେ ଥିବା ଘୋଷା ପୋଖରୀ ମଧ୍ୟ ଜବରଦଖଲ ହୋଇଥିବା ଜଣାଯାଇଛି। ସହରାଞ୍ଚଳରେ ଥିବା ଜଳାଶୟଗୁଡିକୁ ଅମୃତ ଯୋଜନାରେ ପୁନରୁଦ୍ଧାର କରାଯାଉଥିବାବେଳେ ରାଜଧାନୀ ଠାରୁ ଆରମ୍ଭ କରି ରାଜ୍ୟର ଅନ୍ୟାନ୍ୟ ପୌରାଞ୍ଚଳରେ ଜଳାଶୟଗୁଡିକ କିଭଳି ଜବରଦଖଲ ହୋଇଯାଉଛି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଜବରଦଖଲକାରୀମାନଙ୍କୁ ତୁରନ୍ତ ହଟାଇବା ସହିତ ଜଳାଶୟଗୁଡିକୁ ମୁକ୍ତ କରିବାପାଇଁ ମତପ୍ରକାଶ ପାଉଛି। ସହରାଞ୍ଚଳରେ ଜବରଦଖଲ ହେଉଥିବା ମୂଲ୍ୟବାନ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରୁଥିବାବେଳେ ଜଳାଶୟ ଓ ନାଳଗୁଡିକରୁ କିନ୍ତୁ ଜବରଦଖଲ ସହଜରେ ହଟାଯାଇ ପାରୁନାହିଁ। ଫଳରେ ରାଜଧାନୀ ସମେତ ଅନ୍ୟାନ୍ୟ ସହରାଞ୍ଚଳରେ ଥିବା ଜଳାଶୟ, ବଡବଡ ନାଳ ଆଖପାଖରେ ଥିବା ସରକାରୀ ଜମିଗୁଡିକୁ ଜବରଦଖଲକାରୀମାନେ ସହଜରେ ମାଡି ବସୁଛନ୍ତି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇ ବର୍ଷ ପୂର୍ତ୍ତିରେ...

ଆରମ୍ଭ କରି ରାଜ୍ୟରେ ଶିକ୍ଷାର ବିକାଶ, ନିଯୁକ୍ତି, ପର୍ଯ୍ୟଟନର ବିକାଶ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବାର ବିକାଶ, ରାଜ୍ୟରେ କୃଷି ଓ କୃଷକର ଆୟବୃଦ୍ଧି, ଶକ୍ତି କ୍ଷେତ୍ରରେ ରାଜ୍ୟକୁ ଆତ୍ମନିର୍ଭର କରିବା, ଉଚ୍ଚ ଶିକ୍ଷାରେ ସଂସ୍କାର, କ୍ରୀଡ଼ାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି ଭଳି ବିଭିନ୍ନ ବିଭାଗରେ ଏକାଧିକ ଯୋଜନା ପ୍ରସ୍ତୁତ ହୋଇଥିଲା। ଦୁଇ ବର୍ଷରେ ଏସବୁ କାର୍ଯ୍ୟକାରୀ କରିବାରେ ବିଭାଗଗୁଡ଼ିକ କେତେ ସଫଳ ହୋଇଛନ୍ତି ଏବଂ ଆଗାମୀ ବର୍ଷ ପାଇଁ ବିଭାଗୱାରୀ ରୋଡମ୍ୟାପ ସମ୍ପର୍କରେ ଆଜି ମୁଖ୍ୟମନ୍ତ୍ରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସୁଥିବାରୁ ସେ ମଧ୍ୟ ସରକାରଙ୍କ ସଫଳତା ବାବଦରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ। ତେଣୁ ରାଜ୍ୟ ସରକାର ନିଜର ସଫଳତା ସାଙ୍ଗକୁ ଭବିଷ୍ୟତ ଯୋଜନା ନେଇ ପ୍ରଧାନମନ୍ତ୍ରୀଙ୍କ ଅବଗତ କରିବେ। ତେବେ ଦୁଇ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ରାୟ ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ଆସିଛି। ସୁଭଦ୍ରା ଯୋଜନାରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳା ଯୋଡ଼ି ହୋଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ପିଏମ କିଷାନ ଓ ଆୟୁଷ୍ମାନ ଭାରତ ଭଳି କେନ୍ଦ୍ରୀୟ ଯୋଜନାକୁ ଲାଗୁ କରୁନଥିଲେ। ବିଜେପି ସରକାର ଆସିବା ପରେ ଲୋକେ ଏହି ଦୁଇ ଯୋଜନାର ସୁଫଳ ପାଇପାରୁଛନ୍ତି। କଟକ-ଭୁବନେଶ୍ୱର ରିଙ୍ଗ ରୋଡ୍ଠାରୁ ଆରମ୍ଭ କରି ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା କରାଯାଇଛି। ରେଳବାଇରେ ଓଡ଼ିଶାରେ ପ୍ରାୟ ୯୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାମ ଜାରି ରହିଛି। ବର୍ଷ ବର୍ଷ ଧରି ସରୁ ନ ଥିବା ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୭ ସୁଦ୍ଧା ସବୁ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ସବୁ ଗ୍ରାମୀଣ ପରିବାରକୁ ପକ୍କା ଘରଠାରୁ ଆରମ୍ଭ କରି ପିଏମ କିଷାନ ଓ ସିଏମ କିଷାନରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆର୍ଥିକ ସହାୟତା ଦେଉଛନ୍ତି ସରକାର। ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବାଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟା ମଧ୍ୟ ଚାଲିଛି। ଏଥିପାଇଁ ବର୍ଷ ବର୍ଷ ଦାବି ହେଉଥିଲେ ମଧ୍ୟ ପୂର୍ବ ସରକାର କର୍ଣ୍ଣପାତ କରୁ ନ ଥିଲେ।

### ଭିଭିଆଇପିଙ୍କ...

ଶେୟାର୍ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ରାଜ୍ୟ ପୁଲିସ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ କମ୍ୟୁନିକେସନ୍ ନେଟୱର୍କ ବ୍ୟବହାର କରିବାକୁ ମଧ୍ୟ କୁହାଯାଇଛି। ବେସରକାରୀ ମେସେଜିଂ ସର୍ଭିସ୍ ମାଧ୍ୟମରେ ତଥ୍ୟ ପଠାଇବାରେ ତଥ୍ୟ ଚୋରି କିମ୍ବା ଲିକ୍ ହେବାର ସମ୍ଭାବନା ଅଧିକ। ତେଣୁ ସମସ୍ତ ବିଭାଗ ଓ ସୁରକ୍ଷା ସଂସ୍ଥାକୁ ଏନେଇ ସଚେତନ ରହିବାକୁ କୁହାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପତ୍ରରେ ବରିଷ୍ଠ ଅଧିକାରୀମାନଙ୍କୁ ନିମ୍ନସ୍ତରୀୟ କର୍ମଚାରୀଙ୍କୁ ସୁରକ୍ଷା ସଚେତନତା ନେଇ ସେନ୍ସିଟାଇଜ୍ କରିବାକୁ କୁହାଯାଇଛି। ପ୍ରତ୍ୟେକ ଭିଭିଆଇପି ଗସ୍ତ ପୂର୍ବରୁ ସୁରକ୍ଷା ସମ୍ବନ୍ଧୀୟ ଗୋପନୀୟତା ରକ୍ଷା ପାଇଁ ପୁନର୍ବାର ବ୍ରିଫିଙ୍ଗ୍ ଦେବାକୁ ନିର୍ଦ୍ଦେଶ ରହିଛି।

### ପରୀକ୍ଷା...

ଏହି ଘଟଣାକୁ ଖୁବ୍ ଗମ୍ଭୀରତାର ସହ ନେଇଛି। ପିଏମଓ ଅଧିକାରୀମାନେ ପରୀକ୍ଷା ପ୍ରସ୍ତୁତି ପ୍ରକ୍ରିୟାର ସମ୍ପୂର୍ଣ୍ଣ ଶୃଙ୍ଖଳା ଉପରେ ପ୍ରତ୍ୟକ୍ଷ ଭାବେ କଡ଼ା ନଜର ରଖିବେ ବୋଲି ନିଷ୍ପତ୍ତି ହୋଇଛି। ପେପର ସେଟିଂଠାରୁ ପ୍ରିଣ୍ଟିଂ ହେବା, ବିଭିନ୍ନ ସ୍ଥାନକୁ ପରିବହନ କରିବା ଓ ପରିଶେଷରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଚୂଡ଼ାନ୍ତ ପ୍ରଶ୍ନପତ୍ର ବିତରଣ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ତଦାରଖ କରିବ ପିଏମ୍ଓ। ସେହିପରି ପ୍ରଶ୍ନପତ୍ର ପରିବହନକୁ ଅଧିକ ସୁରକ୍ଷିତ କରିବା ସକାଶେ ବାୟୁସେନା ବିମାନକୁ ମୁତୟନ କରାଯିବା ଉପରେ ମଧ୍ୟ ଚର୍ଚ୍ଚା ହୋଇଛି। କିନ୍ତୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍ଓ) ଏହାକୁ ମଞ୍ଜୁରୀ ଦେବାର ଆବଶ୍ୟକତା ରହିଛି। ପ୍ରତିରକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଆୟୋଜିତ ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ଏନ୍ଟିଏର ମହାନିର୍ଦ୍ଦେଶକ ଅଭିଷେକ ସିଂ ଓ ପିଏମଓର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଏହି ମନ୍ତ୍ରୀସ୍ତରୀୟ ବୈଠକକୁ ଏନ୍ଟିଏ ମହାନିର୍ଦ୍ଦେଶକଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲା। ସୂତ୍ରରୁ ମିଳିଥିବା ଖବର ଅନୁସାରେ, ନିଟ୍ ପରୀକ୍ଷା ସହ ଜଡ଼ିତ ପ୍ରତ୍ୟେକ କାର୍ଯ୍ୟକୁ କିପରି ସୁଚାରୁ ରୂପେ ସମ୍ପାଦନ କରାଯାଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବେ ତାହାର ଖବର ରଖୁଛନ୍ତି। ନିଟ୍ ପରୀକ୍ଷା ନେଇ ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ବିଷୟରେ ତାଙ୍କୁ ନିୟମିତ ଅବଗତ କରାଯାଉଛି। ଅଧିକାରୀମାନେ କହିଛନ୍ତି ଯେ ପରୀକ୍ଷା ହେବା ଆଗରୁ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତାର ସଂକେତ ମିଳିବା କାରଣରୁ ନିଟ୍ ପରୀକ୍ଷାକୁ ତୁରନ୍ତ ବାତିଲ୍ କରାଯାଇଥିଲା ଓ ପ୍ରଧାନମନ୍ତ୍ରୀ ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଆଜିର ବ୍ରେନଷ୍ଟର୍ମିଂ ବୈଠକରେ ନିଟ୍ ପେପର ଲିକ୍ ମାମଲା ସାମ୍ନାକୁ ଆସିବା ପରେ ଭାରତର ସବୁଠାରୁ ବଡ଼ ଡାକ୍ତରୀ ପ୍ରବେଶିକା ପରୀକ୍ଷାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ତଥା ଦେଶବ୍ୟାପୀ ଆକ୍ରୋଶ, ପ୍ରତିବାଦ ତଥା ରାଜନୈତିକ ଆରୋପ ପ୍ରତ୍ୟାରୋପ ସୃଷ୍ଟି କରିଥିବା ବିବାଦର ପୁନରାବୃତ୍ତିକୁ ରୋକିବା ଲାଗି ସାନି ତଦାରଖ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି।

### କୌଣସି ଛାତ୍ରଛାତ୍ରୀଙ୍କ...

ପ୍ରଥମ ଥର ପାଇଁ ସିବିଏସଇ ଏତେ ବଡ଼ ସ୍ତରରେ ଓଏସ୍ଏମ୍ ସିଷ୍ଟମ ଲାଗୁ କରିଛି, ତେଣୁ ସାମାନ୍ୟ କିଛି ତ୍ରୁଟି ଦେଖାଦେଇଛି। କିନ୍ତୁ ସମସ୍ତ ତ୍ରୁଟିର ତ୍ୱରିତ ସଂଶୋଧନ କରାଯିବ ଓ କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ କରାଯିବ ନାହିଁ। ଏହା ଏକ ସମ୍ପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟା। ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ୧୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ସେମାନଙ୍କର ମୂଲ୍ୟାଙ୍କିତ ଉତ୍ତର ଖାତାର ସ୍କାନ କପି ପାଇଁ ଆବେଦନ କରିଥିଲେ। ଓଏସଏମ୍ ପ୍ରକ୍ରିୟାର ସମୀକ୍ଷା ଓ ସୁଦୃଢ଼ କରିବା ପାଇଁ ଆଇଆଇଟି କାନପୁର ଓ ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ସହାୟତା ନିଆଯାଉଛି। ଆଇଆଇଟି ବିଶେଷଜ୍ଞମାନେ ଡିଜିଟାଲ୍ ମୂଲ୍ୟାୟନ ପ୍ରଣାଳୀର ସଫ୍ଟୱାର୍ କୋଡିଂ ଓ ବୈଷୟିକ ଦିଗଗୁଡ଼ିକର ଯାଞ୍ଚ କରୁଛନ୍ତି। ସେହିପରି ଯଦି ଏହି ମାମଲାରେ କୌଣସି ବ୍ୟକ୍ତିଙ୍କ ଅବହେଳା ସାମ୍ନାକୁ ଆସେ, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ବିଜେଡି ସଂସଦୀୟ...

ଏହି ୫ ଜଣଙ୍କ ମଧ୍ୟରୁ ଆଉ କିଛି ବିଜେପିକୁ ଯିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ଦଳରେ ଥିବା ଅସନ୍ତୋଷ ଯୋଗୁଁ ରାଜ୍ୟସଭାରେ ଦଳ ଦୁଇ ଫାଳ ହୋଇଯିବ ବୋଲି କୁହାଯାଉଛି। ରାଜ୍ୟସଭାରେ ବିଜେଡିକୁ ଦୁଇ ଫାଳ କରିବା ପାଇଁ ବିଜେପି ବି ପୂରା ଦମ୍ରେ ଲାଗିପଡ଼ିଛି। ଯଦିଓ ରାଜ୍ୟସଭାରେ ବିଜେପି ଏବେ ସଂଖ୍ୟାଗରିଷ୍ଠ, କିନ୍ତୁ ବିଜେଡିକୁ ଆହୁରି ଦୁର୍ବଳ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ପୂର୍ବରୁ ସୁଜିତ କୁମାର, ମମତା ମହନ୍ତଙ୍କ ଭଳି ରାଜ୍ୟସଭା ସଦସ୍ୟଙ୍କୁ ବିଜେପିରେ ସାମିଲ କରିଥିବା ବେଳେ ଏବେ ଦେବାଶିଷ ସାମନ୍ତରାୟଙ୍କ ଭଳି ନେତାଙ୍କୁ ନିଜ ଦଳରେ ସାମିଲ କରିଛି। ଯଦି ବିଜେଡି ସଂସଦୀୟ ଦଳରେ ଫାଟ ହେଲା ତେବେ ବିଜେପି ସପକ୍ଷରେ ଆଉ ଦୁଇ କିମ୍ବା ତିନି ସାଂସଦ ରହିପାରନ୍ତି। ଅନ୍ୟପକ୍ଷରେ ଶରୀର ବିଜେଡିରେ, ଆତ୍ମା ବିଜେପିରେ ଥିବା କିଛି ନେତାମାନଙ୍କୁ ସାଇଡ୍ କରିବା ପାଇଁ ଟିମ୍ ପାଣ୍ଡିଆନ ଏଭଳି ଚାଲ୍ ଖେଳୁଥିବା ଚର୍ଚ୍ଚା ହେଉଛି। କାରଣ ଏହି ଟିମ୍ର ମତ ହେଲା, ଯେଉଁମାନେ ବିଜେପିମୁହାଁ ହେଉଛନ୍ତି ସେମାନେ ତୁରନ୍ତ ଦଳ ଛାଡ଼ିଦେବା ଆବଶ୍ୟକ। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳକୁ ମଜବୁତ କରିବା ପାଇଁ ବିଜେଡି ନେତାମାନେ ଚାହୁଁଛନ୍ତି। ତେଣୁ ଯେତେଶୀଘ୍ର ଅସନ୍ତୁଷ୍ଟମାନେ ବିଦା ହେବେ, ସେମାନଙ୍କ ସ୍ଥାନରେ ଯୁବ ଅନୁଗତମାନେ ଆଗକୁ ବଢ଼ିବାର ସୁଯୋଗ ପାଇବେ। ତେବେ ସଂସଦୀୟ ଦଳରେ ଫାଟ ହେଲେ ବିଜେଡି ଦିଲ୍ଲୀ ରାଜନୀତିରେ ନିଜର ପତିଆରା ହରାଇବା ସହ ରାଜ୍ୟରେ ବିଧାୟକମାନେ ବି ହଲଚଲ ହେବାର ଆଶଙ୍କା ରହିଛି। ଲୋକସଭାରେ ଦଳର ଜଣେ ହେଲେ ସାଂସଦ ନ ଥିବା ବେଳେ ରାଜ୍ୟସଭାରେ ଦଳର ବଳ ରହିଥିଲା। ହେଲେ ବିଜେପି ଗୋଟି ଚାଳନା କରି ବିଜେଡିର ଏହି ବଳକୁ ଦୁର୍ବଳ କରିବାରେ ଲାଗିଛି।

### କଟକରେ ନୂଆ...

ବିଭିନ୍ନ ରାଜ୍ୟର ନିର୍ବାଚନ ଫଳାଫଳ ପରେ ଚିତ୍ର ସ୍ପଷ୍ଟ ହେଉଛି। ଆର୍ଜେଡି, ଟିଏମ୍ସି, ବିଏସ୍ପି, ଏସ୍ପି ଭଳି ଦଳ ଭୋଟରଙ୍କ ଆସ୍ଥା ହରାଇଛନ୍ତି। ଓଡ଼ିଶାରେ ବିଜେଡିର ଅବସ୍ଥା ବି ସେଭଳି ହେବାକୁ ଯାଉଛି ବୋଲି ଦେବାଶିଷ କହିଛନ୍ତି। ବିଜେପିକୁ ଆସି ତାଙ୍କ ଘରବାହୁଡ଼ା ଭଳି ଲାଗୁଥିବା ସେ କହିଛନ୍ତି। କାରଣ ଓଡ଼ିଶାରେ ଏନଡିଏ ସରକାର ଥିବା ସମୟରେ ସେ ତାଙ୍କ ରାଜନୀତି ଆରମ୍ଭ କରିଥିଲେ। ନବୀନ ବାବୁ କହିଥିଲେ ଦଳରେ ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହଁନ୍ତି, ହେଲେ ସେ ମିଛ କହିଥିଲେ। ଓଡ଼ିଶାର ସମ୍ପତ୍ତିକୁ ବାହାର ରାଜ୍ୟର ଲୋକଙ୍କ ହାତରେ ଟେକିଦେଲେ। ସେଠି ମୁଁ ଆଉ କିଭଳି ରହିବି। ଆଉ କିଛି ଦିନ ପରେ ବିଜେଡି ବିଜେଡି ବା ପାଣ୍ଡୁ ଜନତା ଦଳ ହୋଇଯିବ ବୋଲି ତାଚ୍ଛଲ୍ୟ କରିଛନ୍ତି ଦେବାଶିଷ। ଦଳରେ ତାଙ୍କ ଭଳି ଅନେକ ନେତାଙ୍କ ଅସନ୍ତୋଷ ରହିଛି। ଅବିଭକ୍ତ କଟକ ଜିଲ୍ଲାରେ ଆଗକୁ ଲଢ଼େଇ ସିଧା ବିଜେଡି ସହ ହେବ। ସେହିପରି ବିଜେଡିର ୨୨ ଜଣ କର୍ପୋରେଟର ବିଜେଡି ଛାଡ଼ି ବିଜେପିରେ ମିଶିବେ ବୋଲି ମଧ୍ୟ ଦେବାଶିଷ କହିଛନ୍ତି। ଦେବାଶିଷଙ୍କ ଏଭଳି ଅଭିଯୋଗର ଜବାବ ରଖିଛନ୍ତି ବିଜେଡି ନେତା ତଥା କଟକ ମେୟର ସୁବାସ ସିଂହ। ସେ କହିଛନ୍ତି ଯେ ଦେବାଶିଷ ଦୀର୍ଘଦିନ ହେବ ଦଳୀୟ କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିଥିଲେ। ଦଳର କୌଣସି କାର୍ଯ୍ୟରେ ସେ ସାମିଲ ହେଉ ନ ଥିଲେ। ଦେବାଶିଷ ଦଳ ଛାଡ଼ି ବିଜେପିରେ ଯୋଗଦେବା ଯୋଗୁଁ ବିଜେଡିର କୌଣସି କ୍ଷତି ହେବ ନାହିଁ। କଟକ ଜିଲ୍ଲାରେ ଅନେକ ନେତା ଅଛନ୍ତି। ବିଜେଡି ନିଜର ସଂଗଠନ ଦୃଢ଼ ରଖିଛି। ଦେବାଶିଷଙ୍କ ପାଇଁ ଗତ ସାଧାରଣ ନିର୍ବାଚନରେ ଦଳ ତିନି ନମ୍ବର ସ୍ଥାନକୁ ଖସିଗଲା ବୋଲି ସୁବାସ କହିଛନ୍ତି।

## ବେଣୁପୁର-୩ ନମ୍ବର ମାଇନର କେନାଲର ଭିତ୍ତିପ୍ରସ୍ତର



ବାଲିଅନ୍ତା,୨୮।୫ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ବେଣୁପୁର ମାଇନର କେନାଲ - ୩ ଠାରୁ ୧ କିମି ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଲାଇନିଂ ଏବଂ ଉନ୍ନତୀକରଣ ନେଇ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏନେଇ ବାଲିଅନ୍ତା କେନାଲ ସବ ଡିଭିଜନ ପକ୍ଷରୁ ୨ କୋଟି ୧୩ ଲକ୍ଷ ମଞ୍ଜୁର କରାଯାଇଛି । ବିଧାୟକ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ବହୁ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ,ବାଲିଅନ୍ତା ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ଖଟୁଆ,୧୬ ନଂ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ , ବେଣୁପୁର ସମିତି ସଭ୍ୟ ନମିତା ପରିଡ଼ା, ପୂର୍ବତନ ସରପଞ୍ଚ ତପନ ପରିଡ଼ା, ସଚ୍ଚିଦାନନ୍ଦ ଜେନା, ପ୍ରଦୀପ୍ତ ଜେନାମଣି, ହରେକୃଷ୍ଣ ମଙ୍ଗରାଜ, ରବୀନ୍ଦ୍ର ରାଉତରାୟ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଃଖୀଶ୍ୟାମ୍ ମଲ୍ଲିକଙ୍କ ସ୍ମୃତିରେ ରକ୍ତଦାନ ଶିବିର




ସତ୍ୟବାଦୀ,୨୮।୫ (ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ବ୍ଲକ ମୂଳଅଳସା ଗ୍ରାମ ପଂଚାୟତ ମୂଳଅଳସା ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଦୁଖିଶ୍ୟାମ ମଲ୍ଲିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ତାଙ୍କ ଏକାଦଶାହ୍ ତିଥିରେ ତାଙ୍କ ଜନ୍ମମାଟି ମୂଳ ଅଳସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସ୍ୱର୍ଗତ ମଲ୍ଲିକ ଉଦେଶ୍ୟରେ ଗଛ ଲଗାଇବା କାର୍ଯ୍ୟକୁ ଜୀବନ କାଳରେ ଭଲ ପାଉଥିବାରୁ ପ୍ରଥମେ ତିନିଗୋଟି ବଉଳ ଗଛ ରୋପଣ କରାଯିବା ପରେ ଉପସ୍ଥିତ ସମସ୍ତେ ଦୁଃଖିଶ୍ରାମ ମଲ୍ଲିକ ଅମର ରହେ ସ୍ଲୋଗାନ ଦେଇଥିଲେ। ପରେ ପୁରୀ ବ୍ଲଡ଼ ବ୍ୟାଙ୍କ ସହାୟତା ଓ ଡକ୍ଟର ଦୀପକ ସାହୁ ସହ ଆସିଥିବା ସହଯୋଗୀ କର୍ମକର୍ତ୍ତାଙ୍କ ସହଯୋଗରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ଅନନ୍ତ ମହାବୀର ଯୁବକ ସଂଘ, ମୂଳ ଅଳସା ଓ ଭାରତ ବିକାଶ ପରିଷଦ' ସତ୍ୟବାଦୀର ସହଯୋଗରେ ଆୟୋଜନ କରାଯାଇଥିଲା। ଆଜିର ଏହି ରକ୍ତଦାନ ମହତ ଦାନ କାର୍ଯ୍ୟକ୍ରମରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଶାରଦାରେ ଛଉନୃତ୍ୟ ପ୍ରତିଷ୍ଠାନର ବାର୍ଷିକ ମହୋତ୍ସବ ଅନୁଷ୍ଠିତ



ବେତନଟୀ,୨୮।୫ (ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ଅନ୍ତର୍ଗତ ଚାଞ୍ଚିପଦା ପଞ୍ଚାୟତର ଶାରଦା ଠାରେ ଉତ୍ତର ସାହି ଶାରଦା ଛଉନୃତ୍ୟ ପ୍ରତିଷ୍ଠାନର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛଉନୃତ୍ୟ ପ୍ରତିଷ୍ଠାନର ସଭାପତି ମହେନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚାଞ୍ଚିପଦା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମହାଦେବ ସିଂ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ମୀନକେତନ ବେହେରା, ସ୍ଥାନୀୟ ମିଳନଦେବୀ ଶିଶୁମନ୍ଦିର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ମହାନ୍ତ ଓ ଉତ୍ତର ସାହି ଶାରଦା ଛଉନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ତପନ କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରି ମହୋତ୍ସବକୁ ଉଦଘାଟନ କରିଥିଲେ। ଏହାପରେ ଛଉନୃତ୍ୟ ପ୍ରତିଷ୍ଠାନର କଳାକାର ମାନେ ଛଉ ନୃତ୍ୟ ପରିବେଷଣ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ଶ୍ରଦ୍ଧାମିଳନ ଖବରକାଗଜର ସମ୍ପାଦକ କବି ମନୋଜ କୁମାର ମହାନ୍ତ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ମହୋତ୍ସବରେ ଯୋଗଦାନ କରି ଛଉନୃତ୍ୟ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ତର ସାହି ଶାରଦା ଛଉନୃତ୍ୟ ପ୍ରତିଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ଏବଂ ଛଉନୃତ୍ୟ ପରିବେଷଣ କରିଥିଲେ।

## କାହା ଇସାରାରେ ଚାଲିଛି

# କୋଟି କୋଟି ଟଙ୍କାର କାମ ?

### ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯନ୍ତ୍ରୀ

### କୋର୍ଟରେ ମାମଲା ବିଚାରାଧୀନ

### ବଢୁଛି ଚାଷୀଙ୍କ ଅସନ୍ତୋଷ



ଆନନ୍ଦପୁର,୨୮।୫ (ସଂଚାର ବ୍ୟୁରୋ)ଃ କୋଟି କୋଟି ଟଙ୍କାର କାମ। ହେଲେ କାହା ଇସାରାରେ ଚାଲିଛି ? ଯେଉଁ ଯନ୍ତ୍ରୀ କାମ ତଦାରଖ କରୁଥିଲେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ରହିଛି। ତଥାପି ବନ୍ଦ ହେଉନି କାମ। ପାଣି ପଞ୍ଚାୟତ ସଭାପତିଙ୍କ ମନମାନି କାର୍ଯ୍ୟକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ।

ପାଇକଚାତ୍ରା ଗ୍ରାମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଛି କାଡ଼ା କେନାଲ ନିର୍ମାଣ କାମ। ହେଲେ ଆରମ୍ଭ ଦିନରୁ ହିଁ ଏହି କାମକୁ ବିରୋଧ କରିଆସୁଛନ୍ତି ସ୍ଥାନୀୟ ଚାଷୀ। ଚାଷୀଙ୍କ ଅଭିଯୋଗ, ଯେଉଁ ସ୍ଥାନରେ ପାଣି ରହୁନାହିଁ ସେଠାରେ କାମ ନକରି, ପାଣି ଜମୁଥିବା ଅଞ୍ଚଳରେ କେନାଲ ନିର୍ମାଣ କରାଯାଉଛି। ଏପରିକି କେନାଲ ନିର୍ମାଣ ସାପ ବଙ୍କା ପରି ହେଉଛି, କେନାଲରେ ଲାଗୁଥିବା ଛଡ଼ ଗୁଡ଼ିକରେ ନାହିଁ ତାଳତମ୍ୟ, ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ କୋଟି କୋଟି ଟଙ୍କାର କାମକୁ ନିମ୍ନମାନର କରି ପକେଟ ଗରମ କରିବା ପାଇଁ ଚାଲିଛି ବଡ଼ ଷଡ଼ଯନ୍ତ୍ର। ଯଦି ଏଭଳି ନିମ୍ନମାନର କାର୍ଯ୍ୟ ହେଲା ଚାଷ ଜମି ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଚାଷୀ ପ୍ରକାଶ କରିଛନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେଉଁ ଯନ୍ତ୍ରୀ ଏହି କାମ ତଦାରଖ କରୁଥିଲେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବେଳେ ବର୍ତ୍ତମାନ କାହା ନିର୍ଦ୍ଦେଶରେ ଚାଲିଛି କାମ ? କାମ ସ୍ଥଳରେ ସୂଚନା ଫଳକ ନଥିବାରୁ କେତେ ଟଙ୍କାର କାମ, କିଏ କରୁଛି ଓ କିଏ ତଦାରଖ କରୁଛି ତାହାକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଚାଷୀମାନେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିବା ଅଭିଯୋଗ ହେଉଛି।

ଘଟଣା ଗୁରୁତର ରୂପ ନେବା ପରେ ଗ୍ରାମର ଚାଷୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ବିଭାଗୀୟ ଅଧିକାରୀ ଓ ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାମ ସ୍ଥଗିତ କରିବାକୁ ପରାମର୍ଶ ଦେଇଥିଲେ। ହେଲେ କିଛି ଦିନ ବନ୍ଦ ରହିବା ପରେ ପୁଣି ଆରମ୍ଭ ହୋଇଯାଇଛି ନିର୍ମାଣ କାମ। ଯାହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି ଅସନ୍ତୋଷ।

## କାଳବୈଶାଖୀଃ ଡରାଇଲା ବର୍ଷା, ପବନ ଓ ଘଡ଼ଘଡ଼ି

କାକଟପୁର/ଅସ୍ତରଙ୍ଗ,୨୮।୫ (ସଂଚାର ବ୍ୟୁରୋ)ଃ ମାତ୍ର ୧୫ମିନିଟ ରେ ତାଣ୍ଡବ ରଚିଛି କାଳବୈଶାଖୀ। ପ୍ରବଳ ଝଡ଼ ବର୍ଷା ହୋଇଛି। ଏଥିରେ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ୧ଶହରୁ ଉର୍ଦ୍ଧ୍ୱ ଗଛ ଭାଙ୍ଗିଛି। ଏପରିକି ଅନେକଙ୍କ ଘରର ଆଜବେଷ୍ଟ ଉଡିଯାଇଛି। ଗଛ ଭାଙ୍ଗିବା ଯୋଗୁଁ କାକଟପୁର ରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତାରେ କିଛି ସମୟ ପାଇଁ ଯିବା ଆସିବା ବୁଧବାର ସନ୍ଧ୍ୟାରେ ବାଧାପ୍ରାପ୍ତ ହୋଇଥିଲା।

ଗ୍ରୀଷ୍ମ ପ୍ରବାହରେ ଆଉଟୁପାଉଟୁ ହେଉଛନ୍ତି ଅଂଚଳବାସୀ। ପାରଦ ୩୮ଡିଗ୍ରୀ ଉପରେ ରହୁଥିବା ବେଳେ ଗୁଳୁଗୁଳି ଲୋକଙ୍କୁ କରିଛି ଅତିଷ୍ଠ। ତେବେ ବୁଧବାର ଦିନରେ ମଧ୍ୟ ପାଖାପାଖି ୪୦ଡିଗ୍ରୀ ଉପରେ ଥିବା ବେଳେ ହଠାତ ଅପରାହ୍ନରୁ ସନ୍ଧ୍ୟା ମଧ୍ୟରେ ଆକାଶରେ କଳାହାଣ୍ଡିଆ ମେଘ ଢାଙ୍କି ଆସିଥିଲା। ଦେଖୁ ଦେଖୁ ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ପବନ ବେଗ ଏତେ ଅଧିକ ଥିଲା ଯେ, ପୁରୀ ଜିଲ୍ଲାର କାକଟପୁରରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ସଂଯୋଗ କରୁଥିବା ବାଟରେ ବିରାଟ କାୟ ଗଛ ଡାଳ ଭାଙ୍ଗିପଡିଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବିଭିନ୍ନ ଗ୍ରାମରେ ଗଛ ମଧ୍ୟ ଭାଙ୍ଗିପଡ଼ିବା ସହ ପବନ ବେଗ ଅଧିକ ହେତୁ ପୁରୁଣା ଆଜବେଷ୍ଟ ଭାଙ୍ଗିଦେଇଥିଲା। ଏହା ସହ ଆମ୍ବ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି।

## ନାବାଳିକାକୁ ଗଣଦୁଷ୍କର୍ମ : ଦୁଇ ନାବାଳକ ସହ ୩ ଗିରଫ




କୋରାପୁଟ,୨୮।୫ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। କୋରାପୁଟ ଜିଲ୍ଲା ସଦର ବ୍ଲକ ବଡ଼ସୁକୁ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ, ସେହି ଅଞ୍ଚଳର ଦୁଇ ନାବାଳକଙ୍କ ସହ ମୋଟ ତିନିଜଣ ଅଭିଯୁକ୍ତ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ କୋରାପୁଟ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଦୁଇ ନାବାଳକ ସହ ତିନିଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ତେବେ ଘଟଣାକୁ ନେଇ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ବିବରଣୀ ପ୍ରକାଶ କରାଯାଇନାହିଁ। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇ ସୁଧାର ଗୃହକୁ ପଠାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏପରି ସମ୍ବେଦନଶୀଳ ଘଟଣା ପୁଣିଥରେ ଜିଲ୍ଲାରେ ମହିଳା ଓ ନାବାଳିକାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

## ହିଞ୍ଜିଳିକାଟୁ ସିଡିପିଓଙ୍କୁ ଜଗିବ କିଏ ?

**● ଦିନ ୧୦ଟା ଯାଏ ଚୌକି ଖାଲି ● ଫିଲ୍ଡ଼ କାମ କହି ଖସୁଛନ୍ତି ମାଡାମ**

ହିଞ୍ଜିଳିକାଟୁ,୨୮।୫ (ସଂଚାର ବ୍ୟୁରୋ)ଃ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ସକାଳୁଆ ଅଫିସ୍ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟରେ ସକାଳୁଆ ଅଫିସ୍ ଖୋଲିବା ସମୟ ନିର୍ଘଣ୍ଟ ବାଟବଣା ହେବା ସହ ତୀବ୍ର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ସକାଳ ୭ଟାରେ ଅଫିସ୍ ଖୋଲିବା ନିୟମ ଥିବା ବେଳେ ୧୦ଟା ପର୍ଯ୍ୟନ୍ତ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ସମେତ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ଚୌକି ଖାଲି ପଡୁଥିବା ଦେଖିବାକୁ ମିଳୁଛି। ମାତ୍ର ଦୁଇ ତିନି ଜଣ ତଳ ଶ୍ରେଣୀର କର୍ମଚାରୀଙ୍କୁ ଛାଡ଼ିଦେଲେ ଅଫିସରେ ଅନ୍ୟ କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି।

ସିଡିପିଓ ମାଡାମ ଠିକ୍ ସମୟରେ ଆସୁନଥିବାରୁ କାର୍ଯ୍ୟରତ କିଛି କର୍ମଚାରୀ ମଧ୍ୟ ବିଳମ୍ବରେ ଆସୁଥିବା ଅଭିଯୋଗ ହେଉଛି। ଅଧିକାରୀ ଓ କର୍ମଚାରୀମାନଙ୍କ ଏପରି ମନମୁଖୀ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ନାହିଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ନେଇ ସିଡିପିଓ ମାଡାମଙ୍କୁ ପଚାରିଥିବା ବେଳେ ଫିଲଡ଼ କାମରେ ଥିଲି ବୋଲି ଉତ୍ତର ଆସିଥିଲା। ସରକାରୀ ତହବିଲରୁ ମାସିକ ମୋଟା ରକମ ଦରମା ନେଇ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସି କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦୃଢ଼ ମତ ପ୍ରକାଶ ପାଉଛି ।

ଯେଉଁ ଅଧିକାରୀମାନଙ୍କ ପାଖରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ରହିଛି ସେମାନେ ଯଦି କାର୍ଯ୍ୟରେ ଅବହେଳା କରିବେ ଅନ୍ୟ କର୍ମଚାରୀମାନଙ୍କ ବିରୁଦ୍ଧରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସେସା ଫୁଟବଲ୍ ଏକାଡେମୀରୁ ସ୍କଲାରସିପ୍ ପାଇଲେ ଲକ୍ଷ୍ମୀ ମୁର୍ମୁ



ଯାଜପୁର,୨୮।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତର ଭାଲୁବସା ଗ୍ରାମର ଅଷ୍ଟମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀ ମୁର୍ମୁ । ନିଜ ଫୁଟବଲ ପ୍ରତିଭା ପାଇଁ ସେ ଗୋଆର ପଞ୍ଜିମ ସ୍ଥିତ ପ୍ରତିଷ୍ଠିତ 'ସେସା ଫୁଟବଲ୍ ଏକାଡେମୀ' (ଏସଏଫଏ) ରେ ଚାରି ବର୍ଷିଆ ଆବାସିକ ସ୍କଲାରସିପ୍ ପାଇଛନ୍ତି। ଭାରତର ଶ୍ରେଷ୍ଠ ଯୁବ ଫୁଟବଲ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ଧାରାର ଖେଳାଳି ଭାବେ ଗଢ଼ିତୋଳିବାରେ ଏହି ଏକାଡେମୀ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ବେଶ୍ ପ୍ରତିଷ୍ଠିତ।

ତୃତୀୟ ଶ୍ରେଣୀରେ ପଢୁଥିବା ସମୟରୁ ହିଁ ଲକ୍ଷ୍ମୀ ଖେଳକୁଦ ପ୍ରତି ଆଗ୍ରହୀ ଥିଲେ। ପରେ ତାଙ୍କ ଘରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ବାଘୁଆପାଳ ଗ୍ରାସରୁଟ୍ ଫୁଟବଲ୍ ଟ୍ରେନିଂ ସେଣ୍ଟର' ବିଷୟରେ ଜାଣିବା ସହ ସେଠାରେ ଅନ୍ୟ ଝିଅମାନଙ୍କୁ ତାଲିମ ନେଉଥିବାର ଦେଖି ସେ ଅନୁପ୍ରାଣିତ ହୋଇଥିଲେ। ଏହାପରେ ସେ ନିଜ ପାଠପଢ଼ା ଏବଂ ଖେଳ ଉଭୟକୁ ଗୁରୁତ୍ୱ ଦେଇ ପ୍ରତିଦିନ କଠିନ ଅଭ୍ୟାସ କରୁଥିଲେ।

ଲକ୍ଷ୍ମୀ ଆସନ୍ତା ଜୁନ୍ ୧, ୨୦୨୬ରେ ଏହି ଏକାଡେମୀରେ ଯୋଗଦେବେ। ସେଠାରେ ତାଙ୍କୁ ଶିକ୍ଷା, ବୃତ୍ତିଗତ ପ୍ରଶିକ୍ଷଣ, ରହିବା-ଖାଇବା, ଖେଳ ସରଞ୍ଜାମ, ମେଡିକାଲ୍ ଇନସୁରାନ୍ସ ଏବଂ ବାର୍ଷିକ ଘରକୁ ଯିବା ଆସିବା ପାଇଁ ଯାତ୍ରା ଖର୍ଚ୍ଚ ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ତାଙ୍କର ଏହି ସଫଳତା ଟାଟା ଷ୍ଟିଲ୍ ଫାଉଣ୍ଡେସନର ଗ୍ରାସରୁଟ୍ କ୍ରୀଡ଼ା କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇପାରିଛି। ଯାହା ପାରମ୍ପରିକ ସାମାଜିକ ପ୍ରତିବନ୍ଧକକୁ ଦୂର କରି ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ପାଇଁ ଉତ୍ତମ ମାର୍ଗ ସୃଷ୍ଟି କରୁଛି।

ତାଙ୍କ ସଫଳତାର ପ୍ରତିଟି ପାହାଚ ଚ୍ୟାଲେଞ୍ଜ ଭରା ଥିଲା। କ୍ୟାରିୟରର ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳରେ ଜଣେ ଝିଅପିଲା ହୋଇ ଫୁଟବଲ ଖେଳୁଥିବାରୁ ବେଶ୍ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ପରିବାରର ଇଚ୍ଛା ବିରୁଦ୍ଧରେ ଯାଇ ଲକ୍ଷ୍ମୀଙ୍କୁ ଲୁଚି ଲୁଚି ଖେଳିବାକୁ ପଡୁଥିଲା। ନିଜର ପୋଷାକ (ଜର୍ସି) ଓ ଖେଳ ପାଇଁ ସେ ସ୍ଥାନୀୟ ଲୋକଙ୍କ ଆକ୍ଷେପର ଶିକାର ହେଉଥିଲେ। ଲକ୍ଷ୍ମୀଙ୍କ ଭାଗ୍ୟ ସେତେବେଳେ ବଦଳିଲା, ଯେତେବେଳେ 'ସେସା ଫୁଟବଲ୍ ଏକାଡେମୀ'ର ଜାତୀୟ ସ୍କାଉଟ୍ (ପ୍ରତିଭା ଚୟନକାରୀ)ମାନେ ତାଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନିପାରିଲେ।

## ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଘୋଷିତ



ଫୁଲବାଣୀ,୨୮।୫ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଫୁଲବାଣୀର ୨୦୨୫-୨୬ ଶିକ୍ଷା ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଶେଷ ସେମିନଷ୍ଟାର ପରୀକ୍ଷା ଫଳ ଆଜି ମହାବିଦ୍ୟାଳୟ ପରୀକ୍ଷା ବିଭାଗ ଠାରେ ପ୍ରକାଶିତ ହୋଇଯାଇଛି । ସ୍ନାତକ କଳା ବିଭାଗରେ ୮୬. ୮୮ପ୍ରତିଶତ, ବିଜ୍ଞାନ ବିଭାଗ ରେ ୮୬. ୦୯ ପ୍ରତିଶତ, ବାଣିଜ୍ୟ ବିଭାଗ ରେ ୬୭. ୬୪ ପ୍ରତିଶତ ଏବଂ ସେଲ୍ଫ ଫାଇନାସିଙ୍ଗ ବିସିଏ ବିଭାଗରେ ୯୬. ୩୦ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୮୫ ସତକଡାଛାତ୍ର ଛାତ୍ରୀ ସ୍ନାତକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗରେ ରାଜନୀତି ବିଜ୍ଞାନରେ ଛାତ୍ରୀ ମନୀଷା ସାହୁ ୮.୭୬ ସିଜି ପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗ ର ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯.୦୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ବାଣିଜ୍ୟ ବିଭାଗରେ ଶୁଭ୍ରାଂଶୁ ଶେଖର ସାହୁ ୮.୭୧ସିଜି ପିଏ ରଖି ଏବଂ ବିସିଏ ବିଭାଗରେ ରଞ୍ଜନା ପ୍ରଧାନ ୮.୯୬ ସିଜି ପି ଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ଜୀବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ।

ସେହିପରି ସ୍ନାତକୋତ୍ତର କଳା ବିଭାଗରେ ୯୩.୨୪ ପ୍ରତିଶତ, ବିଜ୍ଞାନ ବିଭାଗରେ ୯୧. ୯୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି । ସର୍ବ ମୋଟ ୯୩ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗ ରେ ନୃତତ୍ତ୍ୱ ବିଭାଗ ରେ ମଧୁସ୍ମିତା ବେହେରା ୯.୧୧ ସିଜି ପି ଏ, ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖିଥିବା ବେଳେ ବାଣିଜ୍ୟ ବିଭାଗ ରେ ଚନ୍ଦନ କୁମାର ପୃଷ୍ଟି ୯. ୦୫ ସିଜିପି ଏ ରଖି ଶ୍ରେଷ୍ଠ ସ୍ନାତକୋତ୍ତର ହୋଇଛନ୍ତି । ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖି ଚଳିତ ବର୍ଷ ପାଇଁ ମହାବିଦ୍ୟାଳୟ ର ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ବିବେଚିତ ହୋଇଛନ୍ତି ।

## ଭୋଟର ଜନଗଣନା, ସଂଶୋଧନ ତାଲିମ କାର୍ଯ୍ୟକ୍ରମ



ବୋରିଗୁମ୍ମା,୨୮।୫ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ ଗୃହ ପରିସରରେ ୨ ଦିନ ଧରି ଭୋଟର ଜନଗଣନା ଓ ସଂଶୋଧନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ର ୧୩ ଜଣ ସୁପରଭାଇଜରଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ର କାଳ ୭ ଟାରୁ୧୦ଟା ମଧ୍ୟରେ, ଏବଂ ସେମାନଙ୍କ କାର୍ଯ୍ୟରେ ସହାୟତା କରିବା ନିମନ୍ତେ ପ୍ରାୟ ୧୩୮ ଜଣ ସମେତ ୧୪ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ବିଏଲଓଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଓ ସୁପରଭାଇଜର ମାନଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସଚେତନ ଓ ପ୍ରଶିକ୍ଷିତ କରାଯାଇଥିଲା।

ସୂଚନାଯୋଗ୍ୟ ଉପରକ୍ତ ସମସ୍ତ ଦେଢ଼ ଶହରୁ ଅଧିକ ସରକାରୀ କର୍ମଚାରୀ ୨୯ ତାରିଖ ଠାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମର ପ୍ରତ୍ୟେକ ପରିବାରକୁ ଯାଇ ଭୋଟର ଜନଗଣନା ଓ ସଂଶୋଧନ କାର୍ଯ୍ୟକ୍ରମ ଜାରି ରଖିବେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ,ବ୍ଲକ୍‌ର ମୁଖ୍ୟନିର୍ବାଚନ ଅଧିକାରୀ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟନାୟକ ଓ ତହସିଲଦାର ଶୋଭନ କୁମାର ବେହେରା, ଜିପିଡିଓ ସ୍ୱାଗତିକା ଗୋପାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ ଅଧିକାରୀମାନେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ନିଷ୍ଠା ଏବଂ ଦାୟିତ୍ୱବୋଧ ସହ କାର୍ଯ୍ୟକରି ମତଦାତାଙ୍କ ବିଶ୍ୱାସ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ।

## ଦୋକାନଘରକୁ ପଶିଗଲା ପିକଅପ୍ ଭ୍ୟାନ, ଜଣେ ମୃତ

ବାରିପଦା,୨୮।୫ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ୨୨୦ ନଂ ଜାତୀୟ ରାଜପଥ ବାନାଡୁଙ୍ଗୁରି ଗ୍ରାମରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଆଜି ଭୋର ସମୟରେ ଭାରସାମ୍ୟ ହରାଇ ଏକ ଦୋକାନ ଘର ଭିତରକୁ ପଶିଯାଇଥିଲା ଏକ ପିକଅପ୍ ଭ୍ୟାନ। ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ଦୋକାନ ମାଲିକ ଛବିରାଣି ଦତ୍ତ। ଦୁର୍ଘଟଣା ଘଟାଇବା ପରେ ଗାଡ଼ି ଚାଳକ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଛି। ଖବର ପାଇ ବହଳଦା ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରୋକ




ନୀଳଗିରି,୨୮।୫ (ସଂଚାର ବ୍ୟୁରୋ)ଃ ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ନୀଳଗିରି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜ ପଥ ଗରଡ଼ିହି ଛକ ଠାରେ ସକାଳ ୮ ଘଟିକାରେ ରାସ୍ତା ରୋକ କରାଯାଇଥିଲା। ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଉକ୍ତ ରାସ୍ତାରୋକ କରାଯାଇଥିବା ବେଳେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କର ମାରଣ ନୀତି, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦର ଦାମ ବୃଦ୍ଧି ଯୋଗୁଁ ଦେଶର ଖଟିଖିଆ ଗରିବ ନାଗରିକ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଦୈନିକ ମଜୁରୀର ଅପରିବର୍ତ୍ତିତ ପାଇଁ ବିଜେପି ସରଜର ଉପରେ ବର୍ଷୀଥିଲେ। ବେଳୁ ହିଁ ସରକାର ଦରଦାମ ନିୟନ୍ତ୍ରଣ ନ କଲେ ଆଗାମୀ ଦିନରେ ଦେଶବ୍ୟାପି ହରତାଳ କରାଯିବା ବୋଲି ଚେତାବନୀ ଦେଇଥିଲେ।

ଉକ୍ତ ରାସ୍ତା ରୋକ ପାଇଁ ପ୍ରାୟ ଏକ ଘଣ୍ଟା ଧରି ରାସ୍ତାର ଉଭୟ ଦିଗରେ ଯାତ୍ରୀବାହୀ ବସ, ଘରୋଇ ଚାରିଚକିଆ ଯାନ ଅଟକିବା ଫଳରେ ସାଧାରଣ ଯାତ୍ରୀ ଗନ୍ତବ୍ୟ ସ୍ଥଳରେ ପହଂଚିବାରେ ବିଳମ୍ବ ହୋଇଥିଲା। ପରେ ବରହମପୁର ଥାନା ଅଧିକାରିଣୀ ପ୍ରେମଦା ନାୟକ ଧାରଣାସ୍ଥଳରେ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଦାବୀ ଉତ୍‌ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା।

## ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି କୁଣ୍ଡାପୁଟୁକୁ ନାହିଁ ପକ୍କାରାସ୍ତା

### ଚାରି ଚକିଆ ସାତ ସପନ

### ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ

### ରାସ୍ତା ନ ହେଲେ ପଞ୍ଚାୟତ ନିର୍ବାଚନ ବର୍ଜନ ଚେତାବନୀ



ଛତ୍ରପୁର,୨୮।୫ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର କୁଣ୍ଡାପୁଟୁ ଗ୍ରାମ ସ୍ୱାଧୀନତାର ଏତେ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛି। ସରକାର ଗ୍ରାମୀଣ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କୁଣ୍ଡାପୁଟୁର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି।

ଗାଁର ପ୍ରାୟ ୪୫ଟି ପରିବାର ରାସ୍ତା ସମସ୍ୟା ଯୋଗୁଁ ଦୀର୍ଘଦିନ ଧରି ବିଭିନ୍ନ ଦୁର୍ଭୋଗ ଦେଇ ଗତି କରୁଛନ୍ତି। ଗାଁକୁ ଯିବା ପାଇଁ ଆଜି ପର୍ଯ୍ୟନ୍ତ ଏକ ପକ୍କା ଓ ପ୍ରଶସ୍ତ ରାସ୍ତା ନଥିବା ବେଳେ ଛଅ ଫୁଟିଆ ହୁଡ଼ା ରାସ୍ତା ହିଁ ଲୋକଙ୍କ ଏକମାତ୍ର ଭରସା ପାଲଟିଛି। ଏହି ସଂକୀର୍ଣ୍ଣ ରାସ୍ତାରେ ଗୋଟିଏ ଗାଡି ଗଲେ ଆଉ ଗୋଟିଏ ଗାଡି ପାର୍ ହେବାକୁ ସ୍ଥାନ ନଥିବାରୁ ଯାତାୟାତ ବ୍ୟାହତ ହେଉଛି। ଚାରି ଚକିଆ ଗାଡି ଗାଁକୁ ଯିବା ଏଠାରେ ସାତ ସପନ ପାଲଟିଛି।

ବର୍ଷା ଦିନରେ ରାସ୍ତା କାଦୁଆ ଓ ପିଚ୍ଛଳ ହୋଇପଡୁଥିବା ବେଳେ ଲୋକେ ନିୟମିତ ଭାବେ ଛୋଟ ବଡ଼ ଦୁର୍ଘଟଣାରେ ଶିକାର ହେଉଛନ୍ତି। ବିଶେଷକରି ଦୁଇଚକିଆ ଯାନ ଚାଳକ, ବୃଦ୍ଧ ଓ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁକୁ ପହଞ୍ଚି ପାରୁନଥିବାରୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଓ ପ୍ରଶାସନିକ ଅବହେଳା ଯୋଗୁଁ କୁଣ୍ଡାପୁଟୁ ଗ୍ରାମ ଆଜି ବି ଉନ୍ନୟନରୁ ବଞ୍ଚିତ ହୋଇ ରହିଛି।

ଏନେଇ ଗ୍ରାମବାସୀ ମେଳି କରି ଏକ ବୈଠକ କରିଥିବା ବେଳେ ଶୀଘ୍ର ରାସ୍ତା ନିର୍ମାଣ ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

ଏନେଇ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଯାନୀ ଘଟଣାକୁ ଗୁରୁତ୍ୱର ସହ ନେଇଥିବା ବେଳେ ଶୀଘ୍ର ସ୍ଥଳ ପରିଦର୍ଶନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଗଣମାଧ୍ୟମକୁ ପ୍ରତିଶୃତି ଦେଇଛନ୍ତି।

# ଓସିଏସ୍ ଟପ୍ପର୍ ବୁବୁନଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୫ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଳଙ୍କପଡ଼ା ଗ୍ରାମର ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଶ୍ରୀ ମାଝୀ ବୁବୁନଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ। ଲୋକଙ୍କ ମଙ୍ଗଳ, ସୁଶାସନ ଓ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ସହ ସମାଜର ଶିଶୁ, ମହିଳା ଓ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ବୁବୁନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବୁବୁନ ଗତ ବର୍ଷ ଓଡ଼ିଶା ପୋଲିସ୍ ସେବାରେ ଚୟନ ହୋଇଥିଲେ ଓ ବର୍ତ୍ତମାନ ଓଡ଼ିଶା ପୁଲିସରେ ଡିଏସପି ଭାବେ ଗତ ମାର୍ଚ୍ଚରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ (ବିପିଏସ୍‌ପିଏ)ରେ ପ୍ରଶିକ୍ଷଣ ନେଉଛନ୍ତି। ବୁବୁନଙ୍କ ପିତା ଭଗବାନ ସାହୁ ଜଣେ କୃଷକ ଓ ମାତା କୁଞ୍ଜଲତା ସାହୁ ଜଣେ ଗୃହିଣୀ। ପୁଅର ଏହି ଅନନ୍ୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ପିତାମାତାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

### ଆଉ ବାଧକ ହେବନି ଭାଷା

# ଓଡ଼ିଆରେ ଉପଲବ୍ଧ ହେବ ଯୁକ୍ତ ୨ ବିଜ୍ଞାନ ବହି



**ଉପକୃତ ହେବେ ୨ ଲକ୍ଷ ଛାତ୍ରଛାତ୍ରୀ**

ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ): ଆଉ ବିଜ୍ଞାନ ଶିକ୍ଷାରେ ବାଧକ ହେବନି ଭାଷା। ଏବେ ଓଡ଼ିଆ ଭାଷାରେ ପଢ଼ି ଡାକ୍ତର, ଇଞ୍ଜିନିୟର ହେବାର ସୁଯୋଗ ସୃଷ୍ଟି ହୋଇଛି। ଏଣିକି ଯୁକ୍ତ ଦୁଇ ବିଜ୍ଞାନ ବହି ଓଡ଼ିଆ ଭାଷାରେ ଉପଲବ୍ଧ ହେବ। ଏଥିରୁ ପାଖାପାଖି ଦୁଇ ଲକ୍ଷ ଛାତ୍ରଛାତ୍ରୀ ଫାଇଦା ପାଇବେ। ପ୍ରଥମ ଥର ପାଇଁ ଚଳିତ ବର୍ଷଠାରୁ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଇନ୍‌ଷ୍ଟିଚ୍ୟୁଟ ଅଫ ଓଡ଼ିଆ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ (ଆଇଓଏସଆର୍) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ମୁଦ୍ରିତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଓ ଗଣିତ ବହି ସମସ୍ତ ସରକାରୀ ଓ ବେସରକାରୀ କଲେଜରେ ଉପଲବ୍ଧ ହେବ। ପ୍ରାୟ ୨ ଲକ୍ଷ ଛାତ୍ରଛାତ୍ରୀ ଏହାର ଲାଭ ନେବେ। ପୂର୍ବରୁ ବିଜ୍ଞାନ ଛାତ୍ରଛାତ୍ରୀ କେବଳ ଇଂରାଜୀ ଭାଷାରେ ପଢ଼ିବାକୁ ବାଧ୍ୟ ହେଉଥିଲେ। ଆଇଓଏସଆର୍‌ର ସମ୍ପାଦକ ଡକ୍ଟର ସୁବ୍ରତ ପୃଷ୍ଟି କହିଛନ୍ତି ଯେ ମାତୃଭାଷାରେ ବିଜ୍ଞାନ ପଢ଼ିଲେ ପିଲାଙ୍କ ବିଷୟବସ୍ତୁ ବୁଝିବା ସହଜ ହେବ ଓ ସେମାନେ ଜେଇଇ ଓ ନିଟ୍ ଭଳି ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରିବେ। ଏହି ବହି ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟକ୍ରମ ଅନୁଯାୟୀ ପ୍ରସ୍ତୁତ ହୋଇଛି ବୋଲି ଶ୍ରୀ ପୃଷ୍ଟି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ଶିକ୍ଷାବିତ୍ ତଥା ସଂସ୍ଥା ଗବେଷଣା ବିଭାଗ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ, ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ପ୍ରଧାନ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଗିରଫ

ଘସିପୁରା,୨୮।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ କୁମୁଣିଆ ଗ୍ରାମରୁ ଆସିଛି ଏକ ଲଜ୍ଜାଜନକ ଘଟଣା। ଜନୈକା ୧୬ ବର୍ଷୀୟା ନାବାଳିକା ୮ ମାସର ଗର୍ଭବତୀ ହୋଇଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ହୋଇଛି। ଏଥିସହ ଏହି ଘଟଣାରେ ଆନନ୍ଦପୁର ଥାନା ଅନ୍ତର୍ଗତ କୋହ୍ଲାସାହି ଅଞ୍ଚଳର ମଙ୍ଗଳ ସିଂହଙ୍କ ପୁଅ ସୁନୀଲ ହେମ୍ବ୍ରମକୁ ପୁଲିସ୍ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ପୀଡ଼ିତା ନାବାଳିକା ଜଣଙ୍କ ତାଙ୍କ ମାମୁଘର କୋହ୍ଲାସାହିକୁ ଯାଇଥିବା ସମୟରେ ଅଭିଯୁକ୍ତ ସୁନୀଲ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସ୍ଥାପିତ ହୋଇଥିଲା। ଏହାର ଫାଇଦା ନେଇ ସୁନୀଲ ନାବାଳିକାଙ୍କ ସହ ଏକାଧିକ ବାର ଶାରୀରିକ ସମ୍ପର୍କ ରଖିବା ଫଳରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଆନନ୍ଦପୁର ଥାନାରେ ୧୫୭/୨୦୨୬ରେ ଗତକାଲି ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୬୪(୨)(ଏମ୍) ସହ ପୋକ୍ସୋ ଆଇନର ଧାରା ୬(୧) ଅନୁଯାୟୀ ମାମଲା ରୁଜୁ ହୋଇଛି ବୋଲି ଏସଡିପିଓ କମଳ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି।



## ଦାଦାବଟି ଆଦାୟ ଅଭିଯୋଗରେ ଜଣେ ଗିରଫ: ଦେଶୀ ପିସ୍ତଲ ଓ ଗୁଳି ଜବତ

ଝାରସୁଗୁଡ଼ା,୨୮।୫(ସଂଚାର ବ୍ୟୁରୋ): ଜାତୀୟ ରାଜପଥରେ ଟ୍ରକ ଚାଳକମାନଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିବା ପୁରୁଣାବସ୍ତି ଅଞ୍ଚଳର ଅର୍ଜୁନ ସାହୁକୁ ଝାରସୁଗୁଡ଼ା ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ମାଗାଜିନ୍, ୨ଟି ଜୀବନ୍ତ ଗୁଳି, ୨ଟି ମୋବାଇଲ ଫୋନ ଓ ନଗଦ ୩ ହଜାର ୨୦ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଝାରସୁଗୁଡ଼ା ଥାନା ଏସଆଇ ସ୍ୱାଧୀନ କୁମାର ସେଠୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ପଞ୍ଚପଡ଼ା ଛକ ନିକଟସ୍ଥ ଚାନ୍ଦଢାବା ପାଖରେ କିଛି ସଶସ୍ତ୍ର ଦୁର୍ବୃତ୍ତ ଟ୍ରକ୍ ଅଟକାଇ ଚାଳକମାନଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ସମ୍ପର୍କରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅନ୍ୟ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅର୍ଜୁନ ସାହୁକୁ ପୁଲିସ କାବୁ କରିନେଇଥିଲା। ଝାରସୁଗୁଡ଼ା ଥାନାରେ କେସ୍ ନମ୍ବର ୩୩୦/୨୦୨୬ରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଛି ବୋଲି ପୋଲିସ କହିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଏପିକେ ଫାଇଲ ପଠାଇ ଠକେଇ

## ୩ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କଲା ପୁଲିସ



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ): ଏପିକେ ବା ଆଣ୍ଡ୍ରଏଡ ପ୍ୟାକେଜ କିଟ୍ ଫାଇଲ୍‌ର ଲିଙ୍କ୍ ପଠାଇ ଠକୁଥିବା ୩ ଆନ୍ତଃରାଜ୍ୟ ସାଇବର ଠକଙ୍କୁ କମିଶନରେଟ୍ ପୁଲିସ ଆଜି ଗିରଫ କରିଛି। ୩୯.୨୧ ଲକ୍ଷ ଟଙ୍କା ଠକେଇ ମାମଲାରେ ଦୁଇ ଜଣ ଓ ୭ ଲକ୍ଷ ଠକେଇ ମାମଲାରେ ଜଣେ ଅଭିଯୁକ୍ତ ଭୁବନେଶ୍ୱର ସାଇବର ଥାନା ପୁଲିସ୍ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଦେଓଘର ଜିଲ୍ଲାର ଅଭିଷେକ କୁମାର ଦାସ ଓ ବୀରେନ୍ଦ୍ର ଦାସ। ଅନ୍ୟ ଅଭିଯୁକ୍ତ ଜଣଙ୍କ ହେଲେ ଆଲ୍ଲାଉଦ୍ଦିନ ଅନସାରୀ। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଟିମ୍ ଦ୍ୱାରା ଗିରଫ କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ଅଭିଯୁକ୍ତମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତବର୍ଷ ସେପ୍ଟେମ୍ବର ୧୫ରେ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ରସୁଲଗଡ଼ର ଯଶୋବନ୍ତ ଜେନା ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଏତଲାକୁ ଆଧାର କରି ସାଇବର ଥାନା ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଯଶୋବନ୍ତଙ୍କ ହ୍ୱାଟ୍ସଆପ୍‌କୁ ଠକ ଗ୍ୟାଙ୍ଗ ହ୍ୱାଟ୍ସଆପ୍‌ରେ ମେସେଜ୍ ପଠାଇଥିଲା। ଆରଟିଓ ଚାଲାଣ ନାଁରେ ଏକ ଏପିକେ ଫାଇଲ ଉପରେ ସେ କ୍ଲିକ୍ କରିଦେଇଥିଲେ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରୁ ୭ ଲକ୍ଷ ଟଙ୍କା କଟିଯାଇଥିଲା ବୋଲି ଯଶୋବନ୍ତ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାକୁ ଗୁରୁତର ସହ ତଦନ୍ତ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଝାଡ଼ଖଣ୍ଡ ଜାମତାରାର ମାଷ୍ଟରମାଇଣ୍ଡ ମୁକେଶ ତୁରି ସମେତ ୪ ଜଣ ସାଇବର ଅପରାଧୀଙ୍କୁ ମାସେ ତଳେ ତେଲଙ୍ଗାନାରୁ କମିଶନରେଟ୍ ପୁଲିସ ଗିରଫ କରିଥିଲା। କିନ୍ତୁ ସେତେବେଳେ ସେମାନଙ୍କ ସହଯୋଗୀ ଆଲ୍ଲାଉଦ୍ଦିନ ଫେରାର ଥିଲା। ସେହିପରି ଗତ ଜାନୁଆରୀ ୧୭ରେ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ହ୍ୱାଟ୍ସଆପ୍‌ରେ ଏପିକେ ଫାଇଲ ଆସିଥିଲା। ସେ କ୍ଲିକ କରିବାରୁ ଆକାଉଣ୍ଟ୍‌ରୁ ୩୯.୨୧ ଲକ୍ଷ କଟିଯାଇଥିଲା। ଏନେଇ ଏତଲା କ୍ରମେ ସାଇବର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ଶିମିଳିପାଳରୁ ତିନି ଶିକାରୀ ଗିରଫ



**ଧରାଇଲା ଏଆଇ କ୍ୟାମେରା**

ବାରିପଦା,୨୮।୫(ସଂଚାର ବ୍ୟୁରୋ): ଶିମିଳିପାଳ ଅଭୟାରଣ୍ୟର ଠାକୁରମୁଣ୍ଡା ରେଞ୍ଜର୍ ଚମ୍ପାଗଡ଼ା ବିଟ ହାଉସ ନିକଟରେ ଏକ ବୟସ୍କ ମାଈ ହାତୀର ଅସୁସ୍ଥତା ଯୋଗୁଁ ମୃତ୍ୟୁ ଘଟିଥିଲା। ବନ ବିଭାଗ ପକ୍ଷରୁ ଉକ୍ତ ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ହାତୀଟିର ମୃତଦେହକୁ ଅନ୍ୟ ପ୍ରାଣୀଙ୍କ ଖାଦ୍ୟ ଉଦ୍ଦେଶ୍ୟରେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ଗତ ୧୩ ତାରିଖରେ କିଛି ଶିକାରୀ ଉକ୍ତ ହାତୀର ମୃତଦେହରୁ କିଛି ଅଂଶ କାଟି ନେଉଥିବାର ଦୃଶ୍ୟ ଶିମିଳିପାଳରେ ଲାଗିଥିବା ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଆଧାରକରି ଶିମିଳିପାଳ ଅଭୟାରଣ୍ୟ ଡେପୁଟି ଡାଇରେକ୍ଟର (ଉତ୍ତର) ରମେଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଠାକୁରମୁଣ୍ଡା ଶିମିଳିପାଳ ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ ଅଧିକାରୀଙ୍କ ସମେତ ବନ୍ୟ କର୍ମଚାରୀମାନେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡ଼ା ପଞ୍ଚାୟତର ଜାମୁଡିହା ଓ ହାତୀଗୋଡ଼ା ଗ୍ରାମରେ ଚଢ଼ାଉ କରି ତିନି ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଦାସମାତ ମୁର୍ମୁ, ଶଙ୍କର ମୁର୍ମୁ ଓ ପାଣ୍ଡୁ ସୋରେନ। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କୋଇଲା ଟ୍ରକ୍‌ରୁ ବାହାରିଲା ୧୩.୮୫ କ୍ୱିଣ୍ଟାଲ ଗଞ୍ଜେଇ, ୨ ଗିରଫ

ମନମୁଣ୍ଡା,୨୮।୫(ସଂଚାର ବ୍ୟୁରୋ): ଅଭିନବ ଢଙ୍ଗରେ ଗଂଜେଇ ଚୋରା ଚାଲାଣ । ପୁଲିସ ନଜର ହଟାଇବା ପାଇଁ ଏକ କୋଇଲା ବୋଝେଇ ଟ୍ରକରେ ଭିତରେ ଗଞ୍ଜେଇ ଚାଲାଣ। ତେବେ କନ୍ଧମାଳ ପୁଲିସର ସନ୍ଦେହ ହେବାରୁ ଟ୍ରକ ଯାଞ୍ଚ କରିଥିଲା। ସେଥିରୁ ବାହାରିଥିଲା ଗଞ୍ଜେଇ ପ୍ୟାକେଟ। ୧୩. ୮୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗଞ୍ଜେଇ ଚୋରା ଚାଲାଣକୁ ଦୃଷ୍ଟିରେ ରଖି କନ୍ଧମାଳ ପୁଲିସ ଅନେକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ବୁଧବାର ସକାଳ ସମୟରେ ଛକି ରହିଥିଲା। ବୁଧବାର ଏକ ୧୬ ଚକିଆ ଟ୍ରକ କନ୍ଧମାଳ - ଘଣ୍ଟାପଡା ରାସ୍ତାର ଉଦେପୁର ଛକ ଦେଇ ଯାଉଥିଲା। ପୁଲିସ ସନ୍ଦେହରେ ଟ୍ରକ୍କୁ ଅଟକାଇ ଥିଲା । ସେଥିରେ କୋଇଲା ଯାଉଥିବା କୁହାଯାଇଥିଲା । ଉକ୍ତ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପ୍ରାୟତଃ ଚଳାଚଳ କରେ ନାହିଁ ଯାହାକି ପୁଲିସର ସନ୍ଦେହ ବଢ଼ିଥିଲା। ଟ୍ରକକୁ ଥାନାକୁ ପୁଲିସ ଆଣିଥିଲା। ଗୁରୁବାର ଟ୍ରକ ତନଖି କରାଯାଇଥିଲା। କୋଇଲା ଭିତରେ ପ୍ରଚୁର ପରିମାଣର ଗଞ୍ଜେଇ ପ୍ୟାକେଟ ଥିବା ପୁଲିସ ଦେଖିବାକୁ ପାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ୧୩ କ୍ୱିଣ୍ଟାଲ ୮୫ କେଜି ଗଞ୍ଜେଇ ଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ଘଟଣାରେ ସଂପୃକ୍ତ ଗାଡ଼ିର ଡ୍ରାଇଭର ଓ ହେଲ୍ପରକୁ ପୁଲିସ ଗିରଫ କରିଛି।

## ଦେବଗଡ଼ରେ ବିଦ୍ୟୁତ କର୍ମଚାରୀଙ୍କୁ ବାନ୍ଧିଲେ ଗ୍ରାମବାସୀ



ଦେବଗଡ଼,୨୮।୫(ସଂଚାର ବ୍ୟୁରୋ): ବିଦ୍ୟୁତ କର୍ମଚାରୀଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ। ରିଆମାଳ ଥାନା ଦୁଧିଆନାଳୀ ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ୪ ଦିନ ହେଲା ଅଞ୍ଚଳ ଅନ୍ଧାରରେ ରହିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଯଥେଷ୍ଟ ଅସନ୍ତୋଷ ରହିଥିଲା। ଏହି କ୍ରମରେ ଯେତେବେଳେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମରାମତି ପାଇଁ ଆସିଥିଲେ, ସେତେବେଳେ ଗ୍ରାମବାସୀ ତାଙ୍କ ଉପରେ ସମସ୍ତ ରାଗ ଶୁଝାଇ ତାଙ୍କୁ ଗଛରେ ବାନ୍ଧି ଦେଇଥିଲେ। କାଳବୈଶାଖୀ ଯୋଗୁଁ ଗତ ସୋମବାରଠାରୁ ଅନ୍ଧାରରେ ଅଛନ୍ତି ଗ୍ରାମବାସୀ। ତେବେ ଉକ୍ତ କର୍ମଚାରୀଙ୍କୁ ଗଛରେ ବାନ୍ଧିବା ପରେ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଡାକିବା ସହ ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି। ଏହିପରି ଜିଲ୍ଲାରେ ଅନେକ ସ୍ଥାନରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତେ ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ ବିଭାଗ ଖାମଖିଆଲି ମନୋଭାବ ଯୋଗୁଁ ଜନସାଧାରଣ ଭୀଷଣ ଗ୍ରୀଷ୍ମ ପ୍ରବାହ ସମୟରେ ଗରମରେ ଛଟପଟ ହେଉଛନ୍ତି। ତେଣୁ ସେମାନଙ୍କର ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଉପରେ କ୍ରୋଧ ପ୍ରକାଶ ପାଉଛି, ଯାହାର ନମୁନା ଆଜି ଏଠାରେ ଦେଖିବାକୁ ମିଳିଛି।

## ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ୟୁନିଟ୍-୬ରେ ଥିବା ଏକ ସେପ୍ଟେଜ୍ ଟାଙ୍କିରୁ ଆଜି ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ମିଳିଛି। ୟୁନିଟ୍-୬ କାଳୀ ମନ୍ଦିର ବସ୍ତିରେ ଥିବା ସେପ୍ଟେଜ୍ ଟାଙ୍କିରୁ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। ତେବେ କିଏ ଓ କେଉଁ ପରିସ୍ଥିତିରେ ଉକ୍ତ ନବଜାତକର ମୃତଦେହ ଫିଙ୍ଗିଲା, ତା' ଜାଣିବା ସକାଶେ ପୁଲିସ୍ ଖୋଳତାଡ଼ କରୁଛି।

## ଅଂଶୁଘାତରେ ଜଣେ ମୃତ

ଟିଟିଲାଗଡ଼,୨୮।୫(ସଂଚାର ବ୍ୟୁରୋ): ରାଜ୍ୟରେ ପାରଦ ମିଟର ବଢିଚାଲିଛି। ଅଧିକାଂଶ ଜିଲ୍ଲାରେ ୪୦ ଉପରେ ତାପମାତ୍ରା। ଏହା ଭିତରେ ଆସିଛି ଏକ ଅଂଶୁଘାତ ମୃତ୍ୟୁ ଖବର। ଗତ ୨୫ ତାରିଖ ଟିଟିଲାଗଡ ସହରର ମହାରାଜ ସାଗର ହିଡ ଉପରୁ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଥିଲା। ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଯୁବକଙ୍କର ପରିଚୟ ମିଳିନଥିବା ବେଳେ ଟିଟିଲାଗଡ଼ରେ ଏହାକୁ ଚଳିତ ବର୍ଷର ପ୍ରଥମ ଅଂଶୁଘାତଜନିତ ମୃତ୍ୟୁ ବୋଲି ଡାକ୍ତର କହିଛନ୍ତି।

## ପୋଲ ତଳକୁ ଖସିପଡ଼ିଲା କାର୍: ଦୁଇ ମୃତ



ଘଟଗାଁ,୨୮।୫(ସଂଚାର ବ୍ୟୁରୋ): କାର ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅନ୍ତର୍ଗତ ରାସୋଳ ଛକ ନିକଟରେ କାର୍ ଦୁର୍ଘଟଣାରେ ସେମାନଙ୍କର ଜୀବନ ଯାଇଛି। ଏହାଛଡ଼ା ଦୁଇ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଏକ କାରରେ ଡ୍ରାଇଭର ସମେତ ମୋଟ ୪ ଜଣ ହରିଚନ୍ଦନପୁର ଅଭିମୁଖେ ଆସୁଥିବା ସମୟରେ ଅଚାନକ ଉକ୍ତ କାର୍‌ଟି ଭାରସାମ୍ୟ ହରାଇ ରାସୋଳ ଛକ ନିକଟରେ ପୋଲ ତଳକୁ ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ହରିଚନ୍ଦନପୁର ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

### ପ୍ରଥମ ୪ମାସରେ ସଡ଼କ ଦୁର୍ଘଟଣାରେ ୩୧ ମୃତ, ୨୦ ଆହତ

## ଜିଲ୍ଲା ସଡ଼କ ସୁରକ୍ଷା ସମୀକ୍ଷା କମିଟି ବୈଠକ

ବୌଦ୍ଧ,୨୮।୫(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା ସମୀକ୍ଷା କମିଟି ବୈଠକ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମୋଟର ଭେହିକିଲ୍ ଆଇନ୍ ଅନୁଯାୟୀ ଜୋରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ପୂର୍ବତନ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ଏନେଇ ମିଳିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬ର ପ୍ରଥମ ୪ ମାସ ମଧ୍ୟରେ ଜିଲ୍ଲାରେ ମୋଟ ୩, ୪୮୦ଟି ଚାଲାଣ କଟାଯାଇଥିବା ବେଳେ ୧ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୩୯ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୧,୪୭୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୧,୦୭୭ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୧୧ଟି ମାମଲା ରୁଜୁ ହେବା ସହ ୮୨୫ଟି ଡ୍ରାଇଭିଂ ଲାଇସେନ୍ସ ସସ୍ପେଣ୍ଡ କରାଯାଇଥିଲା। ପୁଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୫୮୭ଟି ଓ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୫୨ଟି ଚାଲାଣ କରାଯାଇଥିଲା। ଏ ବର୍ଷର ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ଜଣ ଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି। ବୈଠକରେ ପିଏମ୍ ରାହତ ଯୋଜନା ସମ୍ବନ୍ଧରେ ବିଶଦ୍ ଆଲୋଚନା ହୋଇଥିଲା। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ନିଶ୍ଚିତ ଭାବରେ ଭର୍ତ୍ତି କରାଇବା ଆବଶ୍ୟକ। ଏଥିପାଇଁ ଚିକିତ୍ସାରେ ଅର୍ଥ କେବେ ବି ବାଧକ ନ ହେବା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାକୁ ସରକାରଙ୍କ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ଆନନ୍ଦ ଡୁଙ୍ଗଡୁଙ୍ଗ, ଆର୍ ଆଣ୍ଡ ବି ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ଛୁଆଲସିଂ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଏମ୍‌ଭିଆଇ ସଞ୍ଜୟ ବେହେରା, ଟ୍ରାଫିକ ଇନ୍ସପେକ୍ଟର ଦେବାଶିଷ ନାୟକ, ଏସ୍‌ଡିଓ ଏନ୍‌ଏଚ୍ ପ୍ରଶାନ୍ତ ସାହୁ, ଇଡିଏଆରଏମ ନିତ୍ୟବ୍ରତ ଗର୍ତ୍ତିଆ ଉପସ୍ଥିତ ଥିଲେ।

### ମହିଳା ୱାଶ୍‌ରୁମ୍‌ରେ ସିକ୍ରେଟ୍ କ୍ୟାମେରା

## ଏଫଆଇଆର୍ ଦେଲେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ



ଜଗତସିଂହପୁର,୨୮।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ୱାଶ୍‌ରୁମ୍‌ରୁ ମିଳିଛି ସିକ୍ରେଟ୍ କ୍ୟାମେରା। ତେବେ ଏହି କ୍ୟାମେରା କିଏ ଲଗାଇଥିଲା, ତାହା ଜଣାପଡ଼ି ନ ଥିବା ବେଳେ ଏ ବାବଦରେ ତିର୍ତ୍ତୋଲ ଥାନାରେ ଏତଲା ଦିଆଯାଇଛି। ଏତଲା ପାଇବା ପରେ ସ୍ଥାନୀୟ ପୁଲିସ କ୍ୟାମେରାଟିକୁ ଜବତ କରି ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ କହିଛନ୍ତି ଯେ ସିକ୍ରେଟ କ୍ୟାମେରାଟିକୁ ଜବତ କରାଯାଇଛି। ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଜଗତସିଂହପୁର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ତିର୍ତ୍ତୋଲ ଥାନାରେ ଦେଇଥିବା ଏଫଆଇଆର ଅନୁଯାୟୀ, ଗତ ୨୫ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଜଣେ ମହିଳା କର୍ମଚାରୀ ୱାଶ୍‌ରୁମ୍ ବେସିନ୍‌ରେ ଏକ ସ୍ପାଏ କ୍ୟାମେରା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଏ ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ତେବେ ମହିଳା ୱାଶ୍‌ରୁମ୍‌ରୁ କ୍ୟାମେରା ମିଳିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଏହା ଅଫିସର ଓ ମହିଳା କର୍ମଚାରୀଙ୍କ ଗୋପନୀୟତା ଭଙ୍ଗ କରିଛି ଏବଂ ସେମାନଙ୍କର ସମ୍ମାନହାନୀ ମଧ୍ୟ କରିଛି। ଏହା ମହିଳାଙ୍କ ଉପରେ ଏକ ମାନସିକ ନିର୍ଯାତନା ମଧ୍ୟ। ଏହା ଏକ ବଡ଼ ଅପରାଧ। ତେଣୁ ଦୋଷୀକୁ ବାହାର କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସେ ତାଙ୍କ ଏଫ୍‌ଆଇଆର୍‌ରେ ଦାବି କରିଛନ୍ତି।

## ଚୋରା କାଠ ବୋଝେଇ ମାର୍ଶଲ ଦୁର୍ଘଟଣାଗ୍ରସ୍ତ, ବିପୁଳ କାଠ ଜବତ

ଝାରସୁଗୁଡ଼ା, ୨୮।୫ (ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅନ୍ତର୍ଗତ ଜାତୀୟ ୪୯ ନମ୍ବର ଜାତୀୟ ରାଜପଥର ମାଳିଡିହି ଗ୍ରାମ ନିକଟ ନୂଆଁଡିହି ଅଞ୍ଚଳରେ ଗୁରୁବାର ଭୋର ସମୟରେ ଚୋରା କାଠ ନେଇ ଯାଉଥିବା ଏକ ମାର୍ଶଲ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା କଦମ୍ବ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗାଡ଼ି ଭିତରେ ବହୁ ପରିମାଣର ଚଉକାଠ ଓ କାଠ ପଟା ରହିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କୋଲାବିରା ପୋଲିସ ସହ କୋଲାବିରା ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହ ୧୭ ଖଣ୍ଡ ଚଉକାଠ ଏବଂ ୩ ଖଣ୍ଡ କାଠ ପଟା ଜବତ କରିଛି। ପରେ ଜବତ ଗାଡ଼ି ଓ କାଠକୁ କୋଲାବିରା ବନ ବିଭାଗ କାର୍ଯ୍ୟାଳୟକୁ ଆଣାଯାଇଛି। ସୂଚନା ଅନୁଯାୟୀ, ଗାଡ଼ିଟି କୁଚିଣ୍ଡା ଅଞ୍ଚଳରୁ ଝାରସୁଗୁଡ଼ା ଆଡ଼କୁ ଯାଉଥିଲା। ଗାଡ଼ିର ମାଲିକ କିଏ ଓ କାଠ କେଉଁଠାକୁ ଚାଲାଣ ହେଉଥିଲା ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

### ସୌମ୍ୟ ହତ୍ୟା ମାମଲା

## ଆଉ ଜଣେ ଗିରଫ; ସାଙ୍ଗ ଭୂମିକା ତଦନ୍ତ ପରିସରଭୁକ୍ତ



ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ): ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟା ମାମଲାରେ ଆଜି କ୍ରାଇମ୍ ବ୍ରାଞ୍ଚ୍ ଆଉ ଜଣଙ୍କୁ ଗିରଫ କରିଛି। ସ୍ଥାନୀୟ ପଟିଆ ଅଞ୍ଚଳର ଏକ ହୋଟେଲରୁ ତାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ କଟକ ସଦର ଗଣେଶ୍ୱରଗଡ଼ାର ଅଶୋକ କୁମାର ଜେନା ବୋଲି ଜଣାପଡ଼ିଛି। ପୂର୍ବରୁ ଏହି ମାମଲାରେ ୧୬ ଜଣଙ୍କୁ ପୁଲିସ୍ ଗିରଫ କରିଥିବା ବେଳେ ଏବେ ଏହି ସଂଖ୍ୟା ୧୭ରେ ପହଞ୍ଚିଛି।

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସୌମ୍ୟ ମୃତ୍ୟୁ ମାମଲାରେ ଆହୁରି ୧୦ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଘଟଣାରେ ସମ୍ପୃକ୍ତ କାହାରିକୁ ବି ଛଡ଼ାଯିବ ଯିବନାହିଁ, ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଶ୍ରୀ ଗଙ୍ଗାଧର କହିଛନ୍ତି।

ସେ କହିଛନ୍ତି ଯେ ଆଜି ଧରାପଡ଼ିଥିବା ଅଭିଯୁକ୍ତ ଜଣକ ସୌମ୍ୟଙ୍କ ମୁଣ୍ଡକୁ ପିଟିଥିବାର ପ୍ରମାଣ ମିଳିଛି। ସୌମ୍ୟଙ୍କ ପୋଷ୍ଟମର୍ଟମ ରିପୋର୍ଟରୁ ବ୍ରେନ୍‌ରେ ଆଘାତ ଯୋଗୁ ମୃତ୍ୟୁ ସ୍ପଷ୍ଟ ହୋଇଛି। ଏଥିସହ ସୌମ୍ୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ମଧ୍ୟ ଆଘାତ ଲାଗିଛି। ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ। ଘଟଣା ସହ ଜଡ଼ିତ ଅନ୍ୟ ୧୦ ଜଣ ଅଭିଯୁକ୍ତମାନେ ଫେରାର୍ ଅଛନ୍ତି। କିନ୍ତୁ ସେମାନଙ୍କୁ ଖୁବ୍‌ଶୀଘ୍ର ଖୋଜି ବାହାର କରାଯିବ। ସେହିପରି ଏହି ଘଟଣାରେ ସୌମ୍ୟଙ୍କ ସାଙ୍ଗ ଓମ୍ ପ୍ରକାଶଙ୍କ ଭୂମିକା ମଧ୍ୟ ଏବେ ତଦନ୍ତ ପରିସରଭୁକ୍ତ ରହିଛି। ଯେଉଁ ଯୁବତୀଙ୍କ କଥା ପଦାକୁ ଆସିଛି, ସୌମ୍ୟଙ୍କ ସହ ତାଙ୍କର ପରିଚୟ ନ ଥିଲା। ଅନ୍ୟପକ୍ଷରେ ଭିଡ଼ ହିଂସାର ସ୍ୱତନ୍ତ୍ର ଧାରା ରହିଛି। ପରେ ମଧ୍ୟ ଧାରା ଲଗାଯାଇପାରିବ ବୋଲି ଡିଆଇଜି କହିଛନ୍ତି। ସୂଚନାଯୋଗ୍ୟ ଯେ ଏହି ହତ୍ୟାକାଣ୍ଡ ପରେ ସୌମ୍ୟଙ୍କ ମା' ସାଙ୍ଗ ଭୂମିକାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ସକାଶେ ଦାବି କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସେୟାର ବଜାରରେ ଡୁବିଲା ୧୨.୬ ଲକ୍ଷ କୋଟି




ମୁମ୍ବାଇ, ୨୭।୫: ଅଧିକ ରିଟର୍ଣ୍ଣ ପାଇବା ଆଶାରେ ଭାରତୀୟ ପରିବାରଗୁଡ଼ିକ ଷ୍ଟକ୍ ବଜାରରେ ସେମାନଙ୍କ ସଞ୍ଚୟ ରାଶି ନିବେଶ କରୁଛନ୍ତି। ଏହି ଧାରାରେ ଯୋଡ଼ି ହୋଇଥିବା ଅଧିକାଂଶ ପରିବାର ଚଳିତ ବର୍ଷର ପ୍ରଥମ ତିନି ମାସରେ ବିପୁଳ କ୍ଷତି ସହିଛନ୍ତି। ଷ୍ଟକ୍ ବଜାରରେ ଭାରତୀୟ ପରିବାରଗୁଡ଼ିକ ୧୨.୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଇରାନ ଯୁଦ୍ଧ, ଅଶୋଧିତ ତୈଳର ବର୍ଦ୍ଧିତ ଦର, ଦୁର୍ବଳ ଟଙ୍କା ଓ ଭୂରାଜନୈତିକ ସଙ୍କଟ ପ୍ରଭାବରେ ଭାରତୀୟ ସେୟାର ବଜାର ଯଥେଷ୍ଟ ତଳକୁ ଖସିଛି। ସେଥିପାଇଁ ଭାରତୀୟ ପରିବାରଗୁଡ଼ିକର ଷ୍ଟକ୍ ବଜାର ସମ୍ପତ୍ତି ହ୍ରାସ ପାଇଛି।

ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ରେ ତାଲିକାଭୁକ୍ତ ଥିବା କମ୍ପାନିରେ ଲୋକମାନେ ପ୍ରତ୍ୟକ୍ଷ ଭାବେ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶ ଜରିଆରେ ନିବେଶ କରୁଛନ୍ତି। ଏନ୍ଏସ୍ଇ କମ୍ପାନିଗୁଡ଼ିକରେ ଭାରତୀୟ ପରିବାରର ମାଲିକାନା ୧୩ ପ୍ରତିଶତ ହ୍ରାସ ପାଇ ୭୬.୫ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। କିନ୍ତୁ ଦୀର୍ଘକାଳୀନ ଦୃଷ୍ଟିରେ ଦେଖିଲେ ଷ୍ଟକ୍ ବଜାରରେ ନିବେଶ କରିଥିବା ପରିବାରଗୁଡ଼ିକ କ୍ଷତି ନୁହେଁ, ବରଂ ଲାଭରେ ରହିଛନ୍ତି। ୨୦୨୦ ମାର୍ଚ୍ଚ ପରଠାରୁ ସେମାନେ ନିବେଶ ଉପରେ ବାର୍ଷିକ ୨୯.୬ ପ୍ରତିଶତ ରିଟର୍ଣ୍ଣ ପାଇଛନ୍ତି। କରୋନା ମହାମାରୀ ପରେ ଅଧିକରୁ ଅଧିକ ପରିବାର ଷ୍ଟକ୍ ବଜାରରେ ନିବେଶ କରିଥିଲେ। କିନ୍ତୁ କିଛି ମାସ ହେଲାଣି ପ୍ରତ୍ୟେକ୍ଷ ଭାବେ ଷ୍ଟକ୍ ବଜାରରେ ନିବେଶ କରୁଥିବା ନିବେଶକଙ୍କ ସଂଖ୍ୟା ହ୍ରାସ ପାଉଛି। ଏହାର ଅର୍ଥ ନୁହେଁ ସେମାନେ ସମ୍ପୂର୍ଣ୍ଣ ରୂପେ ଇକ୍ୱିଟି ବଜାରଠାରୁ ଦୂରେଇ ଯାଉଛନ୍ତି। ସେମାନେ ଏସ୍ଆଇପି ଓ ମ୍ୟୁଚୁଆଲ୍ ଫଣ୍ଡ୍ ଜରିଆରେ ପରୋକ୍ଷରେ ନିବେଶ କରୁଛନ୍ତି।

୨୦୨୫-୨୬ରେ ବୈଦେଶିକ ପୋର୍ଟଫୋଲିଓ ନିବେଶକ (ଏଫ୍ପିଓ)ମାନେ ଭାରତୀୟ ଷ୍ଟକ୍ ବଜାରରୁ ୧୯୬୦ କୋଟି ଡଲାର ପ୍ରତ୍ୟାହାର କରିଛନ୍ତି। ଫଳରେ ଏନ୍ଏସ୍ଇ ତାଲିକାଭୁକ୍ତ କମ୍ପାନିଗୁଡ଼ିକରେ ସେମାନଙ୍କ ମାଲିକାନା ୧୭ ବର୍ଷର ସର୍ବନିମ୍ନ ସ୍ତର ୧୫.୮ ପ୍ରତିଶତକୁ ହ୍ରାସ ପାଇଛି। କିନ୍ତୁ ବିଭିନ୍ନ କମ୍ପାନିରେ ମ୍ୟୁଚୁଆଲ ଫଣ୍ଡ୍ର ମାଲିକାନାରେ ୧୧.୪ ପ୍ରତିଶତର ବୃଦ୍ଧି ହୋଇଛି। ମୋଟ ଉପରେ ଏନ୍ଏସ୍ଇ ତାଲିକାଭୁକ୍ତ କମ୍ପାନିଗୁଡ଼ିକରେ ଘରୋଇ ସଂସ୍ଥାଗତ ନିବେଶକମାନଙ୍କ ମାଲିକାନା ୧୯.୬ ପ୍ରତିଶତ ରହିଛି। ବ୍ୟକ୍ତିଗତ ନିବେଶକ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ମାଲିକାନାରେ ରହିଥିବା ଅନ୍ତର ଅନେକାଂଶରେ ଦୂର ହୋଇଛି। ୨୦୧୪ ମାର୍ଚ୍ଚ ବେଳକୁ ସେହି ଅନ୍ତର ୧୧ ପ୍ରତିଶତ ଥିଲା। ଏବେ ତାହା ୨.୯ ପ୍ରତିଶତକୁ ହ୍ରାସ ପାଇଛି।

# ଶସ୍ୟ ବାଟମାରଣା ରୋକିବ 'ସାର୍ଥକ-ପିଡିଏସ୍'ବନ୍ଦ ହେବ

ନୂଆଦିଲ୍ଲୀ, ୨୭।୫: ଗରିବ ଲୋକମାନଙ୍କୁ ଦିଆଯାଉଥିବା ଶସ୍ୟର ବ୍ୟାପକ ବାଟମାରଣା ରୋକିବା ଓ ଯୋଗାଣରେ ପାରଦର୍ଶିତା ଆଣିବା ପାଇଁ କେନ୍ଦ୍ର ସରକାର 'ସାର୍ଥକ-ପିଡିଏସ୍' ଯୋଜନା ଆଣିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଏହାକୁ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ର ଆଧୁନିକୀକରଣ ହେବ।

ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନାକୁ ୨୦୨୬ ଏପ୍ରିଲରୁ ୨୦୩୧ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ। ଏହି ପାଞ୍ଚ ବର୍ଷରେ ସେଥିରେ ୨୫,୫୩୦ କୋଟି ଟଙ୍କା ବ୍ୟୟ କରାଯିବ। ଗରିବ ଲୋକମାନଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇବାରେ ପାରଦର୍ଶିତା ଆଣିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। 'ସାର୍ଥକ-ପିଡିଏସ୍' ଯୋଜନା ଅଧୀନରେ ଭାରତୀୟ ଖାଦ୍ୟ ନିଗମ (ଏଫ୍ସିଆଇ) ଗୋଦାମରୁ ଖାଦ୍ୟଶସ୍ୟକୁ ବିଭିନ୍ନ ଜିଲ୍ଲା ଓ ଉଚିତ୍ ମୂଲ୍ୟ ଦୋକାନ ପର୍ଯ୍ୟନ୍ତ ପରିବହନ କରିବାରେ ହେଉଥିବା ଖର୍ଚ୍ଚ ପାଇଁ ରାଜ୍ୟମାନଙ୍କୁ ସହାୟତା ଦିଆଯିବ। ଫଳରେ ରାଜ୍ୟମାନଙ୍କ ଆର୍ଥିକ ବୋଝ କମ୍ ହେବ। ଏହି ଯୋଜନାରେ ନିର୍ମଳା, ଆଶା ଓ ସକ୍ଷମ ନାମରେ ତିନିଟି ପ୍ରଯୁକ୍ତି ଆଧାରିତ ପଦକ୍ଷେପ ମଧ ରହିଛି। 'ନିର୍ମଳ' ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରି ହିତାଧିକାରୀମାନଙ୍କ ଏକ ରେଜିଷ୍ଟ୍ରି ପ୍ରସ୍ତୁତ କରାଯିବ। ଏହା ଜରିଆରେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଶସ୍ୟ ପହଞ୍ଚାଇବା ଓ ବାଟମାରଣା ବନ୍ଦ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

'ଆଶା' ଅଧୀନରେ ହିତାଧିକାରୀମାନଙ୍କ ମତାମତ ସଂଗ୍ରହ କରାଯିବ। 'ସକ୍ଷମ' ଅଧୀନରେ ଶସ୍ୟ ଯୋଗାଣ ପ୍ରକ୍ରିୟାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବ୍ୟବସ୍ଥାକୁ ଡିଜିଟାଇଜ୍ କରାଯିବ। ପ୍ରତି ଶସ୍ୟ ବ୍ୟାଗ୍ରେ କ୍ୟୁଆର୍ କୋଡ୍ ଏବଂ ପରିବହନ କରୁଥିବା ଗାଡ଼ିରେ ଜିପିଏସ୍ ରହିବ। ଶସ୍ୟ ପରିବହନ ଉପରେ ନଜର ରଖିବା ପାଇଁ ଉତ୍ସର୍ଗୀକୃତ ଡିଜିଟାଲ୍ ଡ୍ୟାସ୍‌ବୋର୍ଡ ବିକାଶ କରାଯିବ। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦ କୋଟି ଲୋକଙ୍କ ପାଖରେ ଶସ୍ୟ ପହଞ୍ଚାଉଛନ୍ତି। ବିଭିନ୍ନ ରାଜ୍ୟ ମଧ ଭିନ୍ନ ଭିନ୍ନ ଶସ୍ୟ ଯୋଜନା ଲାଗୁ କରିଛନ୍ତି। ସେହି ସବୁ ଯୋଜନାର ହିତାଧିକାରୀମାନେ ସାର୍ଥକ-ପିଡିଏସ୍ ଦ୍ୱାରା ଉପକୃତ ହେବେ। ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପରେ ଶସ୍ୟ ଯୋଗାଣରେ କେଉଁଠାରେ ବିଳମ୍ବ ହେଉଛି ତାହାକୁ କର୍ତ୍ତୃପକ୍ଷ ଜାଣିପାରିବେ ଓ ସୁଧାର ପାଇଁ ପଦକ୍ଷେପ ନେଇପାରିବେ।



# ଆହୁରି ମହଙ୍ଗା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

ନୂଆଦିଲ୍ଲୀ, ୨୭।୫: ଆଗାମୀ ଦିନରେ ଦୈନନ୍ଦିନ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ (କଞ୍ଜ୍ୟୁମର ପ୍ରୋଡକ୍ଟସ୍) ମହଙ୍ଗା ହୋଇପାରେ। ସିଷ୍ଟମାଟିକ୍ସ ରିସର୍ଚ୍ଚର ରିପୋର୍ଟ ଅନୁଯାୟୀ, କଞ୍ଚାମାଲର ବଢ଼ୁଥିବା ଦର କାରଣରୁ କମ୍ପାନୀଗୁଡ଼ିକ କ୍ରମାଗତ ଭାବେ ମୁଦ୍ରାସ୍ଫୀତି ଚାପରେ ଅଛନ୍ତି। ଫଳରେ ସେମାନେ ନିଜ ଉତ୍ପାଦର ଦାମ୍ ବୃଦ୍ଧି କରିବାକୁ ବାଧ୍ୟ ହୋଇପାରନ୍ତି। ବିଗତ ଦୁଇ ମାସ ମଧ୍ୟରେ ୩ ରୁ ୭% ପର୍ଯ୍ୟନ୍ତ ବଢ଼ିଲାଣି ଦାମ୍: ରିପୋର୍ଟରେ ଦର୍ଶାଯାଇଛି ଯେ, ବିଭିନ୍ନ ବର୍ଗର କମ୍ପାନୀଗୁଡ଼ିକ ଗତ ଏକରୁ ଦୁଇ ମାସ ମଧ୍ୟରେ ହିଁ ସେମାନଙ୍କ ଉତ୍ପାଦର ଦାମ୍ ହାରାହାରି ୩% ରୁ ୭% ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି କମ୍ପାନୀଗୁଡ଼ିକର କଞ୍ଚାମାଲ୍ ବାସ୍କେଟ୍‌ର ଖର୍ଚ୍ଚ ହାରାହାରି ପ୍ରାୟ ୧୦% ବୃଦ୍ଧି ପାଇଛି। ରିଟେଲ୍ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୩.୪୮% ରେ ପହଞ୍ଚିଲା: ଏପ୍ରିଲ ମାସର ଖୁଚୁରା ବା ରିଟେଲ୍ ମୁଦ୍ରାସ୍ଫୀତି ୩.୪୮% କୁ ବୃଦ୍ଧି ପାଇଛି। ଏହାପୂର୍ବରୁ ମାର୍ଚ୍ଚ ମାସରେ ଏହା ୩.୪୦% ଥିଲା। ମୁଦ୍ରାସ୍ଫୀତି ବଢ଼ିବାର ସବୁଠାରୁ ବଡ଼ କାରଣ ହେଉଛି ଖାଦ୍ୟପେୟ ସାମଗ୍ରୀର ଦାମ୍ ବୃଦ୍ଧି ପାଇବା। ଖାଦ୍ୟ ମୁଦ୍ରାସ୍ଫୀତି (ଫୁଡ୍ ଇନ୍‌ଫ୍ଲେସନ୍) ଏପ୍ରିଲରେ ବଢ଼ିଯାଇ ୪.୨୦% ରେ ପହଞ୍ଚିଛି। ମାର୍ଚ୍ଚ ମାସରେ ଏହି ଆକଳନ ୩.୮୭% ଥିଲା।

କମ୍ପାନୀଗୁଡ଼ିକ ଦାମ୍ ବଢ଼ାଇବା ସହ କମାଇ ପାରନ୍ତି ଓଜନ: ଇନପୁଟ୍ ଖର୍ଚ୍ଚରେ ହୋଇଥିବା ଏହି ବୃଦ୍ଧିର ଭରଣା କରିବା ପାଇଁ କମ୍ପାନୀଗୁଡ଼ିକ କେବଳ ଦାମ୍ ବଢ଼ାଇବେ ନାହିଁ ବରଂ 'ଗ୍ରାମେଜ୍ କଟ୍' ଅର୍ଥାତ୍ ପ୍ୟାକେଟର ଓଜନ ହ୍ରାସ କରିବାର ଉପାୟ ମଧ୍ୟ ଆପଣେଇ ପାରନ୍ତି। ପାମ୍ ଅଏଲ୍, କ୍ରୁଡ୍ ଏବଂ ପ୍ୟାକେଜିଂ ଖର୍ଚ୍ଚ ବୃଦ୍ଧି: ରିପୋର୍ଟ ଅନୁଯାୟୀ, କେତେକ ନିର୍ଦ୍ଦିଷ୍ଟ ବିଭାଗରେ ଖର୍ଚ୍ଚ ଅତି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସେଗୁଡ଼ିକ ହେଲା- ପ୍ୟାକେଜିଂ ସାମଗ୍ରୀ (**HDPE**): ଶାମ୍ପୁ ବୋତଲ, ଡିଟରଜେଣ୍ଟ କଣ୍ଟେନର ଏବଂ ଫ୍ଲେକ୍ସିବଲ୍ ପ୍ୟାକେଜିଂରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ (**HDPE**) ର ଦାମ୍ ୫୬% ପର୍ଯ୍ୟନ୍ତ ବଢ଼ିଯାଇଛି।

କ୍ରୁଡ୍ ଏବଂ ପାମ୍ ଅଏଲ୍: ପଶ୍ଚିମ ଏସିଆରେ ଲାଗି ରହିଥିବା ତିକ୍ତତା ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ଅଶୋଧିତ ତୈଳ) ର ଦାମ୍ ୩୨% ପର୍ଯ୍ୟନ୍ତ ଉପରକୁ ଉଠିଛି। ସେହିପରି ପାମ୍ ଅଏଲ୍ ଦାମ୍ ମଧ୍ୟ ୧୧% ବୃଦ୍ଧି ପାଇଛି। କଞ୍ଚାମାଲର ଏହି ମହଙ୍ଗା ମାଡ଼ର ପ୍ରଭାବ ମାର୍ଚ୍ଚ ତ୍ରୈମାସିକ (**Q4FY26**) ରେ ହିଁ ଦେଖାଯିବା ଆରମ୍ଭ ହୋଇଥିଲା, ଯେତେବେଳେ ବଡ଼ ବଡ଼ କମ୍ପାନୀଗୁଡ଼ିକର ଗ୍ରସ୍ ମାର୍ଜିନ୍ ହ୍ରାସ ପାଇଥିଲା। ବାର୍ଷିକ ଆଧାରରେ ଏହା ୦.୫୦% କମିଛି। ବର୍ତ୍ତମାନର ଏହି ମୁଦ୍ରାସ୍ଫୀତିର ସବୁଠାରୁ ବଡ଼ ପ୍ରଭାବ ଆର୍ଥିକ ବର୍ଷ ୨୦୨୭ ର ପ୍ରଥମାର୍ଦ୍ଧ (**H1FY27**) ରେ ଦେଖାଯିବ। ବର୍ତ୍ତମାନର ଖର୍ଚ୍ଚ ବୃଦ୍ଧିର ଭରଣା କରିବା ପାଇଁ କମ୍ପାନୀଗୁଡ଼ିକ ସେମାନଙ୍କ ସାମଗ୍ରୀର ଦାମ୍ ବଢ଼ାଉଛନ୍ତି। କିନ୍ତୁ ମୁଦ୍ରାସ୍ଫୀତି ଏତେ ଅଧିକ ରହିଛି ଯେ ୨୦୨୬-୨୭ ବର୍ଷରେ କମ୍ପାନୀଗୁଡ଼ିକର ମୋଟ ଲାଭ ପ୍ରତିଶତ (ମାର୍ଜିନ୍) କମ୍ ରହିବାର ଆଶଙ୍କା ଲାଗିରହିଛି। ଆୟ ବଢ଼ିବ କିନ୍ତୁ ବ୍ୟବହାର ଘଟିବା ଆଶଙ୍କା: ରିପୋର୍ଟରେ ଏହି ଚେତାବନୀ ମଧ୍ୟ ଦିଆଯାଇଛି ଯେ, ବଢ଼ୁଥିବା ରିଟେଲ୍ ମୁଦ୍ରାସ୍ଫୀତି କାରଣରୁ ଆଗାମୀ ମାସଗୁଡ଼ିକରେ କଞ୍ଜମ୍ପସନ୍ ଭଲ୍ୟୁମ୍ (ସାମଗ୍ରୀର ମୋଟ ଖର୍ଚ୍ଚ ବା ବିକ୍ରି) ଉପରେ ଖରାପ ପ୍ରଭାବ ପଡ଼ିପାରେ।



# ଫେସ୍‌ବୁକ୍, ଇନ୍‌ଷ୍ଟା, ହ୍ୱାଟସ୍‌ଆପ୍ ପାଇଁ ପେଡ୍ ସବ୍‌ସ୍କ୍ରିପ୍‌ସନ୍

ନୂଆଦିଲ୍ଲୀ, ୨୭।୫: ମାର୍କ ଜକରବର୍ଗଙ୍କ ସଂସ୍ଥା ମେଟା ଏହାର ତିନି ପ୍ରମୁଖ ସୋସିଆଲ୍ ମିଡିଆ ଫେସବୁକ୍, ଇନଷ୍ଟାଗ୍ରାମ୍ ଓ ହ୍ୱାଟସ୍ଆପ୍ ପାଇଁ ପେଡ୍ ଭର୍ସନର ପରୀକ୍ଷଣ ଆରମ୍ଭ କରିଛି। ଯେଉଁମାନେ ପେଡ୍ ସବ୍‌ସ୍କ୍ରିପ୍‌ସନ ଗ୍ରହଣ କରିବେ ସେମାନଙ୍କୁ କିଛିଟା ପ୍ରିମିୟମ୍ ସେବା ମିଳିବ। ବିଶେଷ କରି କ୍ରିଏଟର, ବ୍ୟବସାୟ ପ୍ରତିଷ୍ଠାନ ଓ ମେଟା ଏଆଇ ବ୍ୟବହାରକାରୀଙ୍କୁ ନଜରରେ ରଖି କମ୍ପାନି ଏହି ସେବା ଆରମ୍ଭ କରିଛି। କେବଳ ବିଜ୍ଞାପନ ରାଜସ୍ୱ ଉପରେ ନିର୍ଭରଶୀଳ ନ ରହି ପ୍ରିମିୟମ ଟୁଲ୍ ଓ ଏଆଇ ସେବାରୁ କିଭଳି ରୋଜଗାର କରିହେବ ତାହା ଉପରେ କମ୍ପାନି ଗୁରୁତ୍ୱ ଦେଉଛି। ପ୍ରିମିୟମ ସେବା ପାଇଁ 'ମେଟା ପ୍ଲସ୍' ସବ୍‌ସ୍କ୍ରିପ୍‌ସନ୍ ଆରମ୍ଭ କରାଯିବ।

ଇନଷ୍ଟାଗ୍ରାମ୍ ପ୍ଲସ୍ ପାଇଁ ମାସକୁ ୩.୯୯ ଡଲାର, ଫେସ୍‌ବୁକ୍ ପ୍ଲସ୍ ପାଇଁ ମାସକୁ ୩.୯୯ ଡଲାର ଓ ହ୍ୱାଟସ୍ଆପ୍ ପ୍ଲସ୍ ପାଇଁ ମାସକୁ ୨.୯୯ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ। ଏହି ସବ୍‌ସ୍କ୍ରିପ୍‌ସନ୍ ନେବା ପରେ ବ୍ୟବହାରକାରୀମାନଙ୍କୁ ଆପ୍‌ରେ ଅନେକ ଅତ୍ୟାଧୁନିକ ଟୁଲ୍ ମିଳିବ। ମେଟା ପକ୍ଷରୁ ୟୁରୋପ ଓ ମେକ୍ସିକୋରେ କିଛି ନିର୍ଦ୍ଦିଷ୍ଟ ଆଣ୍ଡ୍ରଏଡ୍ ଓ ଆଇଫୋନ୍ ଗ୍ରାହକଙ୍କୁ ନେଇ ହ୍ୱାଟସ୍ଆପ୍ ପ୍ଲସ୍‌ର ପରୀକ୍ଷଣ ଆରମ୍ଭ କରାଯାଇଛି। ଇନଷ୍ଟାଗ୍ରାମ୍ ପ୍ଲସ୍‌ରେ କ୍ରିଏଟର୍‌ମାନଙ୍କ ପାଇଁ ଅନେକ ନୂଆ ଟୁଲ୍ ରହିଛି। ଗତ ମାର୍ଚ୍ଚରେ ମେକ୍ସିକୋ,




ଜାପାନ ଓ ଫିଲିପାଇନ୍ସରେ କମ୍ପାନି ଏହାର ପରୀକ୍ଷଣ କରିଥିଲା। ଏଥିରେ ଷ୍ଟୋରି ଦେଖିବା, ଷ୍ଟୋରିକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା, ନିର୍ଦ୍ଦିଷ୍ଟ ଲୋକଙ୍କ ତାଲିକା ଭଳି ସୁବିଧା ରହିଛି। ଇନଷ୍ଟାଗ୍ରାମ୍ ପ୍ଲସ୍ ଭଳି ଫେସ୍‌ବୁକ୍ ପ୍ଲସ୍‌ରେ ମଧ୍ୟ ସମାନ ଧରଣର ସୁବିଧା ମିଳିବ। ସାର୍ବଜନୀନ ପ୍ରୋଫାଇଲ୍, ପେଜ୍ ଓ କ୍ରିଏଟର ଆକାଉଣ୍ଟ୍‌ଗୁଡ଼ିକୁ ନଜରରେ ରଖି ଫେସ୍‌ବୁକ୍ ପ୍ଲସ୍ ଆରମ୍ଭ କରାଯିବ।

ମେଟାର ଏହି ପ୍ଲସ୍ ସବ୍‌ସ୍କ୍ରିପ୍‌ସନ୍ ସମ୍ପର୍କରେ ଯଦିଓ ତଥ୍ୟ ସାମନାକୁ ଆସିଛି, କିନ୍ତୁ ତାହା କେବେ କାର୍ଯ୍ୟକାରୀ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ପ୍ଲସ୍ ସବ୍‌ସ୍କ୍ରିପ୍‌ସନ୍ ନେବା ପରେ ମେଟା ଭେରିଫାଏଡ୍‌ରେ କୌଣସି ପରିବର୍ତ୍ତନ ଘଟିବ ନାହିଁ। ଭେରିଫାଏଡ୍ ଆକାଉଣ୍ଟ୍ ପାଇଁ ଯେଉଁ ଅତିରିକ୍ତ ସୁବିଧା ମିଳୁଥିବା ତାହା ଜାରି ରହିବ। ମେଟା ପକ୍ଷରୁ ସବୁ ପ୍ରକାର ଆକାଉଣ୍ଟର ସବ୍‌ସ୍କ୍ରିପ୍‌ସନ୍‌କୁ ଗୋଟିଏ ଜାଗାରୁ ପରିଚାଳନା କରିବା ପାଇଁ 'ମେଟା ୱାନ'ର ପରୀକ୍ଷଣ କରାଯାଉଛି। ମେଟା ୱାନ ପ୍ଲସ୍ ପାଇଁ ମାସିକ ୭.୯୯ ଡଲାର ଓ ମେଟା ୱାନ୍ ପ୍ରିମିୟମ୍ ପାଇଁ ୧୯.୯୯ ଡଲାର ଦେବାକୁ ପଡ଼ିବ। ତେବେ ମେଟା ଏଆଇ ସମସ୍ତ ବ୍ୟବହାରକାରୀଙ୍କ ପାଇଁ ମାଗଣା ରହିବ। ଆଗାମୀ ଦିନରେ ସିଙ୍ଗାପୁର, ଗୁଏଟମାଲା ଓ ବଲଭିଆରେ କମ୍ପାନି ଏହାର ନୂଆ ଏଆଇ ସବ୍‌ସ୍କ୍ରିପ୍‌ସନ୍‌ର ପରୀକ୍ଷଣ ଆରମ୍ଭ କରିବ।

# ଆମେରିକା ଡଲାର ତୁଳନାରେ ୧୨ ପଇସା ମଜଭୁତ ହେଲା ଟଙ୍କା



ମୁମ୍ବାଇ: ଭାରତୀୟ ଟଙ୍କା ବୁଧବାର ଆମେରିକୀୟ ଡଲାର ତୁଳନାରେ ୧୨ ପଇସା ବୃଦ୍ଧି ସହିତ ୯୫.୫୮ ସ୍ତରରେ ବନ୍ଦ ହୋଇଛି। ନିବେଶକ ଏବେ ସତର୍କତା ଅବଲମ୍ବନ କରୁଥିବାରୁ ଟଙ୍କାକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତେବେ ବୈଦେଶିକ ମୁଦ୍ରା ବ୍ୟବସାୟୀ କହିଛନ୍ତି ଯେ ଏବେ ସମସ୍ତଙ୍କ ଧ୍ୟାନ ୩ରୁ ୫ ଜୁନ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ)ଙ୍କ ମୁଦ୍ରାନୀତି ସମୀକ୍ଷା ଉପରେ ରହିଛି। ବୁଧବାର କାରବାର ଆରମ୍ଭରେ ଇଣ୍ଟରବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଟଙ୍କା ଆମେରିକା ମୁଦ୍ରା ତୁଳନାରେ ୯୫.୬୦ ପଇସାରେ ଖୋଲିଥିଲା। କାରବାର କାଳରେ ଟଙ୍କା ଡଲାର ତୁଳନାରେ ୯୫.୭୯ର ସର୍ବ କାଳୀନ ନିମନ୍ନ ସ୍ତରକୁ ମଧ୍ୟ ପହଞ୍ଚିଥିଲା।

ତେବେ ଶେଷରେ ଟଙ୍କା ୯୫.୫୮ ସ୍ତରରେ ବନ୍ଦ ହୋଇଛି, ଯାହା ପିଛିଲା କ୍ଲୋଜିଂ ପ୍ରାଇସ ଠାରୁ ୧୨ ପଇସା ଅଧିକ। ତେବେ ଏହା ପୂର୍ବରୁ ଟଙ୍କା ମଙ୍ଗଳ ବାର ୪୪ ପଇସା ଦୁର୍ବଳ ହୋଇ ଅମେରିକା ଡଲାର ତୁଳନାରେ ୯୫.୭୦ରେ ବନ୍ଦ ହୋଇଥିଲା। ମିରାଏ ଆସେଟ ସେୟାରଖାନର ବିଶ୍ଳେଷକ ଅନୁଜ ଚୌଧୁରୀ କହିଛନ୍ତି ଯେ ଆମ ଅନୁମାନ ଅନୁସାରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ବଢ଼ିଥିବା ଉତ୍ତେଜନା ଓ ପଶ୍ଚିମ ଏସିୟାରେ ସାମରିକ କାର୍ଯ୍ୟାନୁଷ୍ଠାନ ଚିନ୍ତା କାରଣରୁ ଟଙ୍କା ନକରାତ୍ମକ ଆଭିମୁଖ୍ୟରେ କାରବାର କରିବ। ସେ କହିଛନ୍ତି ଯେ ଯଦିଓ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ସର୍ବ ନିମ୍ନ ସ୍ତରରେ ଟଙ୍କାକୁ ସାହାରା ଦେଉଛି ତଥାପି ଡଲାର-ଟଙ୍କାର ହାଜିର ଦର ୯୫.୫୦କୁ ୯୬.୧୦ ପଇସା ମଧ୍ୟରେ କାରବାର କରିବାର ଅନୁମାନ କରାଯାଉଛି।

ବିଶ୍ୱର ୬ ପ୍ରମୁଖ ପ୍ରତିଯୋଗୀ ମୁଦ୍ରା ତୁଳନାର ଡଲାରର ମଜଭୁତି ମୂଲ୍ୟାୟନ କରୁଥିବା ଡଲାର ଇଣ୍ଡେକ୍ସ ୦୧.୧୦% ହ୍ରାସ ସହିତ ୯୯.୦୭କୁ ଖସି ଆସିଛି। ଏଥିରେ ବୈଶ୍ୱିକ ଅଶୋଧିତ ତୈଳ ମାନକ ବ୍ରେଣ୍ଟ କ୍ରୁଡ ମୂଲ୍ୟ ୩.୦୨% ହ୍ରାସ ସହିତ ପ୍ରତି ବ୍ୟାରଲ ୯୬.୫୭ଡଲାରରେ କାରବାର କରୁଛି। ସେପଟେ ଘରୋଇ ସେୟାର ବଜାରରେ ସେନସେକ୍ସ ୧୪୧.୯୦ ପଏଣ୍ଟ ହ୍ରାସ ହୋଇ ୭୫,୮୬୭.୮୦ରେ ବନ୍ଦ ହୋଇଛି। ସେହିପରି ନିଫ୍ଟି ୬.୫୫ ପଏଣ୍ଟର ମାମୁଲି ହ୍ରାସ ସହ ୨୩,୯୦୭.୧୫ ସ୍ତରରେ ରହିଛି। ସେୟାର ବଜାର ତଥ୍ୟଅନୁସାରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫଆଇଆଇ) ବଜାରରେ ଏବେ ବିକ୍ରି ଆରମ୍ଭ କରିଛନ୍ତି । ଏଥିରେ ସେମାନେ ବୁଧବାର ବଜାରରୁ ୧,୦୪୨.୭୦ କୋଟି ଟଙ୍କା କାଢ଼ି ନେଇଛନ୍ତି।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# କୁରୁମ ବୌଦ୍ଧ ପୀଠର ହେବ ବିକାଶ

**କାକଟପୁର/ଅସ୍ତରଙ୍ଗ,୨୮।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧୀନ କୁରୁଜଙ୍ଗ ପଂଚାୟତ ରେ ଅଷ୍ଟମ ଶତାବ୍ଦିର ପ୍ରାଚୀନ କଳିଙ୍ଗର ଐତିହକୁ ବହନ କରୁଥିବା ଐତିହାସିକ କୁରୁମବୌଦ୍ଧ ପୀଠର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩ଲକ୍ଷ ୩୨ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହା ସହ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିବାରୁ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା କୁରୁମ ବୌଦ୍ଧ ପୀଠର ବିକାଶ ପାଇଁ କୁରୁଜଙ୍ଗ ପଂଚାୟତ ବିକାଶ ମଞ୍ଚ ଗତ ୨ ବର୍ଷ ଧରି ଲଗାତାର ସ୍ୱର ଉଠାଇ ଆସୁଥିଲା। ମଞ୍ଚର ଆବାହକ ଦୁର୍ଗା ପ୍ରସାଦ ମହାପାତ୍ର ୨୦୨୪ରୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ନିକଟରେ ବାରମ୍ବାର ଦାବୀପତ୍ର ପ୍ରଦାନ କରି ଏହି ଐତିହ୍ୟର ସୁରକ୍ଷା ଓ ବିକାଶ ନେଇ ଦାବୀ ଜଣାଇଥିଲେ। ଶେଷରେ ମଞ୍ଚର ନିରନ୍ତର ଆନ୍ଦୋଳନ,



ସ୍ଥାନୀୟ ଲୋକଙ୍କ ଆବେଗ ଓ ସେବାୟତଙ୍କ ଦାବୀର ପ୍ରତିଫଳନ ସ୍ୱରୂପ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହେବା ସହ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମାପ୍ତ ହୋଇଛି।

କାକଟପୁର ବ୍ଲକ ଅଧୀନରେ ଥିବା କୁରୁମ ବୌଦ୍ଧ ପୀଠ କେବଳ ଏକ ପୁରାତନ ସ୍ଥାପତ୍ୟ ନୁହେଁ, ଏହା କଳିଙ୍ଗର ଆଧାତ୍ମିକ ଐତିହ୍ୟର ଏକ ଜୀବନ୍ତ ଅଧ୍ୟାୟ। ଇତିହାସ କହେ, ପ୍ରାଚୀନ କାଳରେ ଏଠାରେ ବୌଦ୍ଧ, ପ୍ରାଚୀନ କାଳରେ ଏଠାରେ ବୌଦ୍ଧ ଭିକ୍ଷୁ ଓ ସନ୍ୟାସୀ ଧ୍ୟାନ, ତପସ୍ୟା ଓ ଧର୍ମ ପ୍ରଚାର କରୁଥିଲେ। ମାଟି ତଳୁ ମିଳିଥିବା ପ୍ରାଚୀନ ବୁଦ୍ଧ ମୂର୍ତ୍ତି, ପଥର ଖଣ୍ଡ ଏହାର ଗୌରବମୟ ଅତୀତର ନିରବ ପରିଚୟ ବହନ କରୁଛି।

**ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩.୩୨ ଲକ୍ଷ ମଞ୍ଜୁର**

**ବିକାଶ ମଞ୍ଚ ତରଫରୁ ହୋଇଥିଲା ଆବେଦନ**

ଲୋକକଥା ଓ କିମ୍ବଦନ୍ତୀ ଅନୁସାରେ, କୁରୁମର ପବିତ୍ର ଭୂମିରେ ଅନେକ ସିଦ୍ଧ ସନ୍ୟାସୀ ସାଧନା କରି ଆଧାତ୍ମିକ ସିଦ୍ଧି ଲାଭ କରିଥିଲେ। ସେହି ପରମ୍ପରା ଆଜି ମଧ୍ୟ ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ଭାବନାରେ ଜୀବନ୍ତ ରହିଛି। ବିଶେଷ କରି ବର୍ଷ ବର୍ଷ ଧରି ସରକାରୀ ସହାୟତା ବିନା ଏହି ପୀଠର ଦାୟିତ୍ୱ ନେଇ ରକ୍ଷଣାବେକ୍ଷଣ କରୁଥିବା ସ୍ଥାନୀୟ ସେବାୟତଙ୍କ ଅବଦାନ ଅତୁଳନୀୟ। ନିଜର ସୀମିତ ସମ୍ବଳ ଭିତରେ ସେମାନେ ଏହି ପବିତ୍ର ପୀଠର ପରମ୍ପରାକୁ ବଞ୍ଚାଇ ରଖିଛନ୍ତି।

ଐତିହାସିକ କୁରୁମ ବୌଦ୍ଧ ପୀଠର ବିକାଶ ସହ ସେବାୟତ ମାନଙ୍କ ଜୀବନ ଓ ଜୀବିକାର ସୁରକ୍ଷା ହେଲେ ଏହି ପବିତ୍ର ସ୍ଥଳୀ ଭବିଷ୍ୟତରେ ରାଜ୍ୟର ଏକ ପ୍ରମୁଖ ଐତିହ୍ୟ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ନୂଆ ପରିଚୟ ସୃଷ୍ଟି କରିପାରିବ।

## ବିବାହିତା ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ



**କୋରାପୁଟ,୨୮।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ବଡସରପଲ୍ଲୀ ଗ୍ରାମରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହା ଆତ୍ମହତ୍ୟା ନା ପୂର୍ବପରିକଳ୍ପିତ ହତ୍ୟା, ତାହା ଏବେ ସନ୍ଦେହ ଉଠୁଥିବା ବେଳେ ବନ୍ଧୁଗାଁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଗତବର୍ଷ ଗ୍ରାମର ଜଣେ ବିବାହିତ ପୁରୁଷ ଏହି ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିଥିବା ଅଭିଯୋଗ ହୋଇଥିଲା। ବିବାହ ସମୟରେ ପ୍ରଶାସନ ପକ୍ଷରୁ ସିଡିପିଓ ଗାଁକୁ ପହଞ୍ଚି ବାଲ୍ୟ ବିବାହକୁ ରୋକିବା ସହ ନାବାଳିକା ୧୮ ବର୍ଷ ପୂର୍ଣ୍ଣ ନହେଉଣୁ ବିବାହ ଅବୈଧ ବୋଲି ସତର୍କ କରିଥିଲେ। କିନ୍ତୁ ପ୍ରଶାସନର ନିର୍ଦ୍ଦେଶକୁ ଅବହେଳା କରି ସେହି ବିବାହିତ ପୁରୁଷ ନାବାଳିକାଙ୍କୁ ନେଇ ଅନ୍ୟତ୍ର ରହୁଥିବା ଜଣାପଡ଼ିଛି।

ଗତକାଲି ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ହେବା ପରେ ହଠାତ୍ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଅଧିକ ସନ୍ଦେହଜନକ କରିଛି ପରବର୍ତ୍ତୀ ପରିସ୍ଥିତି। ଅଭିଯୋଗ ଅନୁସାରେ, ପୁଅ ଘର ଲୋକେ ତରବରିଆ ଭାବେ ନାବାଳିକାଙ୍କ ଶବକୁ ଶ୍ମଶାନରେ ପୋଡ଼ିଦେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଖବର ପାଇ ବନ୍ଧୁଗାଁ ପୁଲିସ ଶ୍ମଶାନରେ ପହଞ୍ଚିବା ପରେ ଗ୍ରାମବାସୀ ଛତ୍ରଭଙ୍ଗ ହେଇଥିବା ଜଣାପଡ଼ିଛି। ବର୍ତ୍ତମାନ ସେହି ଗ୍ରାମର ପୁରୁଷ ମାନେ ଫେରାର ରହିଥିବା ବେଳେ ପୋଲିସ ଘଟଣାର ପ୍ରତ୍ୟେକ ପ୍ରସଙ୍ଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛି। ମୃତ ନାବାଳିକାଙ୍କ ପରିବାର ଝିଅର ମୃତ୍ୟୁର ପଛର ସତ୍ୟକୁ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବି କରିଛନ୍ତି।

## କାର ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ, ମାଫିଆ ଗିରଫ



**ଫୁଲବାଣୀ,୨୮।୫ (ସଂଚାର ବ୍ୟୁରୋ):** କନ୍ଧମାଳରୁ ରାଜଧାନୀ ଭୁବନେଶ୍ୱର କୁ ଗଞ୍ଜେଇ ଚୋରଚାଲାଣ ବେଳେ ଖବରପାଇ ମାଡ଼ିବସିଲା ପୋଲିସ କାର ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ ହେବା ସହ ଜଣେ ଆନ୍ତ ଜିଲ୍ଲା ପେସାଦାର ଗଂଜେଇ ମାଫିଆ କୁ ଗିରଫ କରିଛି ଗୋଛାପଡା ପୋଲିସ ତେବେ ଜିଲ୍ଲାରେ ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ପୋଲିସ ଓ ଅବକାରୀ ବିଭାଗ ର ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିଲେ ମଧ୍ୟ ଜିଲ୍ଲାରୁ ଗଞ୍ଜେଇ କାରବାର ଥମିବାର ନା ଧରୁନି ବିଶେଷ କରି ଜିଲ୍ଲାର ଫିରିଙ୍ଗିଆ ଓ ଗୋଛାପଡା ଥାନା ଅଂଚଳରେ ପୋଲିସ କୁ ଚ୍ୟାଲେଞ୍ଜ କରି ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରିଛନ୍ତି ଗଞ୍ଜେଇ ମାଫିଆ ମାନେ ତେବେ ଏକ କାର ରେ ଗଞ୍ଜେଇ ଚାଲାଣ ହେଉଥିବା ଗୋଛାପଡା ପୋଲିସକୁ କୌଣସି ଏକ ବିଶେଷ ସୂତ୍ର ରୁ ଖବର ମିଳିଥିଲା।

ଖବର ପାଇ ଗୋଛାପଡା ଥାନା ଅଧିକାରୀ ସଂଜିତ ବେହେରା ଙ୍କ ନେତୃତ୍ୱ ରେ ଏକ ଟିମ ଗୋଛାପଡା ଫୁଲବାଣୀ ମୁଖ୍ୟ ରାସ୍ତାର ଡେରାକୁମ୍ପା ଛକ ନିକଟରେ ଗଞ୍ଜେଇ ଭର୍ତି କାର ଟିକୁ ଧରିବାରେ ପୋଲିସ ସଫଳ ହୋଇଥିବା ବେଳେ ଉକ୍ତ କାର ରୁ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ଜଣେ ଆନ୍ତ ଜିଲ୍ଲା ଗଞ୍ଜେଇ ମାଫିଆ କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି ତେବେ ଗିରଫ ମାଫିଆ ଜଣକ ପୁରି ଜିଲ୍ଲା ନିମାପଡା ଗୋପ ଅଂଚଳର ଧନଞ୍ଜୟ ମହାନ୍ତି ବୋଲି ଜଣାପଡିଥିବା ବେଳେ ସେ ଜଣେ ପେସାଦାର ଗଞ୍ଜେଇ ମାଫିଆ ଓ ତା ନାଁରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ଗଞ୍ଜେଇ ମାମଲା ରହିଥିବା ପୋଲିସ ର ପ୍ରାଥମିକ ତଦନ୍ତ ରୁ ଜଣା ପଡିଛି ସେପଟେ ଏହି ଘଟଣାରେ ଗୋଛାପଡା ଥାନାରେ ୮୫/୨୦୨୬ ରେ ଏକ ମାମଲା ରୁଜୁ କରି ଜବତ କାର ଓ ଗଞ୍ଜେଇ କୁ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି ଙ୍କ ଆରେଇ ମିଥୁନ ଦିଗାଲ ଉପସ୍ଥିତିରେ ଓଜନ କରାଯାଇ ଭିଡିଓ ଗ୍ରାଫି କରି ଅଭିଯୁକ୍ତ ଗଞ୍ଜେଇ ମାଫିଆ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ସଂଜିତ କୁମାର ବେହେରା

## ବିଜେପି ନେତ୍ରୀଙ୍କ ପିତୃ ବିୟୋଗ



**କେନ୍ଦ୍ରାପଡ଼ା, ୨୮।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ପିତା ପର୍ଶୁରାମ ପାତ୍ରଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ବିଜେପି ନେତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହି ଶେଷ ଦର୍ଶନ କରିଥିଲେ।

ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ଝିଅ ବିଜେପି ନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନା, ଜ୍ୱାଇଁ ସମାଜସେବୀ ଅମୀୟ କୁମାର ଜେନା, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ୱର୍ଗତ ପାତ୍ର ଗ୍ରୀଡକୋରେ ଚାକିରୀ କରି ଅବସର ନେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ସନ୍ତୋଷ ପାତ୍ର ବିଦେଶରେ ରହୁଥିବାରୁ ୫ ଝିଅ ସାମୁହିକ ଭାବେ ମୁଖାଗ୍ନି ଦେଇଥିଲେ ।

# ୨ ମାସ ପୂରିଲା, କେବେ ଆସିବ ଆକାଉଣ୍ଟ୍‌କୁ ଭତ୍ତା ?

## ଦହଗଞ୍ଜ ହେଉଛନ୍ତି ହିତାଧିକାରୀ

**ହିଞ୍ଜିଳିକାଟୁ,୨୮।୫ (ସଂଚାର ବ୍ୟୁରୋ):** ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ୩ହଜାର ୫ଶହ ଟଙ୍କା ଭତ୍ତା ଦେବାକୁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲା ବିଜେପି। ସେତିକି ତ ପୂରଣ ହେଲାନି, ଯେତିକି ମିଳୁଛି ସେହି ଟଙ୍କା ବି ଠିକ ସମୟରେ ମିଳୁନି। ଗତ ୨ ମାସ ହେଲା ସାରା ରାଜ୍ୟରେ ହିତାଧିକାରୀଙ୍କ ନିକଟକୁ ଭତ୍ତା ବାବଦ ଟଙ୍କା ଆସୁନି।

ଅନ୍ୟ ସ୍ଥାନ ଭଳି ଏହାର ଏକ ଦୁଃଖଦ ଚିତ୍ର ହିଞ୍ଜିଳିକାଟୁରେ ଦେଖିବାକୁ ମିଳୁଛି। ହିତାଧିକାରୀଙ୍କ ମଧ୍ୟରେ କିଏ ବୃଦ୍ଧବୃଦ୍ଧା ତ କିଏ ବିଧବା ଏବଂ ଦିବ୍ୟାଙ୍ଗ। ସେମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭତ୍ତା ପାଇଲେ କିଏ ଔଷଧ କିଣିବେ ତ ଆଉ କିଏ ଘର ଚଳାଇବେ। ସରକାର ଯେତିକି ଟଙ୍କା ଭତ୍ତା ଦେଉଛନ୍ତି ତା' ତ ନିଅଣ୍ଟ ପଡୁଛି, ଏବେ ପୁଣି ତାହା ନ ମିଳିବା ଅଡୁଆ ସୃଷ୍ଟି କରୁଛି।

ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି)ରେ ହିଞ୍ଜିଳିକାଟୁ ପୌରପରିଷଦରେ ୨୪୭୧ ଜଣଙ୍କୁ ହାତରେ ତଥା ଅଫଲାଇନ ମାଧ୍ୟମରେ ଭତ୍ତା ମିଳୁଥିବା ବେଳେ ୭୪୬ ଜଣଙ୍କୁ ବ୍ୟାଙ୍କ ଆକାଉଣ୍ଟ ତଥା ଅନଲାଇନ ମାଧ୍ୟମରେ ମିଳୁଥିବା ନେଇ ଜଣାପଡିଛି। ବ୍ୟାଙ୍କ ଓ ପୌରପରିଷଦକୁ ଦଉଡି ଦଉଡି ନୟାନ୍ତ ହେଲେଣି ହିତାଧିକାରୀ। ୪୫ ଡିଗ୍ରି ଖରାକୁ ଆଡ କରି ପୌରପରିଷଦ କାର୍ଯ୍ୟାଳୟକୁ ଧାଇଁ ଆସୁଛନ୍ତି ଅଂଚଳର କିଛି ଭତ୍ତା ହିତାଧିକାରୀ। ଅନଲାଇନରେ ଆସୁଥିବା ଭତ୍ତା ଟଙ୍କା ୨ମାସ ହେଲା ନମିଳିବାରୁ ବାଧ୍ୟ ହୋଇ ବୁଝିବାକୁ ଆସୁଛନ୍ତି | ୨ମାସ ହେଲା ଆକାଉଣ୍ଟ୍‌କୁ ଭତ୍ତା ଆସୁନଥିବା ବେଳେ କିଏ ଔଷଧ ଟିକିଏ କିଣି ନପାରି ହନ୍ତସନ୍ତ ହେଉଛନ୍ତି ତ ଆଉ କିଏ ତେଲଲୁଣ ପାଇଁ ଦହଗଞ୍ଜ ହେଉଛନ୍ତି। ତେଣୁ ସରକାର ଶୀଘ୍ର ଆମ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ନିବେଦନ କରିଛନ୍ତି ଅଞ୍ଚଳବାସୀ |

ଏ ସମ୍ପର୍କରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କିଛି ବୈଷୟିକ କାରଣ ପାଇଁ ଆକାଉଣ୍ଟ୍‌କୁ ଭତ୍ତା ଯାଇପାରୁନଥିବା, ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି | ଚଳିତ ମାସ ଶେଷ ସୁଦ୍ଧା ଆକାଉଣ୍ଟରେ ଭତ୍ତା ଟଙ୍କା ଆସିବ ନେଇ ସୂଚନା ଦେଇଛନ୍ତି |

## ଟ୍ରେନ୍ ଉପରେ ଖସିପଡ଼ିଲା କ୍ରେନ୍



**ନୀଳଗିରି,୨୮।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେସନରେ ବଡ଼ ଅଘଟଣ ଦେଖିବାକୁ ମିଳିଛି। ସୂଚନା ମୁତାବକ ଗୋପୀନାଥପୁର ରେଲୱେ ଷ୍ଟେସନରେ ଗୁରୁବାର ମଧ୍ୟାହ୍ନରେ ଷ୍ଟେସନସଂଲଗ୍ନ ସ୍ଲିପର ଫ୍ୟାକ୍ଟ୍ରିର ରେଲୱେ ବ୍ୟବହାରକରୁଥିବା ସ୍ଲିପରଗୁଡିକ ମାଲବାହୀ ଟ୍ରେନ୍‌ରେ ଲୋଡିଂ ହେଉଥିବା ସମୟରେ ୨ଟି ମାଲବାହୀ ଟ୍ରେନ୍‌ର ବଗିଉପରେ ଖସିପଡ଼ିଲା କ୍ରେନ୍।ଏହାସହ କ୍ରେନ୍ ପଡ଼ିବାରୁ ଷ୍ଟେସନର ବିଦ୍ୟୁତତାର ଛିଣ୍ଡି ଯାଇଥିଲା।ଫଳରେ କିଛି ଘଣ୍ଟାପାଇଁ ପ୍ୟାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା। ଏହି ଘଟଣା ସମୟରେ ରେଲୱେସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସିପଡି ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ଲେଖିବା ବେଳକୁ ରେଳବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଜାରିରହିଛି।

## ଖବରକାଗଜ ବିତରକ ଅଂଶୁଘାତରେ ଆକ୍ରାନ୍ତ



**ନୀଳଗିରି, ୨୮।୫ (ସଂଚାର ବ୍ୟୁରୋ):** ନୀଳଗିରି ଘାଟଘରସାହି ଗ୍ରାମ ର ଖବର କାଗଜ ବିତରକ ଝୁନା ଓରଫ ଲୋକନାଥ ପାତ୍ର (୫୩)ଙ୍କୁ ଅଂଶୁଘାତ ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଶ୍ରୀଯୁକ୍ତ ପାତ୍ର ଦୈନନ୍ଦିନ ନୀଳଗିରିରୁ ଶେରଗଡ଼, ବରୁଣସିଂ, ଖାନନଗର, ବିରୁଆଁ, ଭୂଇଁପଡା ପ୍ରମୁଖ ଗ୍ରାମରେ ଖବର କାଗଜ ବିତରଣ କରିଥାନ୍ତି। ସବୁଦିନ ଭଳି ଗତ ୨୭ ତାରିଖ ବୁଧବାର ଖବରକାଗଜ ବିତରଣ କରୁଥିବା ବେଳେ ପୂର୍ବାହ୍ନ ୧୦ ଘଟିକା ସମୟରେ ଖାନନଗର ଛକ ଠାରେ ଟଳି ପଡିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ସୁଧୁରୁଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ଅନୁପସ୍ଥିତ ପାଇଁ ଖବର କାଗଜ ବିତରଣ ରେ ବାଧାପ୍ରାପ୍ତ ହୋଇଛି।

## ବିଜେପି ପକ୍ଷରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

**ଯାଜପୁର ରୋଡ଼, ୨୮।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଜେପି ତରଫରୁ ଯାଜପୁର ରୋଡ ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଆଜି ସମାପନ ହୋଇଯାଇଅଛି । ଜିଲ୍ଲା ମହିଳା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ଅତିଥି ଭାବେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସାଂସଦ ଡ଼ଃ ରବିନାରାୟଣ ବେହେରା, ବିଧାୟକ ଅମର ନାୟକ, ହିମାଂଶୁ ଶେଖର ସାହୁ, ସୁରେଶ ପୂଜାରୀ ଓ ବିଜେପିର ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶିବିରରେ ଯୋଗ ଦେଇଥିଲେ।



ଉଦଘାଟନୀ ଦିବସରେ ପ୍ରଥମେ ଜାତୀୟ ସଂଗୀତ ଗାନ କରିବା ସହିତ କର୍ମୀ ମାନଙ୍କୁ ବିଜେପିର ଇତିହାସ ଓ ବିକାଶ, କାର୍ଯ୍ୟକର୍ତା ବିକାଶ, ବିଚାର ପରିବାର, କାର୍ଯ୍ୟ ବିସ୍ତାର ଓ ଦୃଷ୍ଟି କୋଣ , କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଗୁଡିକ ଉପରେ ପରାମର୍ଶ ଦିଆଯାଇଥିଲା। ଦ୍ୱିତୀୟ ଦିବସରେ କର୍ମୀ ମାନଙ୍କୁ ଯୋଗ ଓ ପ୍ରାଣାୟମ ଶିଖାଇବା ସହିତ ଦଳୀୟ କାର୍ଯ୍ୟ ପଦ୍ଧା, ବୁଥ ପ୍ରବନ୍ଧନ, ବ୍ୟବହାରିକ ସତ୍ର ଓ ମିଡ଼ିଆ ଓ ସାମାଜିକ ଗଣମାଧ୍ୟମର ଦାଇତ୍ୱ ବୋଧତା ଉପରେ ଆଲୋକପାତ କରାଇବା ସହିତ ଆଗାମୀ ପଂଚାୟତ, ପୌର ଓ ସମବାୟ ନିର୍ବାଚନର କାର୍ଯ୍ୟ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା।

ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବରିଷ୍ଠ କର୍ମକର୍ତାଙ୍କ ସହ ଗୌତମ ରାୟ, ଯତୀନ ମହାନ୍ତି, ଜୀବନ ସାହୁ, ସୁବାସ ନନ୍ଦ, ଆଶିଷ ରାୟ ବିଶ୍ୱାଳ, ବବିତା ମଲିକ, ଉମେଶ ଜେନା, ଅଭିନେତ୍ରୀ ଦିପ୍ତିମୟୀ କୁଅଁରଙ୍କ ସମେତ ପ୍ରତ୍ୟେକ ବ୍ଲକରୁ ମଧ୍ୟ ବିଜେପିର ମୁଖ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହିଥିଲେ। ଏଥି ସହିତ ଅତିଥିଙ୍କ ଦ୍ୱାରା ଜିଲ୍ଲାର ଐତିହ, ପରମ୍ପରା ଓ ସାଂସ୍କୃତିକକଳାର କିଛି ଅଭୁଲା ଫଟୋଚିତ୍ରର ସମ୍ଭାରକୁ ଉଦ୍‌ଘାଟନ କରିଥିଲେ।

## ଜାମା ମସଜିଦ୍ ପରିଚାଳନା କମିଟି ପକ୍ଷରୁ ଇଦ୍-ଉଲ୍-ଜୁହା ପାଳିତ

**ଢେଙ୍କାନାଳ, ୨୮।୫ (ସଂଚାର ବ୍ୟୁରୋ):** ମୁସଲିମ୍ ସମ୍ପ୍ରଦାୟର ପର୍ବ ଇଦ୍-ଉଲ୍-ଜୁହା ଖୁବ୍ ହର୍ଷ ଉଲ୍ଲାସରେ ପାଳନ ହୋଇଯାଇଅଛି । ଇଦ୍-ଉଲ୍-ଜୁହା ହେଉଛି ତ୍ୟାଗ ଓ ବଳିଦାନର ପର୍ବ । ଏହାକୁ ଢେଙ୍କାନାଳରେ ଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ଭାଇଚାରାର ସହିତ ପାଳନ କରିଛନ୍ତି ।



କୋରାନ୍ ଅନୁସାରେ ମହାପୁରୁଷ ଇବ୍ରାହିମ ଅଲଇହି ସଲାମ ଅଲ୍ଲାଙ୍କ ଖୁବ୍ ପ୍ରିୟ ଥିଲେ । ଥରେ ଅଲ୍ଲା ତାଙ୍କୁ ପରୀକ୍ଷା କରିବା ପାଇଁ ସପ୍ନାଦେଶ ଦେଲେ ଯେ ତୋର ସବୁଠାରୁ ପ୍ରିୟ ଜିନିଷକୁ ମୋ ପାଖରେ ବଳି ଦେ । ଇବ୍ରାହିମ ଅଲହି ସଲାମଙ୍କର ଯେହେତୁ ନବେ ବର୍ଷ ବୟସରେ ଗୋଟିଏ ମାତ୍ର ପୁଅ ହୋଇଥିଲେ, ତେଣୁ ସେ ହିଁ ଥିଲେ ତାଙ୍କର ସବୁଠାରୁ ପ୍ରିୟ । ତେଣୁ ସେ ସକାଳୁ ଉଠି ପୁଅକୁ ନିଜ ସପ୍ନାଦେଶ ବିଷୟରେ ଜଣାଇଲେ । ପୁଅ ମଧ୍ୟ ଅଲ୍ଲାଙ୍କ ପ୍ରିୟ ଭକ୍ତ ଥିଲେ ତେଣୁ ବାପାଙ୍କ ପ୍ରସ୍ତାବରେ ସମ୍ମତି ଜଣାଇଲେ ଏବଂ ନିଜକୁ ବଳି ଦେବା ପାଇଁ ରାଜି ହୋଇଗଲେ । କିନ୍ତୁ ଅଲ୍ଲାଙ୍କ ଉଦ୍ଦେଶ୍ୟ ନ ଥିଲା ବାପାଙ୍କଠୁ ପୁଅକୁ ଛଡ଼ାଇନେବା । ଏହା କେବଳ ଏକ ପରୀକ୍ଷା ଥିଲା। ତେଣୁ ଯେତେବେଳେ ବାପା ବଳି ଉଦ୍ଦେଶ୍ୟରେ ପୁଅ ବେକରେ ଛୁରୀ ଚଳାଇବାକୁ ଯାଉଥିଲେ ସେହି ସମୟରେ ଅଲ୍ଲାଙ୍କ ତରଫରୁ ଏକ ଦେବଦୂତ ଯାହାଙ୍କୁ ଜିବ୍ରେଇଲ ଅଲାଇ ସଲାମ୍ ବୋଲି ଜଣାଯାଏ, ପୁଅକୁ ଉଠାଇ ତାଙ୍କ ଜାଗାରେ ଏକ ମେଣ୍ଢା ଜାତୀୟ ଜୀବ ଯାହାକୁ ଦୁମ୍ବା କୁହାଯାଏ ତାକୁ ରଖିଦେଲେ ଏବଂ ତାଙ୍କ ବାପା ସେହି ଜୀବଟିକୁ ବଳି ବା ହଲାଲ୍ କଲେ । ସେହି ଦିନଠାରୁ ଏହି ପ୍ରଥା ଚାଲି ଆସିଛି । ଯେଉଁ ସ୍ଥାନର ଲୋକ ସେଠୀ ଯୋଉ ପ୍ରକାରର ଜୀବ ମିଳୁଥବ ତାକୁ ଆଜିର ଦିନରେ ବଳି ଦିଅନ୍ତି। ଏହା ବ୍ୟତୀତ ଘରେ ଘରେ ବିଭିନ୍ନ ପ୍ରକାରର ସୁବାଦୁ ଖାଦ୍ୟ, ମିଷ୍ଟାନ୍ନ ଇତ୍ୟାଦି ପ୍ରସ୍ତୁତ ହୋଇଥାଏ । ସମସ୍ତେ ସମସ୍ତଙ୍କ ଘରକୁ ଯାଇ ମିଶିବା ସହିତ ଖାଦ୍ୟ ପାନୀୟର ମଜା ଉଠାଇ ଥାନ୍ତି। ସମସ୍ତ ସମ୍ପ୍ରଦାୟର ଲୋକ ଆସି ନିଜ ନିଜ ବନ୍ଧୁ, ସାଙ୍ଗ ସାଥୀ ମାନଙ୍କ ସହ ମିଶି ଖୁସିହସ ରେ ଦିନଟି କାଟି ଥାଆନ୍ତି ।

ଢେଙ୍କାନାଳ ଜାମା ମସଜିଦ ରେ ଏହି ଅବସରରେ ସକାଳ ସାଢ଼େ ଆଠ ଟା ସମୟରେ ଏକ ସମୂହ ନମାଜ ପାଠ ହୋଇଯାଇଅଛି । ଇମାମ୍ ଜନାବ୍ ମୋଦାସିର୍ ସାହେବ ନମାଜ ପଢ଼ାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାମା ମସଜିଦ୍ ପରିଚାଳନା କମିଟିରର ସଭାପତି ଜନାବ୍ ସମଦ୍ ବେଗଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ

**ବାଲିକୁଦା, ୨୮।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମ ପଂଚାୟତ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ବୈଠକ ଅଚ୍ଛୁତପୁର ଗ୍ରାମ ଅନନ୍ତ ବାସୁଦେବ ଗାଦୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମପୁର ଗ୍ରାମ ପଂଚାୟତ ବିଜେଡି ସଭାପତି ସୁଶାନ୍ତ ମହାନ୍ତିଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନ ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ମୁଖ୍ୟ ଅତିଥିଭାବେ ବାଲିକୁଦା -ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗ ଦେଇଥିବା ବେଳେ ସାମ୍ମାନୀୟ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା,ବିଜେଡି ରାଜ୍ୟ ସମ୍ପାଦକ ସମୀର ରଞ୍ଜନ ସ୍ୱାଇଁ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ।




ଏହି ଅବସରରେ ଅତିଥିମାନେ ବର୍ତ୍ତମାନ ରାଜ୍ୟରେ ଚାଲୁଥିବା ନାରୀ ନିର୍ଯାତନା, ହିଂସା, ସର୍ବ ସାଧାରଣରେ ହତ୍ୟା ଭଳି କାର୍ଯ୍ୟ ଟ୍ରେଣ୍ଡ ପାଲଟିବା ଏବଂ ଅପରାଧୀ ଅପରାଧ କରି ଖୁଲମ ଖୁଲା ବୁଲିବା, ବିଭିନ୍ନ ପ୍ରକାର ମାଫିଆ ଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା, ରାଜ୍ୟ ଆଇନୀ ଶୃଙ୍ଖଳା ବିପର୍ଯ୍ୟରେ ଭାରତ ବର୍ଷରେ ଅଗ୍ରଣୀ ଭୂମିକା ପ୍ରମୁଖ ଘଟଣାବଳିକୁ ବୈଠକରେ ଉପସ୍ଥିତ କର୍ମୀମାନଙ୍କୁ ନିଜ ଅଭି ଭାଷଣରେ ପ୍ରତିପାଦନ କରିଥିଲେ। ବିଜେଡି ର ଏହି କର୍ମୀ ବୈଠକ ରେ କଂଗ୍ରେସ ଏବଂ ବିଜେପି ଦଳ ର କର୍ମୀ ମାନେ ଦଳ ତ୍ୟାଗ କରି ବିଜେଡିରେ ଯୋଗଦାନ କରିଥିଲେ। ବିଧାୟକ ଙ୍କ ସମେତ ଉପସ୍ଥିତ ଅତିଥିମାନେ ସେମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ବୈଠକ ରେ ପ୍ରତିକୂଳ ପାଗ ସତ୍ତ୍ୱେ ବିଜେଡି ର ଏହି ବୈଠକ ରେ ଶତାଧିକ କର୍ମୀ ଯୋଗ ଦେବା ବିଜେଡି ମହଲ ରେ ଉତ୍ସାହ ଦେଖାଦେଇଥିଲା।

# ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ତଦାରଖ କଲେ ଓଏସ୍‌ଆରଟିସି ଜିଏମ୍

**ଜୟପୁର ଡିପୋରୁ ଗଡ଼ିବ ୫୦ ଇ-ବସ୍**

**ବୋରିଗୁମ୍ମା/ଜୟପୁର, ୨୮।୫ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଡିପୋକୁ ଆଜି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ତଥା ଓଏସଆରଟିସିର ସାଧାରଣ ପରିଚାଳକ (ଜିଏମ) ସଞ୍ଜିବ ବିଶ୍ୱାଳ ପରିଦର୍ଶନ କରି ବସ୍‌ଷ୍ଟାଣ୍ଡର ନିର୍ମାଣ ଓ ମରାମତି କାର୍ଯ୍ୟର ତଦାରଖ କରିଥିଲେ। ଜୟପୁର ବସଷ୍ଟାଣ୍ଡର ଆଧୁନିକ ବସଷ୍ଟାଣ୍ଡ



ଭାବେ ବିକାଶ କରାଯିବା ସହିତ ପୁରାତନ ତଥା କାର୍ଯ୍ୟକ୍ଷମ ୨୪ଟି ବସକୁ ଆସନ୍ତା ଏକ ମାସ ମଧ୍ୟରେ ସ୍କ୍ରପ୍ କରାଯାଇ ବିକ୍ରି କରାଯିବ। ସେହିପରି ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟରେ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ ଯୋଜନାରେ ୫୦ଟି ବ୍ୟାଟେରୀ ଚାଳିତ ବସ ଚଳାଚଳ କରିବ। ସେଥିପାଇଁ ଉକ୍ତ ବସ ଗୁଡିକର ଚାର୍ଜିଙ୍ଗ ପାଇଁ ବିଦ୍ୟୁତ ଟ୍ରାନ୍ସଫରମ ସ୍ଥାପନା ସହିତ ସବ୍‌ଷ୍ଟେସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୬ ମାସ ମଧ୍ୟରେ ବସଷ୍ଟାଣ୍ଡ ଭିତରେ ସବଷ୍ଟେସନ ନିର୍ମାଣ କରାଯିବ। ଇ-ବସ ଆନ୍ତଃରାଜ୍ୟ ବସ ସେବା ବର୍ତ୍ତମାନ ଓଏସଆରଟିସି ପକ୍ଷରୁ ଜୟପୁରୁ ଡିପୋରୁ ପଡୋଶୀ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡକୁ ଭଲ୍‌ବୋ ଏବଂ ଅନ୍ୟାନ୍ୟ ବସ ଚଳାଚଳ କରୁଛି। ଏହି ଆନ୍ତଃରାଜ୍ୟ ବସ ଚଳାଚଳକୁ ବୃଦ୍ଧି କରାଯିବ ଏବଂ ସେଥିପାଇଁ ଅଧିକ ବସ୍ ଜୟପୁର ଡିପୋକୁ ପ୍ରଦାନ କରାଯାଉଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବସ୍ ଯୋଜନାରେ କୋରାପୁଟ ଜିଲ୍ଲାର ସମୁଦାୟ ୧୪୪ଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ୬ଟି ପଞ୍ଚାୟତର ସଦରକୁ ଏହି ବସ ଚଳାଚଳ ହେଉନାହିଁ। ଆସନ୍ତା ୨ ମାସ ମଧ୍ୟରେ କୋରାପୁଟ ଜିଲ୍ଲାକୁ ଏହି ଯୋଜନାରେ ୧୦ଟି ବସ ପ୍ରଦାନ କରାଯିବ। ଫଳରେ ସମସ୍ତ ପଞ୍ଚାୟତ ସଦର ମହକୁମାରୁ ଜିଲ୍ଲା ସଦର ମହକୁମା ବସ ଚଳାଚଳ ସଂଯୋଗୀକରଣ ହୋଇପାରିବ । ସେହିପରି ବସ୍ ଚଳାଚଳ ନେଇ ରାସ୍ତା ଘାଟର ନିର୍ମାଣ ଓ ମରାମତି ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯିବ। ସେହିପରି ଜୟପୁର ବସଷ୍ଟାଣ୍ଡର ବସଗୁଡିକର ସଫେଇ ପାଇଁ ଏକ ଅଟୋମେଟିକ ପ୍ଲାଣ୍ଟ ସ୍ଥାପନା କରାଯିବ।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ

# ବାଳିକା ବିଭାଗରେ ସାତକୋଶିଆ ଦଳ ଚାମ୍ପିଅନ୍

**ବାରିପଦା, ୨୮।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପର ଚତୁର୍ଥ ଦିନରେ ଅତିଥି ଭାବେ ଯୋଗଦେଇ ଆର ଆଇ ଅଫ ପୋଲିସ ଆଲୋକ କୁମାର ସ୍ୱାଇଁ, ସାଇଣ୍ଟିଫିକ ଅଫିସର ଜୟନ୍ତ କୁମାର ମୁର୍ମୁ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି, ରାଜେଶ ଦାସ ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ଓ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ ଉପସ୍ଥିତ ଥିଲେ । ବାଳିକା ବିଭାଗ ଫାଇନାଲ ମ୍ୟାଚରେ ସାତକୋଶିଆ, ଚଢେଇଗାଁ ଫୁଟବଲ କ୍ଲବ ୯-୦ ଗୋଲରେ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟାନ ହୋଇଛି । ଦଳ ପକ୍ଷରୁ ଚୁମୁକି ନାୟକ ୪ଟି, ଶିଲ୍ପା ମହାରଣା ୩ଟି ଏବଂ ଲକ୍ଷ୍ମୀପ୍ରିୟା ନାୟକ ଓ ସୁଶିଳା ମହାରଣା ଗୋଟିଏ ଲେଖାଏଁ ଗୋଲ କରିଥିଲେ । ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ରବୀନ୍ଦ୍ର ଟୁଡୁ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ।




# ୪୦ ବର୍ଷ ପରେ ମହିଳାଙ୍କଠାରେ କିଡ୍‌ନୀ ରୋଗ ବୃଦ୍ଧି ପାଏ



କିଡନୀ ରୋଗ ସାଇରନ୍ ଶବ୍ଦ ସହିତ ଆସେ ନାହିଁ, କିମ୍ବା ହଠାତ୍ ଗୁରୁତର ଲକ୍ଷଣ ସହିତ ଦେଖାଯାଏ ନାହିଁ। ଅଧିକାଂଶ କ୍ଷେତ୍ରରେ, ଏହା ନୀରବରେ ଶରୀର ଭିତରେ କ୍ଷତି ପହଞ୍ଚାଇଥାଏ ଯେତେବେଳେ ବ୍ୟକ୍ତି ତାଙ୍କର ଦୈନନ୍ଦିନ ଜୀବନ ଯାପନ ଜାରି ରଖେ। ଏହି କାରଣରୁ ବିଶେଷଜ୍ଞମାନେ ଏହାକୁ ଏକ ନୀରବ ବିଶ୍ୱ ସଙ୍କଟ ବୋଲି କହୁଛନ୍ତି। ସାରା ବିଶ୍ୱରେ ପ୍ରାୟ ୮୦୦ ନିୟୁତ ଲୋକ କୌଣସି ନା କୌଣସି ପ୍ରକାରର କିଡନୀ ରୋଗରେ ପିଡ଼ୀତ ଏବଂ ସେମାନଙ୍କ ମଧ୍ୟରୁ ଅନେକ ଏହା ବିଷୟରେ ଅବଗତ ମଧ୍ୟ ନୁହଁନ୍ତି। ଚିନ୍ତାଜନକ କଥା ହେଉଛି ୪୦ ବର୍ଷ ବୟସ ପରେ ମହିଳାଙ୍କଠାରେ ଏହାର ବିପଦ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏହା ମହିଳାମାନଙ୍କ ମଧ୍ୟରେ ସାଧାରଣ। ଏହା ମହିଳାମାନଙ୍କ ପାଇଁ କେତେ ବିପଦପୂର୍ଣ୍ଣ ହୋଇପାରେ ଏବଂ ଏହାକୁ ଏଡାଇବା ପାଇଁ କ'ଣ କରିବାକୁ ହେବ ଆସନ୍ତୁ ବର୍ଣ୍ଣନା କରିବା।

କାହିଁକି କିଡନୀ ରୋଗ ଦୀର୍ଘ ସମୟ ପର୍ଯ୍ୟନ୍ତ ଚିହ୍ନଟ ହୁଏ ନାହିଁ

ବୃକକ୍ ଏପରି ଅଙ୍ଗ ଯାହା ପ୍ରାରମ୍ଭରେ ସମସ୍ୟା ସୃଷ୍ଟି କରେ ନାହିଁ। ଯେତେ ଚାପ ଦିଆଗଲେ ମଧ୍ୟ ସେମାନେ ନୀରବରେ କାର୍ଯ୍ୟ କରନ୍ତି। ଶରୀରରେ ଜଳ ସନ୍ତୁଳନ ବଜାୟ ରଖନ୍ତି ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରନ୍ତି। ବୃକକ୍ ପୂର୍ବରୁ ଯଥେଷ୍ଟ କ୍ଷତି ସହିଥିବାବେଳେ କେବଳ ଲକ୍ଷଣ ଦେଖାଯାଏ। ଏହି ସମୟରେ ଲୋକମାନେ ପ୍ରାୟତଃ ଥକାପଣ ଓ ହରମୋନ୍ ପରିବର୍ତ୍ତନ ଭାବି ଭୁଲି ଯାଆନ୍ତି। ବାରମ୍ବାର ପରିସ୍ରାକୁ ଏକ ଛୋଟ ସମସ୍ୟା ଭାବରେ ଖାରଜ କରନ୍ତି। ଏହି ବିଳମ୍ବ ଯୋଗୁଁ ବୃକକ୍ ରୋଗ ପ୍ରାୟତଃ ବହୁତ ବିଳମ୍ବରେ ଚିହ୍ନଟ ହୁଏ।

୪୦ ପରେ ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଘଟେ। ହରମୋନଗୁଡ଼ିକ ହ୍ରାସ ପାଇବା ଆରମ୍ଭ କରେ। ରକ୍ତଚାପ ଧୀରେ ଧୀରେ ବୃଦ୍ଧି ପାଏ ଏବଂ ରକ୍ତ ଶର୍କରା ସ୍ତର କମ୍ ହୁଏ। ଋତୁସ୍ରାବ ପୂର୍ବରୁ ଏବଂ ପରେ ପରିବର୍ତ୍ତନଗୁଡ଼ିକ ମଧ୍ୟ ବୃକକ୍ ଉପରେ ପ୍ରଭାବ ପକାଏ। ଏହା ବ୍ୟତୀତ ମହିଳାମାନେ ଅଟୋଇମ୍ୟୁନ୍ ରୋଗ, ବାରମ୍ବାର ମୂତ୍ରନଳୀ ସଂକ୍ରମଣ ଏବଂ ରକ୍ତହୀନତା ହେବାର ସମ୍ଭାବନା ଅଧିକ ଥାଏ। ଯାହା ସମୟ ସହିତ ବୃକକ୍କୁ କ୍ଷତି ପହଞ୍ଚାଇପାରେ।

### ବିଶେଷଜ୍ଞମାନେ କ'ଣ କୁହନ୍ତି ?

ଦିଲଶାଦ ଗାର୍ଡେନର ନେଫ୍ରୋଲୋଜି କ୍ଲିନିକର ନେଫ୍ରୋଲୋଜିଷ୍ଟ ଡକ୍ଟର ନୀରୁ ପି. ଅଗ୍ରୱାଲଙ୍କ ମତରେ ୪୦ ବର୍ଷ ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ, ରକ୍ତଚାପ, ଶର୍କରା ନିୟନ୍ତ୍ରଣ ଏବଂ ସ୍ନାୟୁ କାର୍ଯ୍ୟକୁ ପ୍ରଭାବିତ କରେ। ଯାହା ସିଧାସଳଖ ବୃକକ୍ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ସେ କୁହନ୍ତି ଯେ ଭାରତର ପ୍ରାୟ ୧୬ ପ୍ରତିଶତ କିମ୍ବା ପ୍ରାୟ ୨୦୦ ନିୟୁତ ଲୋକ କ୍ରନିକ୍ ବୃକକ୍ ରୋଗର ସମ୍ମୁଖୀନ ହେଉଛନ୍ତି।

## ରାତ୍ରି ଭୋଜନ କେତେବେଳେ ଖାଇବା ଉଚିତ ?

ଖାଇବା ଓ ଶୋଇବା ମଣିଷ ପାଇଁ ନିହାତି ଜରୁରୀ। ଖାଇବାରେ ଯଦି ସମୟ ଭୁଲ୍ ହୁଏ,ତେବେ ଏହା ଶରୀର ଉପରେ ବହୁତ ପ୍ରଭାବ ପକାଇ ଥାଏ। ଏହାସହ ଯଦି ଶୋଇବା ସମୟରେ ଯଦି ଏପଟ ସେପଟ ହୁଏ ତାହେଲେ ଏହା ମଧ୍ୟ ଶରୀର ଉପରେ ମଧ୍ୟ ପ୍ରକାଇ ଥାଏ। ସାଧାରଣତଃ ନିତିଦିନ କାମ ବ୍ୟସ୍ତତା ଭିତରେ ଆମେ ଖାଇବା ଏବଂ ଶୋଇବା ସମୟ ବିଗିଡ଼ି ଯାଏ। ରାତିରେ ପ୍ରାୟତଃ ଆମେ ଖାଇବାର କିଛି ସମୟ ମଧ୍ୟରେ ଶୋଇ ପଡ଼ିଥାଉ। ମାତ୍ର ଅଧିକାଂଶ ଲୋକେ ମୋବାଇଲ୍ ଏବଂ ଟିଭି ଦେଖିବାରେ ଏତେ ବ୍ୟସ୍ତ ଥାଉ କି, ବିଳମ୍ବରେ ଶୋଇ ଥାଉ। ଠିକ୍ ସମୟରେ ଖାଇବା ଦ୍ୱାରା କେବଳ ପାଚନ ଠିକ୍ ହୁଏ ତାହା ନୁହେଁ ବରଂ ଗଭୀର ଏବଂ ଶାନ୍ତିପୂର୍ଣ୍ଣ ନିଦ ହୋଇଥାଏ। ମାତ୍ର ଆମେ ଖାଇବାର କେତେ ସମୟ ପରେ ଶୋଇବା ଉଚିତ ?ଏହାକୁ ନେଇ କଣ କହୁଛନ୍ତି ଡାକ୍ତର...

ଡାକ୍ତରଙ୍କ ମତରେ ଭଲ ପାଚନ ଏବଂ ଶାନ୍ତି ନିଦ ପାଇଁ ଶୋଇବାର ଅତି କମରେ ୨ରୁ ୩ ଘଣ୍ଟା ପୂର୍ବରୁ ରାତ୍ରୀ ଭୋଜନ ଖାଇବା ଉଚିତ୍। ଏତେ ସମୟ ଦେବା ଦ୍ୱାରା ଖାଦ୍ୟ ସଠିକ୍ ଭାବେ ହଜମ ହୋଇଥାଏ। ଏସିଡିଟି,ଗ୍ୟାସ୍ କିମ୍ବା ତାତିରେ ଜଳାପୋଡ଼ାର ଆଶଙ୍କା କମ୍ ରହିଥାଏ। ଯଦି ଆପଣ ରାତି ୧୦ରେ ଶୋଇବା ଅଭ୍ୟାସ ରହିଛି ତାହେଲେ ୭ଟା ବେଳୁ ରାତ୍ରି ଭୋଜନ ଖାଇନେବା ଭଲ। ଏହାଦ୍ୱାରା ଆପଣଙ୍କୁ ଭଲ ନିଦ ହେବ। ଖାଇବା ପରେ ଶରୀରକୁ ଖାଦ୍ୟ ହଜମ ପାଇଁ ସମୟ ଆବଶ୍ୟକ ହୋଇଥାଏ। ଯଦି ଆମେ ତୁରନ୍ତ ଶୋଇପଡୁ ତେବେ ପାଚନ ପ୍ରକ୍ରିୟା ଠିକ୍ ଭାବେ ହେବନାହିଁ। ବିଳମ୍ବିତ ରାତିରେ ଖାଇବା ଦ୍ୱାରା ମେଟାବୋଲିଜିମ୍ ଦୀର ହୋଇଥାଏ। ଚର୍ବି ଜମା ହେବା ଆରମ୍ଭ ହୁଏ ଏବଂ ସଜନ ବୃଦ୍ଧି ହେବାର ଆଶଙ୍କା ଥାଏ। ରାତ୍ରି ଖାଇବାରେ ସବୁବେଳେ ସିଝା ପରିବା କିମ୍ବା ହାଲୁକା ରନ୍ଧା ଖାଦ୍ୟ ଖାଆନ୍ତୁ। ସବୁବେଳେ ହଜମ ହେବା ଭଳି ଖାଦ୍ୟ ଖାଆନ୍ତୁ।



## ହେଲ୍‌ଦି ଡାଏଟ୍, ୱାର୍କଆଉଟ୍ ପରେ ବି କମୁନି ଓଜନ

ଆଜିକାଲି, ଅଧିକାଂଶ ଲୋକ ସନ୍ତୁଳିତ ଖାଦ୍ୟ ଉପରେ ଧ୍ୟାନ ଦେଉଛନ୍ତି। କ୍ୟାଲୋରିର ଯତ୍ନ ନେଉଛନ୍ତି ଏବଂ ପ୍ରତିଦିନ ବ୍ୟାୟାମ ମଧ୍ୟ କରୁଛନ୍ତି, ହେଲେ ଓଜନ କମ୍ ହେଉ ନାହିଁ। ଏହା ହେବା ଦ୍ୱାରା ଅନେକ ଲୋକ ଅଧର୍ଯ୍ୟ ହୋଇ ପଛକୁ ଫେରିଯାଆନ୍ତି। ନିକଟରେ, ଆମେରିକାର ଜଣେ ଫ୍ୟାମିଲି ଏବଂ ଲାଇଫଷ୍ଟାଇଲ ମେଡିସିନ ଡାକ୍ତର ଜନି ହାଡକ୍ ଏକ ଇନଷ୍ଟାଗ୍ରାମ୍ ଭିଡିଓରେ ଏହା ଉପରେ ବ୍ୟାଖ୍ୟା କରିଛନ୍ତି, ଯାହାକୁ ସାଧାରଣତଃ ଲୋକେ ବୁଝି ପାରନ୍ତି ନାହିଁ।

ଡକ୍ଟର ହାଡକ୍ ଏକ ଇନଷ୍ଟାଗ୍ରାମ ଭିଡିଓରେ କହିଛନ୍ତି, "ଏହାର ସବୁଠାରୁ ବଡ଼ କାରଣ ଇନସୁଲିନ୍ ପ୍ରତିରୋଧ ହୋଇପାରେ, ଯାହାକୁ ଆମେ ପ୍ରାୟତଃ ବୁଝିପାରୁନାହୁଁ। ଇନସୁଲିନ୍ ହେଉଛି ରକ୍ତ ଶର୍କରାକୁ ନିୟନ୍ତ୍ରଣ କରୁଥିବା ହରମୋନ୍। ଯେତେବେଳେ ଆପଣଙ୍କ ଶରୀର ଇନସୁଲିନ୍ ଠିକ୍ ଭାବରେ ପ୍ରକ୍ରିୟାକରଣ କରେ ନାହିଁ, ସେତେବେଳେ ଆପଣଙ୍କ କୋଷଗୁଡ଼ିକ ଶର୍କରାକୁ ଶକ୍ତି ଭାବରେ ବ୍ୟବହାର କରିପାରେ ନାହିଁ। ଏହାଦ୍ୱାରା ରକ୍ତରେ ଶର୍କରା ସ୍ତର ଉପର ତଳ ହୋଇଥାଏ ଏବଂ ଶରୀର ଚର୍ବି ସଂରକ୍ଷଣ କରିଥାଏ। ଆପଣ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ କି ନାହିଁ, ଏହି ସ୍ଥିତି ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର କରିଦିଏ।" ଡକ୍ଟର ହାଡକଙ୍କ ଅନୁସାରେ, ଅତ୍ୟଧିକ କାର୍ବୋହାଇଡ୍ରେଟ୍ ସେବନ ମଧ୍ୟ ଇନସୁଲିନ୍ ପ୍ରତିରୋଧ ବୃଦ୍ଧି ପାଇଁ ଦାୟୀ। ଯେତେବେଳେ ବି ଆପଣ କାର୍ବୋହାଇଡ୍ରେଟ୍ ଖାଆନ୍ତି, ରକ୍ତରେ ଶର୍କରା ଏବଂ ଇନସୁଲିନ୍ ବୃଦ୍ଧି ପାଏ। ଆମେରିକୀୟମାନେ ପ୍ରତିଦିନ ହାରାହାରି ୨୫୦-୩୦୦ ଗ୍ରାମ କାର୍ବୋହାଇଡ୍ରେଟ୍ ଖାଇଥାନ୍ତି, ଯାହା ଶରୀରର ଆବଶ୍ୟକତାଠାରୁ ବହୁତ ଅଧିକ। ଏହା ରକ୍ତ ଶର୍କରା ନିୟନ୍ତ୍ରଣକୁ ଖରାପ କରେ ଏବଂ ଇନସୁଲିନ୍ ପ୍ରତିରୋଧକୁ ବୃଦ୍ଧି କରେ। ତେବେ ଏହି ସମସ୍ୟାର ଧୀରେ ଧୀରେ ମୁକାବିଲା କରିବା ପାଇଁ ଡକ୍ଟର ହାଡକ୍ କିଛି ସରଳ ପରିବର୍ତ୍ତନ ପରାମର୍ଶ ଦେଇଛନ୍ତି।

ପ୍ରତ୍ୟେକ ଭୋଜନରେ ପର୍ଯ୍ୟାପ୍ତ ପ୍ରୋଟିନ୍ ନିଅନ୍ତୁ। ଡାକ୍ତରଙ୍କ ମତରେ, ଭୋକ କମାଇବା ଏବଂ ପେଟ ପୂରଣ ଅନୁଭବ କରିବା ପାଇଁ ପ୍ରତି ଭୋଜନରେ ୪୦-୫୦ ଗ୍ରାମ ପ୍ରୋଟିନ୍ ଖାଇବାକୁ ଲକ୍ଷ୍ୟ ରଖନ୍ତୁ। ଆପଣଙ୍କ ଖାଇବା ଏବଂ ପିଇବା ସମୟକୁ ସୀମିତ କରିବା ପାଇଁ ମଝିରେ ମଝିରେ ଉପବାସ କରନ୍ତୁ, ଯାହା ରକ୍ତରେ ଶର୍କରା ଏବଂ ଇନସୁଲିନ୍ ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରିପାରିବ। ଯଦି ଆପଣ ସମୟ,ଖାଦ୍ୟ ଏବଂ ବ୍ୟାୟାମର ସଠିକ୍ ଯତ୍ନ ନେଉଛନ୍ତି କିନ୍ତୁ ତଥାପି ଓଜନ ହ୍ରାସ ହେଉନାହିଁ, ତେବେ ଆପଣଙ୍କର ଇନସୁଲିନ୍ ପ୍ରତିରୋଧ ଯାଞ୍ଚ କରିବା ଉଚିତ୍।



## ପେଟର ଚର୍ବି ବଢୁଛି କି ?

୩୦ ବର୍ଷ ବୟସ ପରେ, ଅନେକ ଲୋକ ଏହି ପ୍ରଶ୍ନକୁ ନେଇ ଚିନ୍ତିତ ରୁହନ୍ତି ଯେ ନା ସେମାନେ ନିଜର ଖାଦ୍ୟ ପରିବର୍ତ୍ତନ କରିଛନ୍ତି ନା ବ୍ୟାୟାମ କରିବା ବନ୍ଦ କରିଛନ୍ତି, ତଥାପି କାହିଁକି ସେମାନଙ୍କ ପେଟ ବଢୁଛି? ଏହା ଉତ୍ତର ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି କାଲିଫର୍ନିଆରେ ଅଭ୍ୟାସ କରୁଥିବା AIIMS, ହାର୍ଭାର୍ଡ ଏବଂ ଷ୍ଟାନଫୋର୍ଡରେ ତାଲିମପ୍ରାପ୍ତ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡକ୍ଟର ସୌରଭ ସେଠୀ । ତାଙ୍କ ଅନୁଯାୟୀ ୩୦ ବର୍ଷ ପରେ, ଶରୀରରେ ଏପରି ପରିବର୍ତ୍ତନ ଆରମ୍ଭ ହୁଏ ଯାହା ବାହାରୁ ଦେଖାଯାଏ ନାହିଁ, କିନ୍ତୁ ଏହା ସିଧାସଳଖ ପେଟର ଚର୍ବିକୁ ପ୍ରଭାବିତ କରେ। ବୟସ ସହିତ ମାଂସପେଶୀ ଧୀରେ ଧୀରେ ହ୍ରାସ ପାଏ। ମାଂସପେଶୀ ଯେତେ କମ୍ ହେବ, ଆପଣଙ୍କ ଶରୀର ସେତେ କମ୍ କ୍ୟାଲୋରୀ ବର୍ଣ୍ଣ କରିବ। ଏହାର ଅର୍ଥ ଯେଉଁ ଖାଦ୍ୟ ପୂର୍ବରୁ କ୍ଷତିକାରକ ନଥିଲା, ତାହା ଏବେ ଚର୍ବିରେ ପରିଣତ ହେବା ଆରମ୍ଭ କରିବ। ମାଂସପେଶୀ କେବଳ ଶକ୍ତି ପାଇଁ ନୁହେଁ, ଏହା ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଯେତେବେଳେ ମାଂସପେଶୀର ପରିମାଣ ହ୍ରାସ ପାଏ, ରକ୍ତରେ ସର୍କରା ଅଧିକ ସମୟ ପାଇଁ ରହିଥାଏ ଏବଂ ଶେଷରେ ପେଟ ଚାରିପାଖରେ ଚର୍ବି ଭାବରେ ଜମା ହୁଏ। ଏହି କାରଣରୁ ୩୦ ବର୍ଷ ପରେ ପେଟର ଚର୍ବି ଅଧିକ ଦୃଶ୍ୟମାନ ହୁଏ। ଏଥିସହିତ ବୟସ ଅନୁଯାୟୀ ଇନସୁଲିନ୍ ସମ୍ବେଦନଶୀଳତା ହ୍ରାସ ପାଏ, ଅର୍ଥାତ୍ ଶରୀର ପୂର୍ବ ପରି ସହଜରେ କାର୍ବୋହାଇଡ୍ରେଟ୍ ପରିଚାଳନା କରିପାରେ ନାହିଁ। ଫଳସ୍ୱରୂପ, ପ୍ରତିଦିନ ଖାଉଥିବା ସେହି ରୁଟି, ଭାତ କିମ୍ବା ମିଠା ପୂର୍ବ ଅପେକ୍ଷା ଅଧିକ ଚର୍ବି ଜମା କରିବା ଆରମ୍ଭ କରେ, ବିଶେଷକରି ଅଣ୍ଟା ପାଖରେ।





## କଞ୍ଚା ପନୀର ମଧୁମେହ ରୋଗୀଙ୍କ ପାଇଁ ହିତକର

ମଧୁମେହ ରୋଗୀ ଖାଦ୍ୟରେ ଶର୍କରାକୁ ନିୟନ୍ତ୍ରିତ କରୁଥିବା ଖାଦ୍ୟକୁ ଗୁରୁତ୍ୱଦେବା ଆବଶ୍ୟକ। ନଚେତ୍ ରକ୍ତରେ ବାରମ୍ବାର ଶର୍କରା ବଢ଼ିବା ଓ କମିବାଦ୍ୱାରା ଶରୀରର କୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। ତେଣୁ ମଧୁମେହ ରୋଗୀଙ୍କୁ ଖାଦ୍ୟରେ ନିୟନ୍ତ୍ରଣ ରଖିବା ଜରୁରି ହୋଇପଡେ। ଶର୍କରା ସ୍ତରକୁ ନିୟନ୍ତ୍ରିତ ରଖିବା ପାଇଁ ସକାଳ ଜଳଖିଆକୁ ଗୁରୁତ୍ୱ ଦେବା ଜରୁରି। ଉଭୟ ପ୍ରୋଟିନରେ ଭରା। ମଧୁମେହ ରୋଗୀଙ୍କ ପାଇଁ ଟୋଫୁ ଏକ ସୁସ୍ଥ ବିକଳ୍ପ। କାରଣ ଏହା ଗଛରୁ ମିଳିବା ସହ କୋଲେଷ୍ଟରଲ୍ ରହିତ ହୋଇଥାଏ। କାରଣ ମଧୁମେହ ରୋଗୀ କୋଲୋଷ୍ଟରଲ୍ ନିୟନ୍ତ୍ରିତ ରଖିବା ସହ ସାଚ୍ୟୁରେଟେଡ୍ ଫ୍ୟାଟ ଖାଇବା ଉଚିତ୍। ସେଥିପାଇଁ ଟୋଫୁ ସବୁଠାରୁ ଭଲ ବିକଳ୍ପ। ଏହା ବ୍ୟତୀତ ପନିରରେ କାର୍ବୋହାଇଡ୍ରେଟ୍ କମ୍ ଓ ପ୍ରୋଟିନ୍ ଅଧିକ ରହିଥାଏ। କିନ୍ତୁ ଏଥିରେ ଫ୍ୟାଟ୍ ଓ କୋଲେଷ୍ଟରଲର ମାତ୍ରା ଅଧିକ ରହୁଥିବାରୁ ଚିନ୍ତା ବଢ଼ାଇଥାଏ। ମଧୁମେହ ରୋଗୀଠାରେ ହୃଦ୍ରୋଗର ଆଶଙ୍କା ଅଧିକ। ତେଣୁ କୋଲେଷ୍ଟରଲ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକ ପନିର ଖାଇବାଠାରୁ ଦୂରେଇ ରହିବା ଉଚିତ୍।

ଟୋଫୁ ସୁସ୍ଥ ବିକଳ୍ପ: ଡାଏଟିସିଆନଙ୍କ ମତରେ ଏହା ହୃଦୟକୁ ସୁସ୍ଥ ରଖିବା ସହ ଓଜନ ନିୟନ୍ତ୍ରଣ ରଖିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଜରୁରି। କେବଳ ସେତିକି ନୁହେଁ ଟାଇପ୍-୨ ମଧୁମେହ ରୋଗୀଙ୍କ ପରିସ୍ରାରେ ପ୍ରୋଟିନର ମାତ୍ରାକୁ କମ କରିଥାଏ। ଫଳରେ କିଡ୍ନୀ ସୁସ୍ଥ ରହିଥାଏ।

କଞ୍ଚା ପନିର: ଡାଏଟିସିଆନ୍ ଅନୁସାରେ କଞ୍ଚା ପନିର ମଧୁମେହ ରୋଗୀଙ୍କ ପାଇଁ ଆଦୌ ଖରାପ ନୁହେଁ। କିନ୍ତୁ କମ୍ ମାତ୍ରାରେ ଖାଇବା ଉଚିତ୍। କଞ୍ଚା ପନିରକୁ ଯଥାସମ୍ଭବ ତେଲ ମସଲାଠାରୁ ଦୂରେଇ ରଖିବା ସହ ହାଲକା ସୈନ୍ଧବ ଲୁଣ ଓ ଡାଲଚିନି ଗୁଣ୍ଡ ମିଶାଇ ଖାଇପାରିବେ।

ଭାରରେ ଗର୍ଭବତୀ ମହିଳାଙ୍କୁ ବୁହା ଘଟଣା

# ବିଳମ୍ବରେ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚିବାରୁ ଦୁଇ ଯାଁଳା ଶିଶୁଙ୍କ ମୃତ୍ୟୁ

ଗାଁକୁ ନାହିଁ ରାସ୍ତା, ପାନୀୟ ଜଳ ଓ ବିଜୁଳି ଆଲୁଅ



ବଲାଙ୍ଗୀର,୨୮।୫(ସଂଚାର ବ୍ୟୁରୋ)ଃ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନୁସର ପଞ୍ଚାୟତ ଚଚରାଭଟା ଗାଁର କୋଶଲ ପଡ଼ା ରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା ନଥିବା ଯୋଗୁଁ ଗର୍ଭ ଜନିତ ଯନ୍ତ୍ରଣା ବଢ଼ିବାରୁ ଗର୍ଭବତୀ ମହିଳା ସୀମା ଧାରୁଆଙ୍କ ସ୍ୱାମୀ ପ୍ରଥମେ କାନ୍ଧରେ ବୋହି କିଛି ବାଟ ନେଇଥିଲେ ହେଲେ ଦୀର୍ଘ ଦେଢ଼ କିମି ବାଟ ନେବାକୁ ପଡୁଥିବାରୁ ଅକ୍ଷମ ହୋଇ ନିଜ ସମ୍ପର୍କୀୟ ଙ୍କ ସହଯୋଗ ରେ ଭାର ଖଞ୍ଜି ଗର୍ଭବତୀ ମହିଳା ଙ୍କୁ ଆମ୍ବୁଲାନ୍ସ ଅଟକିଥିବା ସ୍ଥାନ ଜାନିପଡା ପର୍ଯ୍ୟନ୍ତ ବୋହି ଆଣି ଥିଲେ। ଏହାପରେ ପ୍ରଥମେ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଯାଆଁଳା ଶିଶୁ ମଧ୍ୟରୁ ଗୋଟିଏ ସନ୍ତାନ ପ୍ରସବ ହୋଇଥିଲା। କିନ୍ତୁ ଦୀର୍ଘ ସମୟ ଗର୍ଭ ଯନ୍ତ୍ରଣା ଯୋଗୁଁ ତାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୁଣି ଗୋଟିଏ ଶିଶୁ ମା ପେଟରେ ରହୁଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଜାଣି ସୁରକ୍ଷିତ ପ୍ରସବ ପାଇଁ ବିଫଳ ହୋଇ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇ ଦେଇଥିଲେ ହେଲେ ଆମ୍ବୁଲାନ୍ସ ରେ ଯିବା ସମୟରେ ଅନ୍ୟ ଶିଶୁର ପ୍ରସବ ହୋଇଥିଲା। ଶିଶୁ ଟି ଜୀବିତ ଥିବା ଅବସ୍ଥାରେ ପରିବାର ଲୋକେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ ରେ ଚିକିତ୍ସା କରାଇଥିଲେ। କିନ୍ତୁ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବାରୁ ସେଠାରୁ ଡକ୍ଟର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ କୁ ପଠାଇ ଦେଇଥିଲେ। ହେଲେ ଯିବା ସମୟରେ ଅଧ ବାଟରେ ସୁରକ୍ଷିତ ପ୍ରସବ ନହେବା କାରଣରୁ ଶିଶୁର ଆମ୍ବୁଲାନ୍ସ ରେ ଅକାଳ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ମା ସୁସ୍ଥ ଥିବାରୁ ସେମାନେ ଶେଷରେ ନିରାଶ ହୋଇ ନିଜ ଘରକୁ ଫେରି ଆସିଥିଲେ। ଏନେଇ ଖପ୍ରାଖୋଲ ବ୍ଲକ ଏ ଇ ରାଜକିଶୋର ନାଏକ କୋଶଲ ପଡ଼ା ସ୍ଥିତ ସୀମା ଧାରୁଆଙ୍କ ସ୍ୱାମୀ ରୋହିତ ଧାରୁଆ ଙ୍କ ଘରକୁ ଯାଇ ଘଟଣା ବିଷୟରେ ତଦାରଖ କରିଥିବା ସୂଚନା ମିଳିଛି। ଏଠାରେ ଦେଖିବାକୁ ମିଳୁଛି ଯେ, ଉପଯୁକ୍ତ ରାସ୍ତା, ପାନୀୟ ଜଳ, ବିଜୁଳି ଆଲୁଅ ଆବଶ୍ୟକ ଚିକିତ୍ସା ସେବା ନ ମିଳିବା କାରଣରୁ ଦୁଇଟି ନବ ଜାତ ଶିଶୁର ମୃତ୍ୟୁ ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

## ଦାଦନ ଯାଇ ଶବ ହୋଇ ଫେରିଲେ ବୈଷ୍ଣବ



କଳାହାଣ୍ଡି,୨୮।୫(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଲଗୁଡା ଗ୍ରାମରେ ଦୁଃଖ ଓ କୋହର ପରିବେଶ ଖେଳିଯାଇଛି। ଗ୍ରାମଟ ଯୁବକ ବୈଷ୍ଣବ ରଣା ବାହାର ରାଜ୍ୟ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଦାଦନ ଖଟିବା ପାଇଁ ଯାଇଥିବା ବେଳେ ଅକାଳରେ ମୃତ୍ୟୁବରଣ କରି ଶବ ହୋଇ ନିଜ ଗାଁକୁ ଫେରି ଛନ୍ତି। ବୁଧବାର ତାଙ୍କ ମୃତଦେହ ଘରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକଙ୍କ ଆକୁଳ ବିଳାପ, ପତ୍ନୀଙ୍କ ଛାତିଫଟା କାନ୍ଦଣା ଓ ଛୋଟ ପୁଅର ନିରବ ଦେଖି ଗ୍ରାମବାସୀଙ୍କ ଆଖିରୁ ମଧ୍ୟ ଆଞ୍ଜୁଳି ହୋଇଯାଇଥିଲା। ପ୍ରକାଶ ଥାଉକି, ସ୍ୱର୍ଗତ ବୈଷ୍ଣବ ରଣା ଜଣେ ଅତ୍ୟନ୍ତ ଗରିବ ଶ୍ରମିକ ପରିବାର ର ଯୁବକ ଥିଲେ। ଗାଁରେ କାମ ଧନ୍ଦାର ଅଭାବ ଓ ପରିବାରର ଦୁର୍ଦ୍ଦଶା ତାଙ୍କୁ ଦାଦନ ଖଟିବା ପାଇଁ ବାଧ୍ୟ କରିଥିଲା। ଘରେ ବୃଦ୍ଧ ବାପା ଅଲଙ୍ଗ ରଣା, ପତ୍ନୀ ଯଶୋଦା ରଣା ଓ ଗୋଟିଏ ଛୋଟ ପୁଅଙ୍କ ଭବିଷ୍ୟତକୁ ଭାବି ସେ ଅନେକ ସ୍ୱପ୍ନ ନେଇ ବାହାର ରାଜ୍ୟକୁ ଯାଇଥିଲେ। ଭାବିଥିଲେ କିଛି ଟଙ୍କା ରୋଜଗାର କରି ଭଙ୍ଗା ଘରକୁ ମରାମତି କରିବେ, ପୁଅକୁ ଭଲ ପଢ଼ାଇବେ ଓ ପରିବାରର ଦୁଃଖ ଦୂର କରିବେ। ହେଲେ ନିୟତିର ନିଷ୍ଠୁର ଖେଳରେ ସେହି ସମସ୍ତ ସ୍ୱପ୍ନ ଅଧାରେ ଭାଙ୍ଗିଗଲା। ଜୀବନ୍ତ ଫେରିବା ପରିବର୍ତ୍ତେ ସେ ଶବ ହୋଇ ଘରକୁ ଫେରିଲେ। ସୂଚ ନା ଅନୁସାରେ, ବୈଷ୍ଣବ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ସୋମବାର ଦିନ କୌଣସି କାରଣରୁ ତାଙ୍କର ଅକସ୍ମାତ ମୃତ୍ୟୁ ଘଟିଥିଲା। ଘଟଣା ପରେ ସ୍ଥାନୀୟ ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ସମସ୍ତ ପ୍ରକ୍ରିୟା ସରିବା ପରେ ବୁଧବାର ମୃତଦେହ ଚିଲଗୁଡା ଗ୍ରାମକୁ ଅଣାଯାଇଥିଲା। ଶବ ଗ୍ରାମରେ ପହଞ୍ଚିବା ମାତ୍ରେ ସମଗ୍ର ଅଞ୍ଚଳ ଗମ୍ଭୀର ହୋଇଯାଇଥିଲା। ପତ୍ନୀ ଯଶୋଦା ରଣା ସ୍ୱାମୀଙ୍କ ମୃତଦେହ ଦେଖି ବାରମ୍ବାର ଅଚେତ ହୋଇପଡ଼ିଥିବା ବେଳେ ବୃଦ୍ଧ ବାପା ଅଲଙ୍ଗ ରଣା ପୁଅର ଶବ ପାଖରେ ବସି କାନ୍ଦୁଥିବା ଦୃଶ୍ୟ ସମସ୍ତଙ୍କ ହୃଦୟକୁ ଦୋହଲାଇ ଦେଇଥିଲା। ଯେଉଁ ପୁଅ ପରିବାରର ଏକମାତ୍ର ଭରସା ଓ ଆଶା ଥିଲା ଆଜି ସେହି ପୁଅର ମୃତ୍ୟୁ ପରେ ସମଗ୍ର ପରିବାର ବେସାହାରା ହୋଇପଡ଼ିଛି। ଛୋଟ ପୁଅର ଆଉ କେବେ ବାପାଙ୍କୁ ଡାକିପାରିବ ନାହିଁ ବୋଲି ଗ୍ରାମବାସୀ କହୁଥିବା ବେଳେ ପରିବେଶ ଅଧିକ ଲୋକଙ୍କ ହୃଦୟ ବିଦାରକ ହୋଇଯାଇଥିଲା ଓ କଳାହାଣ୍ଡି ଭଳି ପଛୁଆ ଅଞ୍ଚଳରେ ଦାଦନ ସମସ୍ୟା ଆଜି ମଧ୍ୟ ଗରିବ ପାଇଁ ଅଭିଶାପ ପାଲଟିଛି। ଗାଁରେ ରୋଜଗାରର ସୁବିଧା ନ ଥିବାରୁ ପ୍ରତିବର୍ଷ ଅନେକ ଯୁବକ ପରିବାର ଛାଡ଼ି ବାହାର ରାଜ୍ୟକୁ କାମ ପାଇଁ ପଳାୟନ କରୁଛନ୍ତି।

## ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ



ବୈଶିଙ୍ଗା,୨୮।୫(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ଠାରେ ଦୀର୍ଘ ଦିନ ଧରି ଚାଲିଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ କୁ ସ୍ଥାୟୀ ଭାବେ ବନ୍ଦ କରିବା ନେଇ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବବିତା ସିଂ, ୩୬ ନଂ ଜିଲ୍ଲା ପରିଷଦ ଜୋନର ସଦସ୍ୟା ଶ୍ରୀମତୀ ସବିତା ଦାସ ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ମାଧବୀ ସେନାପତି ଏବଂ ଶତାଧିକ ଗ୍ରାମବାସୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ର ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ପୋଲିସ ସୁପରିଟେଣ୍ଡେଣ୍ଟ ଏବଂ ଅବକାରୀ ଅଧୀକ୍ଷକଙ୍କୁ ଗତ ମେ ୨୬ ତାରିଖ ଦିନ ପ୍ରଦାନ କରା ଯାଇଅଛି। ମଦ ଦୋକାନ ଯୋଗୁଁ ଏ ଅଞ୍ଚଳରେ କ୍ରମାଗତ ଭାବରେ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଥିବାରୁ ଏଥି ପୂର୍ବରୁ ଗତ ମାର୍ଚ୍ଚ ୧୧ ଏବଂ ୨୬ ସେପ୍ଟେମ୍ବର ରେ ଏ ବାବଦରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଉପରୋକ୍ତ ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କୁ ଅବଗତ କରା ଯାଇଥିଲେ ମଧ୍ୟ ଅଦ୍ୟାବଧି ମଦ କାଉଣ୍ଟର ବନ୍ଦ କରାଯିବା ପାଇଁ କୌଣସି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆସନ୍ତା ମେ ୩୧ ତାରିଖ ସୁଦ୍ଧା ଗଡ଼ଦେଉଳିଆ ଠାରେ ବିଦେଶୀ ମଦ ଦୋକାନ କୁ ସଂପୂର୍ଣ୍ଣ ଭାବେ ବନ୍ଦ ନ କରାଗଲେ, ଜିଲ୍ଲାପାଳ ଙ୍କ ଅଫିସ ଆଗରେ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ରେ ବସିବା ପାଇଁ ଆଞ୍ଚଳିକ ଜନ ପ୍ରତିନିଧି ଓ ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ

ସୁନ୍ଦରଗଡ଼,୨୮।୫(ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ସୁଦୃଢ଼ତା, ଆଦର୍ଶ ଓ କାର୍ଯ୍ୟପଦ୍ଧତିକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ- ୨୦୨୬" ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସୁନ୍ଦରଗଡ଼ ସ୍ଥିତ ହୋଟେଲ ଅନ୍ନପୂର୍ଣ୍ଣା ଠାରେ ଦ୍ୱିଦିବସୀୟ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଡ଼. ଶ୍ୟାମାପ୍ରସାଦ ମୁଖର୍ଜୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ଅତିଥିବୃନ୍ଦ ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ପରେ ସମସ୍ତ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ସହ "ବନ୍ଦେ ମାତରମ୍" ଗାନ କରାଯାଇ ଦେଶଭକ୍ତି ଓ ସାଙ୍ଗଠନିକ ଏକତାର ଭାବନାକୁ ସୁଦୃଢ଼ କରାଯାଇଥିଲା।ଜିଲ୍ଲା ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ରଖି ପ୍ରଶିକ୍ଷଣ ବର୍ଗର ଉଦ୍ଦେଶ୍ୟ, ସାଙ୍ଗଠନିକ ଦୃଷ୍ଟିକୋଣ ଓ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସେଲ ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ସାଙ୍ଗଠନିକ ଚର୍ଚ୍ଚା କରି କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଶୃଙ୍ଖଳା, ଆଦର୍ଶ ଓ ଜନସଂଯୋଗ ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଥମ ଦିବସରେ ଆୟୋଜିତ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପଦାଧିକାରୀ ଓ ବରିଷ୍ଠ ନେତୃବୃନ୍ଦ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗଠନିକ ଓ ବୈଚାରିକ ବିଷୟରେ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟରେ ସ୍ୱତନ୍ତ୍ର ବୈଠକ

ନୀଳଗିରି୨୮।୫(ସଂଚାର ବ୍ୟୁରୋ)ଃଆଜି ସକାଳ ୯ ଘ୧୫ମିନିଟ ରେ ନୀଳଗିରି ମହାବିଦ୍ୟାଳୟ ସଭାଗୃହରେ ଏସ୍ଆଇଆର୍ ବିଷୟରେ ନୀଳଗିରି ଗୋଷ୍ଠୀଉନ୍ନୟନ୍ନ ଅଧିକାରୀ ବିକ୍ରମ କିଶୋର ପରିଡାବିଷଦ ଆଲୋଚନା କରିଥିଲେ। ବକ୍ତବ୍ୟ ରେ ବି, ଏଲ, ଏ, ବି, ଏଲ, ଓ, ଓ ବି, ଏଲ, ଓ, ସୁପରଭାଇଜର ଙ୍କୁ କହିଥିଲେ ଯୋଗ୍ୟ ଭୋଟର କେହି ଯେପରି ବାଦ ପଡିବେ ନାହିଁ ଓ ଅଯୋଗ୍ୟ ଭୋଟର ତାଲିକାରେ ସ୍ଥାନିତ ଯେପରି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଏ, ଆଇ,ମାଧ୍ୟମରେ ୧୩ ପ୍ରକାର ଭୁଲ ଧରିଥିବା ଜାଗାରେ ପଞ୍ଚନାମା ମାଧ୍ୟମ ରେ ଭୁଲ କୁ ସଠିକ କରାଯାଇ ପାରିବ । ଯେଉଁ ଭୋଟର ବାଦ ପଡିଲେ ସାହାଯକ ପଞ୍ଜିକରଣ ନୋଟିସ କରି ଜଣାଇବେ। ଏପରିକି ବାପ ପୁଅ ବୟସ ସିମା ଯଦି ଭୁଲ ରେ କମ ହୋଇ ଯାଇଥାଏ ତେବେ ପଞ୍ଚ ନାମା କରି ସଂଶୋଧନ କରାଯାଇ ପାରିବ । ଫଟୋର ଚେହେରା ସହିତ ବର୍ତ୍ତମାନ ଚେହେରା ନ ମିଶୁଥିଲେ ନୂଆ ଫୋଟୋ ଦେବା କୁ ପଡିବ । ବିଦେଶୀ ନାଗରିକ ଙ୍କ କ୍ଷେତ୍ର ରେ ସେ କଉଁଠି ଓ କେଉଁ ଦେଶରେ ଥିଲେ ତାହା ସଠିକ ଭାବେ ଜଣାଇ ବାକୁ କୁହାଯାଇ ଛି । ଦୁଇ ନମ୍ବର ଫର୍ମ ସଠିକ ପୂରଣ ଓ ଅପଲୋଡ଼ ହୋଇ ନ ଥିଲେ ସଫଟୱାଇଆର ଜଣାଇ ଫୋପାଡ଼ିଦେବ। ମେ ୩୦ରୁ ଜୁନ ୨୮ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ ହେବ ତେଣୁ ବୁଥ ଲେଭୁଲ ଅଫିସର ଓ ବୁଥ ସୁପର ଭାଇଜର ଙ୍କୁ ସହଯୋଗ କରିବା ପାଇଁ ଗୋଷ୍ଠୀ ଉନ୍ନୟନ୍ନ ଅଧିକାରୀ ଅନୁରୋଧ କରିଥିଲେ ।

ଏହିଟ୍ରେନଂ କ୍ୟାମ୍ପରେ ନୀଳଗିରି ବ୍ଲକର ୯୯ ଓ ଭବିଷ୍ୟତ ରେବଢ଼ିବାକୁ ଥିବା ୩୫ ବୁଥରୁ ମଧ୍ୟ ବିଭିନ୍ନ ରାଜନୈତିକ ଦଳର ବୁଥଲେଭୁଲ ଏଜେଣ୍ଟ, ୧୩ଜଣ ବୁଥ ଲେଭୁଲ ସୁପରଭାଇଜର,ଏବିଡିଓ, ସୁନନ୍ଦା ସାହୁ ଓ ଗ୍ରାମ ପଞ୍ଚାୟତ ସହାୟକ ଅଧିକାରୀ ଭାବେ ହୃଷିକେଶ ଜେନା ମଧ୍ୟ ଯୋଗ ଦେଇଥିଲେ ।

## ଓଲଟିଲା ଲୁଣ ବୋଝେଇ ଇଞ୍ଜିନ ରିକ୍ସା, ଖଲାସୀ ମୃତ



ଭୋଗରାଇ,୨୮।୫(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା- ବାଲିଆପାଳ ରାସ୍ତା ଜଳଧା ଗ୍ରାମ ଛକ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ଗୁରୁବାର ସକାଳେ ପଶ୍ଚିମବଙ୍ଗରୁ ବାଲିଆପାଳ ଅଭିମୁଖେ ଯାଉଥିବା ଏକ ଲୁଣ ବୋଝେଇ ଇଞ୍ଜିନ ରିକ୍ସା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ରିକ୍ସା ତଳେ ଚାପି ହୋଇଥିବା ରିକ୍ସା ଚାଳକ ଓ ଖାଲାସୀଙ୍କୁ ଉଦ୍ଧାର କରି କମର୍ଦ୍ଦା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ରାମନଗର ଥାନା ଦେଉଳି ଗ୍ରାମର ଖାଲାସୀ ମଣ୍ଟୁପାଳ (୩୮)ଙ୍କୁ ମୃତ ଘୋଷଣା କରିଥିବା ବେଳେ ରିକ୍ସା ଚାଳକ ସୁକୁମାର ଭୂୟାଁଙ୍କୁ ଆହତ ବସ୍ଥାରେ ଚିକିତ୍ସା କରାଯାଉଛି । କମର୍ଦ୍ଦା ପୋଲିସ ଏହି ଦୁର୍ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ପ୍ରାଥମିକ ତଦନ୍ତ ଜାରି ରଖିଥିବାର ସୂଚନା ମିଳିଛି ।

## ମଣ୍ଡି ଉଦ୍‌ଘାଟନ ପରେ ବି ଉଠୁନି ଚାଷୀଙ୍କ ଧାନ



କର୍ଲାମୁଣ୍ଡା,୨୮।୫(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେ ଥିବା ବିଭିନ୍ନ ଧାନମଣ୍ଡି ଉଦଘାଟନ ହେବାର ୭ଦିନ ବିତିଯାଇଥିଲେ ସୁଦ୍ଧା ଚାଷୀଙ୍କ ଧାନ ଉଠିବାରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି। ବ୍ଲକର କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଗତ ଶୁକ୍ରବାର ସ. ମାଲପଡ଼ା ଓ ରିଞ୍ଜା ମଣ୍ଡି ଠାରେ ରବି ଧାନମଣ୍ଡି ଉଦ୍‌ଘାଟନ ହେବା ପରେ ଟୋକନ ପାଇ ସ.ମାଲପଡ଼ା ଗ୍ରାମର ଚାଷୀ ଗଜପତି ସାହୁ ୪୫ କ୍ୱିଣ୍ଟାଲ, ମହନ ସାହୁ ୬୬ କ୍ୱିଣ୍ଟାଲ, କୃତିବାସ ସାହୁ ୩୨କ୍ୱିଣ୍ଟାଲ, ସାଧୁ ସାହୁ ୪୪ କ୍ୱିଣ୍ଟାଲ, ଫୁଲବାବୁସାହୁ ୧୫ କ୍ୱିଣ୍ଟାଲ, ଭଗବାନ ସାହୁ ୩୮ କ୍ୱିଣ୍ଟାଲ, ସଂଘମିତ୍ର ସାହୁ ୭୫ କ୍ୱିଣ୍ଟାଲ, ପଦ୍ମଲୋଚନ ସାହୁ ୨୬ କ୍ୱିଣ୍ଟାଲ, ଅର୍ଜୁନ ସାହୁ ୬୫ କ୍ୱିଣ୍ଟାଲ ଓ ପୁଟିଗାଁ ଚାଷୀ ରତ୍ନାକର ବଗର୍ତ୍ତୀ ୩୦ କ୍ୱିଣ୍ଟାଲ, ଲୋକେଶ ବଗର୍ତ୍ତୀ ୩୦ କ୍ୱିଣ୍ଟାଲ, ଡମ୍ବରୁ ସାହୁ ୭୨ କ୍ୱିଣ୍ଟାଲ ଧାନ ମଣ୍ଡିରେ ପକେଇଛନ୍ତି। ତେବେ ଧାନ ଉଠିବାରେ ବିଳମ୍ବ ହେଉଥିବା ଯୋଗୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଚାଷୀମାନେ ବୁଧବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ନର୍ଲା ବିଧାୟିକା, ଜିଲାପାଳ କଳାହାଣ୍ଡି, ତହସିଲଦାର କର୍ଲାମୁଣ୍ଡା ଓ ବିଡିଓ କର୍ଲାମୁଣ୍ଡାଙ୍କୁ ମିଲର୍ସମାନେ କ୍ୱିଣ୍ଟାଲ ପ୍ରତି ୮କେଜି କଟନି ପାଇଁ ଦାବି କରୁଥିବା ନେଇ ଲିଖିତ ଅଭିଯୋଗ କରିବା ସହ ଧାନ ଶୀଘ୍ର ଉଠାଇବା ଦିଗରେ ପଦକ୍ଷେପ ନେବାକୁ ଜଣାଇଥିବା ବିଜେଡି ବ୍ଲକ ସଭପତି ଯଶୋବନ୍ତ ସାହୁ କହିଛନ୍ତି। ଠିକ୍ ସେହିଭଳି ରିଶିଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ତେରେସିଙ୍ଗା ଧାନମଣ୍ଡିଠାରେ ୨୪ ଜଣ ଚାଷୀଙ୍କ ୧୪୦୦ କ୍ୱିଣ୍ଟାଲ ଧାନ ପଡ଼ିରହିଥିବା ବେଳେ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ରେଗଡା, ବିଜାପାଟି,ଯୋରାଡବରା ମଣ୍ଡିଗୁଡ଼ିକରେ ଚାଷୀଙ୍କ ଧାନ ପଡ଼ି ରହିଥିବା ଜଣାପଡ଼ିଛି। ଏନେଇ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବରାଜ ରଣାଙ୍କୁ ପଚାରିବାରୁ ବୁଧବାର ଗୋଟିଏ ଟ୍ରିପ୍ ଧାନ ଉଠିଥିଲେ ହେଁ ଗୁରୁବାର ଧାନ ଉଠି ନ ଥିବା କହିଛନ୍ତି। ଏନେଇ କର୍ଲାମୁଣ୍ଡା ବ୍ଲକ ଦାୟିତ୍ୱ ଥିବା ଖାଉଟି ଯୋଗାଣ ଅଧିକାରୀ ସ୍ମୃତି ରଞ୍ଜନ ଜେନାଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ରିସିଭ୍ କରିଥିବାରୁ ତାଙ୍କର ମତାମତ ନିଆଯାଇପାରିନାହିଁ।

## ସାଧନା ଟ୍ୟୁଟୋରିଆଲ୍‌ର ସଫଳତା

ବାଲିପାଟଣା,୨୮।୫(ସଂଚାର ବ୍ୟୁରୋ)ଃ ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏଥିରେ ବାଲିପାଟଣା ଅଞ୍ଚଳର ସାଧନା ଟ୍ୟୁଟୋରିଆଲ୍ ଏକ ଉଲ୍ଲେଖନୀୟ ସଫଳତା ଆଣିପାରିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାଧନା ଟ୍ୟୁଟୋରିଆଲ୍‌ରେ +୨ କଳା ଓ ବାଣିଜ୍ୟ ଶ୍ରେଣୀରେ ଶତ ପ୍ରତିଶତ ସଫଳତା ପାଇଛି। +୨ କଳାରେ ମୋଟ ୮୦ ଜଣ ପିଲା ପରୀକ୍ଷା ଦେଇଥିଲେ, ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ ଜଣ ଓ ତୃତୀୟ ଶ୍ରେଣୀରେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। +୨ କଳାରେ ଛାତ୍ରୀ ପ୍ରିୟଦର୍ଶନୀ ବେହେରା ୫୬୨ ନମ୍ବର ବା ୯୩.୬୬ ଶତକଡ଼ା ନମ୍ବର ରଖି ଇ ଗ୍ରେଡ୍ ପାଇଛନ୍ତି, ସେ କେବଳ ନିଜ ପରିବାର ପାଇଁ ନୁହେଁ ବରଂ ବାଲିପାଟଣା ଅଞ୍ଚଳର ଗୌରବ ବଢ଼ାଇଛନ୍ତି ଓ ସାଧନା ଟ୍ୟୁଟୋରିଆଲର ଗର୍ବ ସାଜିଛନ୍ତି। ଏହି ସଫଳତା ପାଇଁ ପ୍ରିୟଦର୍ଶନୀ ତାଙ୍କ ପିତା ମାତା ଓ ସାଧନା ଟ୍ୟୁଟୋରିଆଲ୍‌ର ସମସ୍ତ ଶିକ୍ଷକ ମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ସେହିପରି ବାଲିପାଟଣା କଲେଜ୍‌ର ମୋଟ ୮୦ ଜଣ ପ୍ରଥମ ଶ୍ରେଣୀ ପାଇଥିବା ବେଳେ କେବଳ ସାଧନା ଟ୍ୟୁଟୋରିଆଲ୍‌ରୁ ୪୧ ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି, ସେଥିମଧ୍ୟରୁ ଅଧିକାଂଶ ପିଲା ୮୦ ଶତକଡ଼ାରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି +୨ ବାଣିଜ୍ୟର ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାସାଗର ନାୟକ ୫୩୫ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏଣୁ ବାଲିପାଟଣା ଅଞ୍ଚଳରେ ଏକ ଅଗ୍ରଣୀ କୋଚିଂ ସେଣ୍ଟର୍ ଭାବେ ସାଧନା ଟ୍ୟୁଟୋରିଆଲ୍ ରେକର୍ଡ ବଜାୟ ରଖିଛି ବୋଲି ଅଭିଭାବକ ମାନେ ମତ ଦେଇଛନ୍ତି। ଏହି ଶିକ୍ଷା ଅନୁଷ୍ଠାନରେ ଶିକ୍ଷକ ଭାବେ ବଦ୍ରିକାନାଥ ମହାପାତ୍ର, ରାଜକିଶୋର ପରିଡା, ସୁଦର୍ଶନ ପ୍ରଧାନ, ବାସୁଦେବ ନାୟକ, ସୁନନ୍ଦ ପ୍ରଧାନ ଓ କୁଞ୍ଜବିହାରୀ ଦାସଙ୍କୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ସାଧୁବାଦ ଜଣାଇଛନ୍ତି।

## ଡଷ୍ଟବିନ୍ ପାଲଟିଛି କଣାସ କେନାଲ




କଣାସ,୨୮।୫(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଷଜମିକୁ ଜଳସେଚନ ପାଇଁ କେନାଲମାନ ଖୋଳି ଜଳ ଯୋଗାଉଛନ୍ତି। କଣାସ କେନାଲର କଣାସ ଠାରୁ ବେଣାଗାଁ କୁ ବାହାରିଥିବା ଏବଂ କଣାସ ଠାରୁ ନୂଆଦୋକନ୍ଦା ଆଡକୁ ଯାଇଥିବା କେନାଲ ଜଳ ଯୋଗାଣ ପରିବର୍ତ୍ତେ ଡଷ୍ଟବିନ୍ ପାଲଟିଛି। କେନାଲ ପଖରୁ ରହୁଥିବା ପରିବାର ନିଜର ଘରର ଆବର୍ଜ୍ୟନା ପାଣିକୁ ପାଇପ୍ ବସାଇ କେନାଲକୁ ଛାଡୁଥିବା ବେଳେ କଣାସ ହାଟବାରି ସୋମବାର ଓ ଶୁକ୍ରବାର ଦିନ ପରିବା ବେପାରୀମାନେ ପୋଚାଆଳୁ, ବାଇଗଣ, କଖାରୁ, ଟମାଟ, ପତ୍ରକୋବି ଇତ୍ୟାଦି ନଷ୍ଟ ପରିବାଗୁଡିକୁ କେନାଲ ଭିତରକୁ ଫୋପାଡିଦେଉଛନ୍ତି। ସେହିପରି କେନାଲ ନିକଟରେ ଓ ଦୂରରେ ବିକ୍ରି କରୁଥିବା ଗୁପୁଚୁପ୍, ମଟରଭୁବୁନି ବାଲାମାନେ ପ୍ଲାଷ୍ଟିକ୍ ଦନାଗୁଡିକୁ କେନାଲ ମଧ୍ୟକୁ ଫୋପାଡିଦେଉଥିବାରୁ କେନାଲ ପୋତି ହେବା ସଂଗେ ସଂଗେ ପୋଚା ପରିବାର ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଏତେ ପରିମାଣର ମଶା ରହୁଛନ୍ତି ଯେ କେହିବି ଗୋଟେ ମିନିଟ୍ କେନାଲ ନିକଟରେ ଠିଆହୋଇପାରିବ ନାହିଁ ମଶାମାନଙ୍କ ଦାଉରେ। ଏହି କେନାଲର ରକ୍ଷଣବ୍ୟକ୍ଷଣ ଦାୟିତ୍ୱ ଜଳସେଚନ ବିଭାଗ ଉପରେ ଥିବାରୁ ଜଳସେଚନ ବିଭାଗ କାର୍ଯ୍ୟାଳୟ କେନାଲ ଠାରୁ ମାତ୍ର ଶହେ ମିଟର ଭିତରେ ଥିବା ବେଳେ ଜଳସେଚନ ବିଭାଗ କର୍ମକର୍ତ୍ତାମାନେ କାହିଁ ଏହାର ପ୍ରତିବାଦ ଓ ଆଇନ୍‌ର ଆଶ୍ରୟ ନେଉ ନାହାନ୍ତି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି।

## ଅସ୍ତରଙ୍ଗ ବ୍ଲକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସାଜିଛି 'ଆମ ବସ' ରହଣି ସ୍ଥାନ

କାକଟପୁର/ଅସ୍ତରଙ୍ଗସ,୨୮।୫(ସଂଚାର ବ୍ୟୁରୋ)ଃପୂର୍ବ ସରକାର ଅମଳରେ ଗ୍ରାମାଞ୍ଚଳରୁ ବ୍ଲକ କୁ ସହଜରେ କମ୍ ଅର୍ଥ ଦେୟ ଦ୍ୱାରା ସାଧାରଣ ଲୋକ ଯା 'ଆସ ପାଇଁ ଲକ୍ଷ୍ମୀବସ ପ୍ରଚଳନ କରାଯାଇଥିଲା। ଯେଉଁଥି ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ପ୍ରତ୍ୟେକ ପଂଚାୟତରେ ଏକ ରୁ ଅଧିକ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବାକୁ ସରକାର ତରଫରୁ ଘୋଷଣା ହୋଇଥିଲା। ଲକ୍ଷ ଥିଲା କମ୍ ଅର୍ଥ (୫ଟଙ୍କା )ବ୍ୟୟ କରି ଲୋକ ମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ସରକାର ଙ୍କ ଜନହିତକର କାର୍ଯ୍ୟକୁ ହାତେଇ ପାରିବେ। ସରକାର ବଦଳିବା ପରେ "ମୋ ସରକାର"ରୁ "ଆମ ସରକାର "ହେଲା। ଲକ୍ଷ୍ମୀ ବସ ରୁ "ଆମ ବସରେ "ପରିଣତ ହେଲା। ପ୍ରତି ପଂଚାୟତ ରେ ଗୋଟିଏ ଦୁଇଟି ଲେଖାଏଁ ଯାତ୍ରୀଙ୍କ ଯିବା ଆସିବା ପାଇଁ ବସ ଷ୍ଟପେଜ ପାଇଁ ସରକାର ଘୋଷଣା କଲେ। କିନ୍ତୁ ଅସ୍ତରଙ୍ଗ ବ୍ଲକ ବ୍ୟତୀତ ଅନ୍ୟ ବ୍ଲକ ତଥା ନିକଟ କାକଟପୁର ବ୍ଲକର ବିଭିନ୍ନ ପଂଚାୟତ ରେ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଧୀନ କୌଣସି ପଂଚାୟତ ରେ ବସ ଷ୍ଟପେଜ ଦେଖିବାକୁ ମିଳୁନାହିଁ ସରକାରୀ ସ୍ତରରୁ ଏପରିକି ୧ଲକ୍ଷ ରୁ ଆରମ୍ଭ କରି ୬ଲକ୍ଷ ପର୍ଯ୍ୟନ୍ତ ଯାତ୍ରୀ ବିଶ୍ରାମଗାର ନାମରେ ବ୍ୟୟ ହେବା ପାଇଁ ସରକାରୀ ସ୍ତରରେ ଘୋଷଣା ହୋଇଥିଲା। କିନ୍ତୁ କାହିଁକି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ରେ ଏହା ନିର୍ମାଣ ହୋଇନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅସ୍ତରଙ୍ଗ ବ୍ଲକ ରେ" ଆମ ବସ" ପାଇଁ ଏକ ବସଷ୍ଟାଣ୍ଡ ନଥିବାରୁ ଅସ୍ତରଙ୍ଗ ବ୍ଲକ ପାର୍ଶ୍ୱବର୍ତ୍ତୀ ଅଂଚଳ ଯଥା କେତେବେଳେ ଜାଗୁଳାଇ ପଡିଆ ତ ଆଉ କେତେବେଳେ ବ୍ଲକ ପଡିଆରେ ରହୁଛି।

● ସ୍ୱାସ୍ଥ୍ୟ କର୍ମୀଙ୍କ ମନମାନୀରେ ଚାଲିଛି କଣାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର

## ୮ବର୍ଷ ହେଲା ଗାଦି ମାଡ଼ିବସିଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ

କଣାସ,୨୮।୫(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର କୌଣସି ସରକାରୀ କର୍ମଚାରୀ ୩ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ସ୍ଥାନରେ ରହି ପାରିବେ ନାହିଁ ବୋଲି ନିୟମ ପ୍ରଣୟନ କରିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ଅବସ୍ଥାପିତ ମୁଖ୍ୟ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବି.ପି.ଓ ଧନେଶ୍ୱର ସ୍ୱାଇଁ ଦୀର୍ଘ ୮ବର୍ଷ ହେଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି। ଦୁଇ ଥର ବଦଳି ଆର୍ଦେଶ ହୋଇଥିଲେ ମଧ୍ୟ ଉପରେ କେଉଁ ବଡବାବୁଙ୍କୁ ହାତେଇଛନ୍ତି ଦୁଇଥର ଯାକ ବଦଳି ଆର୍ଦେଶ ବାତିଲି ହୋଇଯାଇଛି। ଦୀର୍ଘଦିନ ହେଲା ରହି ଆସିଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥ ସଠିକ୍ ଭାବେ ଖର୍ଚ୍ଚ କରାନଯାଇ ମିଥ୍ୟା ବିଲ୍‌ରେ ଖର୍ଚ୍ଚ ଦର୍ଶାଯାଉଥିବା ଅଭିଯୋଗ ବାରମ୍ବାର ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ରାଜ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପ୍ରାଇଭେଟ୍ ବୋଲରକୁ ଟ୍ୟାକ୍ସି ଭାବେ ଦର୍ଶା ଯାଇ ମାସିକ ଭଡାରେ ଚଳାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀ ନିରପକ୍ଷ ଭାବେ ତଦନ୍ତ କରିବେ ସ୍ୱାସ୍ଥ୍ୟ ବିଭାଗର ବହୁ ହେରେଫେରେ ଘଟଣା ଲୋକଲୋଚନକୁ ଆସିପାରିବୋଲି ବଜାରଘାଟରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିବେକ ଅନୁରାଗଙ୍କୁ ପଚାରିବାରୁ ସେ କୁହନ୍ତି ଜଣେ ୬ବର୍ଷ ରହିପାରିବ କିନ୍ତୁ ତାଙ୍କ ନାମରେ କିଛି ଅଭିଯୋଗ ନ ଥିବାରୁ ୮ବର୍ଷ ହେଲା ରହିଛନ୍ତି। ରଥଯାତ୍ରା ପରେ ବଦଳି ହେବ। ଏହି ସମ୍ପର୍କରେ ପୁରୀ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତଥୀଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ୧୧ମାସ ହେଲା ଆସିଛି ସେହି ବ୍ୟକ୍ତିଙ୍କ ନାମରେ କିଛି ଅଭିଯୋଗ ମୋପାଖରେ ନାହିଁ ଆଭିଯୋଗ ଆସିଲେ ବିଚାର କରାଯିବ।

## ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟରେ ବିଳମ୍ବ, ଲୋକେ ଅସନ୍ତୋଷ

ଫୁଲବାଣୀ,୨୮।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ହାଟ ପଦା ନିକଟ ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି ଖବର ନେବାରେ ଜଣାପଡ଼ିଛି ଯେ ଏହି ପୋଖରୀ ଦୀର୍ଘ ଦିନ ରୁ ପଙ୍କ ଉଦ୍ଧାର ହୋଇ ନ ଥିବା ରୁ ପାଣି ବ୍ୟବହାର ଉପଯୋଗୀ ହୋଇ ନାହିଁ ଯାହା ଫଳରେ ଲୋକେ ଗୋଡ଼ ଧୋଇ ବାକୁ ଘୃଣା କରନ୍ତି ଅପର ପକ୍ଷେ ବିଭିନ୍ନ ସରକାରୀ କାର୍ଯ୍ୟରେ ଏବଂ ହାଟ ବଜାର କୁ ଆସୁଥିବା ଲୋକେ ଗୋଡ଼ ହାତ ଧୋଇ ବାକୁ ପାଣି ପାଉ ନ ଥିବା ଗାଈ ଗୋରୁ ପାଣି ପିଇବାକୁ ଶୁଖିବାକୁ ବସିଲାଣି ଦେଖିବାକୁ ମିଳୁଛି ପଙ୍କ ଉଦ୍ଧାର ପାଇଁ ବାରମ୍ବାର ଅଭିଯୋଗ ପରେ ଚଳିତ ବର୍ଷ ପଞ୍ଚାୟତ ତରଫରୁ ପଙ୍କ ଉଦ୍ଧାର ପାଇଁ ଉଦ୍ୟମ କରାଯାଇଛି ଜଣେ ଠିକାଦାର କାମ ଆରମ୍ଭ କରିବାକୁ ଯୋଜନା କରି ହୁଡ଼ା ର ମାଟି ସମତଳ ଜେ ସି ବି ଦ୍ୱାରା କରାଇ ଅନାବନା ଗଛ କାଟି ସଫା କଲେ। କିନ୍ତୁ ଗତ ଏପ୍ରିଲ ମାସ କାମ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ପଙ୍କ ଉଦ୍ଧାର କରା ଯାଇନାହିଁ ବର୍ଷା ଦିନ ଆସିବା କୁ ଅଳ୍ପ ଦିନ ଥିବା ବେଳେ କେବେ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ ଠିକାଦାର ପୋଖରୀ ରେ ବର୍ଷା ପାଣି ଜମି ରହିବା ପରେ କାମ ହୋଇଥିବା ଦର୍ଶାଇ ସରକାରୀ କରିବା ଯୋଜନା କରିଛନ୍ତି ବୋଲି ସାଧାରଣ ରେ ହୋଇଯାଇଛି। ଅନ୍ୟ ପଟେ କାମର ଅଟକଳ ମୂଲ୍ୟ କେତେ ଟଙ୍କା, କିଏ କାମ କରାଉଛି, ସମସ୍ତ ତଥ୍ୟ ନାମ ଫଳକ ରେ ରହିବା ବ୍ୟବସ୍ଥା ଥିଲେ ମଧ୍ୟ ବିନା ନାମ ଫଳକ ରେ କାର୍ଯ୍ୟ କରା ଯାଇ ଥିବରୁ ଲୋକଙ୍କ ମନ ରେ ସନ୍ଦେହ ସୃଷ୍ଟି ହୁଏ ତେଣୁ ତୁରନ୍ତ ପଙ୍କ ଉଦ୍ଧାର କାର୍ଯ୍ୟ ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା କୁ ପଚାରି ବାରୁ ପଞ୍ଚାୟତ ରେ ଦିଆ ଯାଇଛି କାମ ଲେଟ୍ ହେଉଛି ମୁଁ ଦେଖୁଛି ବର୍ଷା ପୂର୍ବ ରୁ କାମ୍ ସରିଯିବ କରା ଯିବାକୁ ସାଧାରଣ ରେ ଦାବି ହେଉଛି।

